ଧରିତ୍ରୀ 52 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 9/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 47 | ମୂଲ୍ୟ ₹୭/-









କଟକ ଜିଲା କୋର୍ଟକୁ ଗୁରୁବାର ବୋମା ଧମକ ପରେ ନିକଟସ୍ଥ ଓଡ଼ିଶା ହାଇକୋର୍ଟ ପରିସରରେ କମାଣ୍ଡୋଙ୍କ ଦ୍ୱାରା ଯାଞ୍ଚ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ଭୁବନେଶ୍ୱର ତାପମାତ୍ରା ୧୦ ଡିଗ୍ରୀ ତଳେ

- ୧୯୫୨ର ତାପମାତ୍ରାକୁ ଦୋହରାଇଲା
- ପ୍ରବଳ ଥଣ୍ଡା ନେଇ ୧୧ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୮।୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ ବଢ଼ିଚାଲିଛି। ପୂର୍ବାହ୍ନ ୧୦ ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାରୁ ୫.୬ ଡିଗ୍ରୀ ସେଲ୍‌ସିଅସ୍ କମ୍ ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିଥିବା ସହ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇ ଥିଲା। ୧୯୫୨ ଜାନୁଆରୀ ୩ରେ ଭୁବନେଶ୍ୱରର ରାତି ତାପମାତ୍ରା ୯.୪ ଡିଗ୍ରୀ ସେଲ୍‌ସିଅସ୍ ରହିଥିବାବେଳେ ୧୯୯୨ ଜାନୁଆରୀ ୫ରେ ୮.୬ ଡିଗ୍ରୀ, ୨୦୦୩ ଜାନୁଆରୀ ୧୭ରେ ୯ ଡିଗ୍ରୀ ଏବଂ ୨୦୧୨ ଜାନୁଆରୀ ୧୫ରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ଜାନୁଆରୀକୁ ବାଦ୍ ଦେଲେ, ୨୦୧୮ ଡିସେମ୍ବର ୩୦ରେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା।

କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ସହରଗୁଡ଼ିକରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପାଣିପାଗ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୪ଘଣ୍ଟାରେ ୨୨ ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିଲା। ସେହିପରି ସେମିଳିଗୁଡାରେ ୩.୨ ଡିଗ୍ରୀ, ଫୁଲବାଣୀରେ ୫ ଡିଗ୍ରୀ, ରାଉରକେଲାରେ ୫.୪ ଡିଗ୍ରୀ, ଝାରସୁଗୁଡାରେ ୫.୮ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬ ଡିଗ୍ରୀ, ଭବାନୀପାଟଣାରେ ୭ ଡିଗ୍ରୀ, ନବରଙ୍ଗପୁରରେ ୭ ଡିଗ୍ରୀ, କିରେଇରେ ୭.୨ ଡିଗ୍ରୀ, ଟିଟିଲାଗଡ଼ରେ ୭.୫ ଡିଗ୍ରୀ, ଅନୁଗୋଳରେ ୭.୮ ଡିଗ୍ରୀ, କେନ୍ଦୁଝରରେ ୮ ଡିଗ୍ରୀ, ସୁନ୍ଦରଗଡ଼ରେ ୮ ଡିଗ୍ରୀ, ରାଣୀତାଲରେ ୮.୬ ଡିଗ୍ରୀ, ଢେଙ୍କାନାଳରେ ୮.୯ ଡିଗ୍ରୀ, ବଲାଙ୍ଗୀରରେ ୯ ଡିଗ୍ରୀ, ଭୁବନେଶ୍ୱରରେ ୯.୪ଡିଗ୍ରୀ, ବାଲେଶ୍ୱରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୬ ଡିଗ୍ରୀ, ରାୟଗଡାରେ ୯.୬ଡିଗ୍ରୀ, କଟକରେ ୯.୬ଡିଗ୍ରୀ, ସୋନପୁର ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ତେବେ ଏହାପରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧିପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ଓ ଶନିବାର ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଆଜିର ସମ୍ପାଦକୀୟ** ଟ୍ରମ୍ପ୍ ପ୍ରଶାସନରେ ଅସମାନତା

# କୋର୍ଟ ଉଡ଼ାଇଦେବାକୁ ଧମକ

## ହାଇକୋର୍ଟ ସମେତ କଟକ, ସମ୍ବଲପୁର, ଦେବଗଡ଼ ଜିଲା କୋର୍ଟ କାର୍ଯ୍ୟ ବ୍ୟାହତ

**ରାଜ୍ୟର ବିଭିନ୍ନ ଅଦାଲତରେ ଗୁରୁବାର ସ୍ୱାଭାବିକ ଭାବରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ କଟକ, ସମ୍ବଲପୁର ଏବଂ ଦେବଗଡ଼ ଜିଲା କୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିଥିଲା। ଏହା ଜଣାପଡ଼ିବା ପରେ ତୁରନ୍ତ ଅଦାଲତରେ ବିଚାରପତିମାନେ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ଓକିଲମାନଙ୍କୁ କୋର୍ଟ ରୁମ୍‌ରୁ ବାହାରକୁ ଚାଲିଯିବାକୁ କହିଥିଲେ। ସଙ୍ଗେ ସଙ୍ଗେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡଗ୍ ଏବଂ ଆଣ୍ଟି ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଗୃହ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ଥିତିର ସମୀକ୍ଷା କରିବାକୁ କହିଥିଲେ। ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ପରେ ଅପରାହ୍ନ ସାଢ଼େ ୨ଟାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏବଂ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସ୍ଥିତି ସୃଷ୍ଟି କଲେ ତାକୁ ନେଇ ଖୋଳତାଡ଼ ଚାଲିଛି।**

କଟକ/ସମ୍ବଲପୁର/ଦେବଗଡ଼,୮।୧ (କାର୍ତ୍ତିକ ସାହୁ/ପ୍ରମୋଦ ବହିଦାର/ ଶଶାଙ୍କ ଶେଖର ଝାଙ୍କର)

ଇ-ମେଲରେ କୋର୍ଟକୁ ବୋମା ଧମକ ଖବର ପ୍ରଚାରିତ ହେବା ପରେ ହାଇକୋର୍ଟ ସମେତ ଜିଲା କୋର୍ଟରେ ଭୟର ବାତାବରଣ ଖେଳିଯାଇଥିଲା। ଓକିଲ ଓ ମହକିଲମାନେ କୋର୍ଟ ରୁମ୍‌କୁ ଯିବା ବଦଳରେ ବାହାରକୁ ପଳାଇ ଆସିଥିଲେ। ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକମାନେ ଏଣେତେଣେ ଇତସ୍ତତଃ ହେବା ସହ ଅଜଣା ଭୟ ସମସ୍ତଙ୍କୁ ଘାରିଥିଲା। ଦୀର୍ଘ ୩ଘଣ୍ଟା ଧରି କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ଖବର ପାଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ପୋଲିସ ବାହିନୀ ସହ ହାଇକୋର୍ଟରେ ପହଞ୍ଚିଥିଲେ। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ଦ୍ୱାରା ତନ୍ନତନ୍ନ କରି ହାଇକୋର୍ଟ ପରିସରକୁ ଯାଞ୍ଚ କରାଯାଇଥିଲା। ପୋଲିସ କୋର୍ଟ ପରିସରରେ କୌଣସି ବୋମା ଆତଙ୍କ ନ ଥିବା ଓ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଘୋଷଣା କରିବା ପରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟ ୩ଜଣ ବିଚାରପତି ସେମାନଙ୍କ କୋର୍ଟରେ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଥିଲେ। ଅପରପକ୍ଷରେ, ପୋଲିସ ଡିଜି ୱାଇ. ବି. ଖୁରାନିଆ ବୋମା ଆତଙ୍କ ବାବଦରେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଛି। ☞ପୃଷ୍ଠା-୪

# ଭାରତ ଉପରେ ଲାଗିପାରେ ୫୦୦% ଟାରିଫ୍

## ବିଲ୍‌କୁ ଟ୍ରମ୍ପ୍‌ଙ୍କ ଅନୁମୋଦନ

**ଯେଉଁ ଦେଶଗୁଡ଼ିକ ରୁଷିଆରୁ ତୈଳ, ଗ୍ୟାସ୍ କିମ୍ବା ୟୁରାନିୟମ ଆମଦାନୀ ଜାରିରଖିବେ, ସେମାନଙ୍କ ଉପରେ ଆମେରିକା ୫୦୦% ଯାଏ ଟାରିଫ୍ (ଶୁଳ୍କ) ଲଗାଇବ। ଏ ସମ୍ପର୍କିତ ଏକ ବିଲ୍ 'ସାଙ୍କଶନିଂ ଅଫ୍ ରୁଷିଆ ଆକ୍ଟ ୨୦୨୫'କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଜ ସଙ୍କେତ ଦେଇଛନ୍ତି। ରୁଷିଆର ଅର୍ଥନୈତିକ ଶକ୍ତିକୁ ଦୁର୍ବଳ କରି ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏହାର ମୂଳ ଲକ୍ଷ୍ୟ। ଏହା ଭାରତ, ଚାଇନା ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ଏକ ଅସ୍ତ୍ର ଭାବେ କାମ କରିବ ବୋଲି ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ କହିଛନ୍ତି। ଉକ୍ତ ବିଲ୍ ଆସନ୍ତା ସପ୍ତାହରେ ଆମେରିକା ସିନେଟ୍‌ରେ ଭୋଟିଂ ପାଇଁ ଆସିପାରେ। ଏହା ପାସ୍ ହୋଇଗଲେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ବଜାରରେ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ। ପୂର୍ବରୁ ଆମେରିକା ଏହି ପ୍ରସଙ୍ଗରେ ଭାରତ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ୨୦୨୫ ଅଗଷ୍ଟରୁ ଟ୍ରମ୍ପ୍ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇଛି। ଏହାର ପ୍ରଭାବ ଅନେକ ଭାରତୀୟ ସାମଗ୍ରୀର ରପ୍ତାନି ଉପରେ ଗୁରୁତର ଭାବେ ପଡ଼ିଥିବାବେଳେ ଟ୍ରମ୍ପ୍‌ଙ୍କ ସଦ୍ୟ ପଦକ୍ଷେପ ଯୋଗୁ ଗୁରୁବାର ଭାରତୀୟ ଶେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୭୮୦ ପଏଣ୍ଟ ଖସିଯାଇଛି।**

ନ୍ୟୁୟର୍କ/ୱାଶିଂଟନ,୮।୧(ପି.ଟି./ଏଜେନ୍ସି)

ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପାଇଁ ଇନ୍ଧନ ସାଜିଥିବା ରୁଷୀୟ ତୈଳ କ୍ରେତାମାନଙ୍କୁ ଟାର୍ଗେଟକରି ଆଗତ ଏକ ଦ୍ୱିଦଳୀୟ ବିଲ୍‌କୁ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନୁମୋଦନ କରିଛନ୍ତି। ରୁଷିଆ ସାଙ୍କଶନ୍ସ ବିଲ୍ ଶୀର୍ଷକ ଉକ୍ତ ବିଧେୟକ ଅନୁସାରେ ଭାରତ, ଚାଇନା ଓ ବ୍ରାଜିଲ ସମେତ ମସ୍କୋର ବାଣିଜ୍ୟିକ ସହଯୋଗୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଆମଦାନୀ ଶୁଳ୍କ କଷାଯାଇପାରେ। ରୁଷିଆଠାରୁ ଶସ୍ତାରେ ତୈଳ ଓ ୟୁରାନିୟମ୍ ଆମଦାନୀକୁ ରୋକିବା ପାଇଁ ଏହି ବିଲ୍‌ରେ ଟ୍ରମ୍ପ୍‌ଙ୍କୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି।

ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ ବୁଧବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ବେଳେ ଉଭୟଙ୍କ ମଧ୍ୟରେ ରୁଷିଆ ସାଙ୍କସନ୍ସ ବିଲ୍ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଟ୍ରମ୍ପ୍ ଉକ୍ତ ବିଧେୟକକୁ ସବୁଜ ସଙ୍କେତ ଦେଇଥିବା ଲିଣ୍ଡସେ ସାମାଜିକ ଗଣମାଧ୍ୟମ ମଞ୍ଚ Xରେ ସୂଚନା ଦେଇଛନ୍ତି। ଲିଣ୍ଡସେ କହିଛନ୍ତି, ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିରୀହମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି। ଏଭଳି ସମୟରେ ରୁଷିଆଠାରୁ ଶସ୍ତାରେ ତୈଳ କିଣି ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ଇନ୍ଧନ ଯୋଗାଉଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ କ୍ଷମତା ପ୍ରଦାନକାରୀ ବିଧେୟକ ଅଣାଯାଇଛି। ଉକ୍ତ ବିଲ୍ ଉପରେ ଅନେକ ମାସ ଧରି ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଆସନ୍ତା ସପ୍ତାହରେ ଏହି ଶକ୍ତିଶାଳୀ ବିଲ୍ ଉପରେ ଭୋଟିଂ ହୋଇପାରେ। ଲିଣ୍ଡସେ ଏବଂ ଡେମୋକ୍ରାଟିକ୍ ସିନେଟର ରିଚାର୍ଡ ବ୍ଲୁମେନ୍ଥାଲଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍ ପାରିତ ହେଲେ ଚାଇନା, ଭାରତ ଓ ବ୍ରାଜିଲ ଭଳି ଦେଶ ବିରୋଧରେ ଟ୍ରମ୍ପ୍ ୫୦୦% ଟାରିଫ୍ କଷିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାଦ୍ୱାରା ମସ୍କୋର ଆର୍ଥିକ ମେରୁଦଣ୍ଡ ଏକପ୍ରକାର ଦୋହଲିଯିବ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ୍ ପ୍ରଶାସନର ଶାନ୍ତି ଉଦ୍ୟମରେ ଏହା ବିଶେଷ ସହାୟକ ହେବ ବୋଲି ଆଶା ☞ପୃଷ୍ଠା-୪

# ଆଉ ସାଢ଼େ ୪ଲକ୍ଷ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ମାର୍ଚ୍ଚ ୮ରେ ଚତୁର୍ଥ କିସ୍ତି**

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ)

ଚଳିତ ମାସ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା। ଏମାନଙ୍କ ମଧ୍ୟରେ ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାମାନେ ସାମିଲ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ହୋଇଥିଲା। ପୂର୍ବରୁ ବାଦ୍ ପଡିଥିବା ୨,୫୫,୨୬୫ଜଣଙ୍କୁ ଯାଞ୍ଚପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବର ମାସରେ ନୂଆ ହିତାଧୀକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯୋଜନାରେ ନୂଆ କରି ୧,୭୮,୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ନୂଆ ହିତାଧିକାରୀଙ୍କୁ ୫୦୦୦ ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଛି। ତେଣୁ ୪,୫୭,୬୮୧ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରିବାକୁ ଥିବା ଚତୁର୍ଥ କିସ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଯୋଗ୍ୟ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି।

# ଚଢ଼ାଉ ବେଳେ ଇଡି-ମମତା ମୁହାଁମୁହିଁ

- ତଦନ୍ତ ନାଁରେ ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି: ମମତା
- ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି, ଶୁଣାଣି ଆଜି

କୋଲକାତା,୮।୧

ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଚଢ଼ାଉ ବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। କୋଲକାତାସ୍ଥିତ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଏହାର ଦୃଢ଼ ବିରୋଧ କରିଛନ୍ତି। ଆଇ-ପିଏସି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ପରିଚାଳନା କରୁଥିବାରୁ ଦଳର ରଣନୀତି ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସମ୍ବଳିତ ହାର୍ଡ ଡିସ୍କ



ଏବଂ ଆଭ୍ୟନ୍ତରୀଣ ଦସ୍ତାବିଜଗୁଡ଼ିକୁ ଜବତ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି।

ବେଆଇନ କୋଇଲା ଖଣି ଖନନ ପ୍ରସଙ୍ଗରେ ୨୦୨୦ରେ ଏଫ୍‌ଆଇଆର୍ ହୋଇଥିଲା। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଏହାର ତଦନ୍ତ ପାଇଁ ଇଡି ଅଧିକାରୀମାନେ ଗୁରୁବାର ପଶ୍ଚିମବଙ୍ଗର ୬ ଓ ଦିଲ୍ଲୀର ୪ ସ୍ଥାନରେ ସକାଳ ୬ଟାରେ ଚଢ଼ାଉ କରିଥିଲେ। ଏହି ତଲାସି ଅଭିଯାନ ୯ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏଥିରେ ଆଇ-ପିଏସି ମୁଖ୍ୟ ପ୍ରତୀକ ଜୈନଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ଇଡି ତାଙ୍କ ଅଫିସରେ ଚଢ଼ାଉ କରିବାବେଳେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ☞ପୃଷ୍ଠା-୪

# ଆନ୍ଦୋଳନ ସ୍ଥଗିତ ରଖିଲା ଓମ୍‌ସା

## ଆଜିଠୁ ସ୍ୱାଭାବିକ ହେବ ଓପିଡି ସେବା

ଭୁବନେଶ୍ୱର,୮।୧(ବନ୍ଦନା ସେଠୀ)

ଡାକ୍ତରଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖିଛି ଓଡିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା)। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ସେବା ସ୍ୱାଭାବିକ ହେବ ବୋଲି ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ୧୦ଦଫା ଦାବିନେଇ ଗତ ୫ତାରିଖରୁ ଓମ୍‌ସା ଅଧୀନରେ ଥିବା ୬ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ୨ଘଣ୍ଟିଆ ଓପିଡି ସେବା ବନ୍ଦ କରି ଆନ୍ଦୋଳନ ଚଳାଇଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବାରୁ ଡାକ୍ତରଙ୍କ ଆନ୍ଦୋଳନ ବନ୍ଦ କରିବାକୁ ଏସ୍ମା ଲାଗୁ ☞ପୃଷ୍ଠା-୪

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର କନ୍ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ମିଲିନ୍ଦ ସୁଧାକର ମରାଠେ ଏବଂ ଭାରତରେ କାତାର ରାଷ୍ଟ୍ରଦୂତ ଥିବା ମହମ୍ମଦ ହାସନ ଜବିର ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ୬୬ ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଲା ଆମେରିକା

**ଜାତିସଂଘ/ୱାଶିଂଟନ୍,୮।୧(ରଏଟର୍ସ/ପି.ଟି.)**

ଆମେରିକା ୬୬ଟି ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଯାଇଛି। ସେଥିରୁ ୩୧ ସଂସ୍ଥା ଜାତିସଂଘ ଅଧୀନରେ ଥିବାବେଳେ ୩୫ଟି ଅନ୍ୟ ବୈଶ୍ୱିକ ଅନୁଷ୍ଠାନ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି କ୍ରମେ ଏହି ପଦକ୍ଷେପ ନିଆଯାଇଛି। ଭାରତ-ଫ୍ରାନ୍ସ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସ ସମେତ ଏହି ସଂସ୍ଥାଗୁଡ଼ିକୁ ଟ୍ରମ୍ପ 'ଅନାବଶ୍ୟକ' ଓ 'ଆମେରିକାର ସ୍ୱାର୍ଥ ପରିପନ୍ଥୀ' ବୋଲି ଅଭିହିତ କରିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ ବୁଧବାର 'ୱିଥ୍‌ଡ୍ରଇଂ ଦି ୟୁନାଇଟେଡ୍ ଷ୍ଟେଟ୍ସ ଫ୍ରମ୍ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ୍ସ ଆଣ୍ଡ ଟ୍ରିଟିଜ୍‌ଦ୍ୟାଟ୍‌ଆର୍‌କଣ୍ଟ୍ରାରି ଟୁଦିଇଣ୍ଟ୍ରେଷ୍ଟ୍ସ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ' ଶୀର୍ଷକ ଏକ ମେମୋରାଣ୍ଡମ୍‌ରେ ସ୍ୱାକ୍ଷର କରିଛନ୍ତି। ଏହା ପରେ ଟ୍ରମ୍ପ କହିଛନ୍ତି, ଆମେରିକାର ସ୍ୱାର୍ଥ ବିରୋଧୀ ୬୬ଟି ଜାତିସଂଘ ଓ ଅଣଜାତିସଂଘ ସଂସ୍ଥାକୁ ୱାଶିଂଟନ ଆଉ ସମର୍ଥନ ଦେବନାହିଁ କି ସେଗୁଡ଼ିକରେ ସଦସ୍ୟ ରହିବ ନାହିଁ। ଏହି ସଂସ୍ଥାଗୁଡ଼ିକ ଆମେରିକାର ଜାତୀୟ ସ୍ୱାର୍ଥ, ନିରାପତ୍ତା, ଅର୍ଥନୈତିକ ସମୃଦ୍ଧି ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ କରୁଥିବା ହ୍ୱାଇଟ୍ ହାଉସ୍ ସୂତ୍ରରୁ କୁହାଯାଇଛି। ତଦନୁସାରେ ଟ୍ରମ୍ପ ସମସ୍ତ କାର୍ଯ୍ୟନିର୍ବାହୀ ବିଭାଗ ଓ ଏଜେନ୍ସିଗୁଡ଼ିକୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତିସଂଘ ସଂସ୍ଥାଗୁଡ଼ିକରୁ ଆମେରିକା ଓହରିଯିବାର ତାତ୍ପର୍ଯ୍ୟ ହେଉଛି ସେଗୁଡ଼ିକୁ ୱାଶିଂଟନ୍ ଆଉ କୌଣସି ପାଣ୍ଠି ଯୋଗାଇବ ନାହିଁ।

ଉକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ରହିଛି ଇଣ୍ଟରନ୍ୟାଶନାଲ ସୋଲାର ଆଲାଏନ୍ସ (ଆଇଏସ୍‌ଏ), ଯାହାକି ଭାରତ ଓ ଫ୍ରାନ୍ସ ସମନ୍ୱୟରେ ଗଠିତ। ସୌର ଶକ୍ତି ସମାଧାନକୁ କାର୍ଯ୍ୟକାରୀ କରି ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ମିଳିତ ଉଦ୍ୟମ ଚଳାଇବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତରେ ମୁଖ୍ୟାଳୟ ଥିବା ଆଇଏସ୍‌ଏର ଆରମ୍ଭ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପ୍‌୨୧) ବେଳେ କରାଯାଇଥିଲା। ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏଥିରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଆଇଏସ୍‌ରେ ଶତାଧିକ ଦେଶ ଥିବାବେଳେ ୯୦ରୁ ଅଧିକ ରାଷ୍ଟ୍ର ପୂର୍ଣ୍ଣ ସଦସ୍ୟତା ପାଇଁ ଆବେଦନ କରିଛନ୍ତି। ୨୦୩୦ ସୁଦ୍ଧା ଟେକ୍ନୋଲୋଜି ଓ ବ୍ୟୟ ହ୍ରାସ ଜରିଆରେ ୧ ଟ୍ରିଲିୟନ୍ ଅମେରିକୀୟ ଡଲାର ସୌର ନିବେଶ କରିବା ପାଇଁ ଏହି ମିଶନରେ ଲକ୍ଷ୍ୟ ରଖାଯାଇଛି। ଏଥିରୁ ଆମେରିକା ଓହରିଯିବା ଭାରତ ଓ ଫ୍ରାନ୍ସ ସମେତ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ବଡ଼ ଝଟକା ବୋଲି ମନେକରାଯାଉଛି।

ଆମେରିକା ୟୁଏନ୍ ଓମେନ୍, ୟୁଏନ୍ ପପୁଲେଶନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ)ରୁ ମଧ୍ୟ ଓହରିଛି। ଜାତିସଂଘର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପ ପ୍ରଶାସନ ଓହରିଯାଇଥିବା ସଂସ୍ଥାଗୁଡ଼ିକର ସମ୍ପୂର୍ଣ୍ଣ ତାଲିକାକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦିଆଯିବ।

## ସ୍ତ୍ରୀ, ୨ ଝିଅଙ୍କୁ ହତ୍ୟାକରି ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଚଣ୍ଡିଗଡ଼,୮।୧**

ପଞ୍ଜାବର ଫିରୋଜପୁରରେ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ମିଳିଛି। ପରିବାରର ମୁଖ୍ୟ ଅମନଦୀପ୍ ସିଂ ଜଣେ ବ୍ୟବସାୟୀ। ସେ ଏକ ଲାଇସେନ୍ସପ୍ରାପ୍ତ ରିଭଲଭରରେ ତାଙ୍କ ସ୍ତ୍ରୀ ଓ ୨ ନାବାଳିକା ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତକ ହେଲେ ଅମନଦୀପ, ସ୍ତ୍ରୀ ଯଶବୀର କୌର, ଝିଅ ମନବୀର କୌର(୧୦) ଏବଂ ପରମିତ୍ କୌର(୬)। ସେମାନେ ଫିରୋଜପୁରର ହର୍‌ମାନ ନଗର ଅଞ୍ଚଳରେ ରହୁଥିଲେ। ଅମନଦୀପ ଜମିଜମା ବ୍ୟବସାୟ ଏବଂ ନିର୍ମାଣ ବ୍ୟବସାୟରେ ସମ୍ପୃକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଏକ ବିଉଟିପାର୍ଲର ଚଳାଉଥିଲେ।

## ସିପିଏମ୍ ନେତାଙ୍କୁ ହତ୍ୟା ମାମଲା ଆର୍‌ଏସ୍‌ଏସ୍-ଭାଜପାର ୭ କର୍ମୀଙ୍କୁ ଆଜୀବନ ଜେଲ

**କନ୍ନୁର(କେରଳ),୮।୧**

କେରଳର ଜଣେ ସ୍ଥାନୀୟ ସିପିଆଇ(ଏମ୍) ନେତାଙ୍କୁ ହତ୍ୟା ମାମଲାରେ ଥାଲାସେରିର ଏକ ଅଦାଲତ ଆର୍‌ଏସ୍‌ଏସ୍-ଭାଜପାର ୭ ଜଣ କର୍ମୀଙ୍କୁ ଗୁରୁବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୁମିଥ ଓରଫ କୁଟ୍ଟନ, କେ.କେ. ପ୍ରଜେଶ ବାବୁ, ବି.ନିଧିନ, କେ ସାନାଲ, ସ୍ମିଜୋଶ, ସାଜିଶ ଏବଂ ଭି. ଜୟେଶଙ୍କୁ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ବିମଲ ଜେ. ଦୋଷୀସାବ୍ୟସ୍ତ କରିଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ଅଷ୍ଟମ ଅଭିଯୁକ୍ତ କେ. ଆଜିଥଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଶତ୍ରୁତାରୁ ୨୦୦୮ ଡିସେମ୍ବର ୩୧ରେ ସିପିଆଇ(ଏମ୍)ର ସ୍ଥାନୀୟ ନେତା ଲାଥିଶଙ୍କୁ ଥାଲାସେରିର ଥାଲାୟୀ ଅଞ୍ଚଳରେ ହତ୍ୟା କରାଯାଇଥିଲା ଓ ଆକ୍ରମଣରେ ତାଙ୍କ ବନ୍ଧୁ ଆହତ ହୋଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦଙ୍ଗା, ବେଆଇନ ଭାବେ ନିୟନ୍ତ୍ରଣ କରିବା, ଧମକ ଦେବା, ଷଡ଼ଯନ୍ତ୍ର ଏବଂ ହତ୍ୟା ଓ ହତ୍ୟା ଉଦ୍ୟମ ଆଦି ଆଇପିସିର ବିଭିନ୍ନ ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଆଇନରେ ମାମଲା ରୁଜୁ ହୋଇଥିଲା। ୨୦୨୦ ଜାନୁଆରୀ ୭ରୁ ବିଚାର ଆରମ୍ଭ ହୋଇଥିଲା।

# ଆମେରିକା କବ୍‌ଜାରେ ୨ ରୁଷୀୟ ତୈଳ ଟ୍ୟାଙ୍କର

**ୱାଶିଂଟନ୍,୮।୧**

ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ କାରାକାସ୍ ଏବଂ ଏହାର ସମର୍ଥକ ମସ୍କୋ ଉପରେ ଚାପ ବୃଦ୍ଧି ପାଇଁ ଆମେରିକା ସେନା ୨ଟି ରୁଷୀୟ ତୈଳ ଟ୍ୟାଙ୍କରକୁ ନିଜ କବ୍‌ଜାକୁ ନେଇଛି। ସେଥିରୁ ଗୋଟିଏକୁ ଉତ୍ତର ଆଟ୍‌ଲାଣ୍ଟିକ୍ ଓ ଅନ୍ୟଟିକୁ କାରିବିଆନ୍‌ରେ କାବୁ କରାଯାଇଥିବା ବୁଧବାର ଆମେରିକୀୟ ସାମରିକ ଅଧିକାରୀମାନେ ସୂଚନା ଦେଇଛନ୍ତି। ଜବତ ତୈଳ ଟ୍ୟାଙ୍କର 'ମାରିନେରା'ରେ ୩ ଭାରତୀୟଙ୍କ ସମେତ ୨୮ କର୍ମଚାରୀ ରହିଥିବା ରୁଷିଆ ଗୁରୁବାର କହିଛି। ସମସ୍ତ କ୍ରିଉ ସଦସ୍ୟଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଏବଂ ମାନବୀୟ ବ୍ୟବହାର ଦେଖାଇବା ସହ ଯଥାଶୀଘ୍ର ସମ୍ଭବ ସେମାନଙ୍କୁ ମୁକ୍ତ କରିଦେବା ପାଇଁ ମସ୍କୋ ୱାଶିଂଟନକୁ କହିଛି। ୨ଟି ଯାକ ଟ୍ୟାଙ୍କରରେ ଅଶୋଧିତ ତୈଳ ବୋଝେଇ ହୋଇଥିଲା। ତହିଁରୁ ଗୋଟିଏ ତୈଳ ଟ୍ୟାଙ୍କରରେ ରୁଷୀୟ ପତାକା ଲାଗିଥିଲା, ଯାହାକୁ ଆମେରିକୀୟ ସୈନ୍ୟ କାଢ଼ି ଦେଇଛନ୍ତି। ଆମେରିକୀୟ ସୁରକ୍ଷା ବଳ ନର୍ଥ ଆଟ୍‌ଲାଣ୍ଟିକ୍‌ର ସ୍କଟ୍‌ଲାଣ୍ଡ ଓ ଆଇସ୍‌ଲାଣ୍ଡ ମଧ୍ୟଦେଇ ଯାତ୍ରା କରୁଥିବାବେଳେ ଉକ୍ତ ଟ୍ୟାଙ୍କରକୁ ଦଖଲ କରିଛନ୍ତି। ଅନ୍ୟ ଏକ ବିବୃତିରେ କୁହାଯାଇଛି ଯେ, କଟକଣା ଜାରି କରାଯାଇଥିବା

### ଟ୍ୟାଙ୍କରରେ ଅଛନ୍ତି ୩ ଭାରତୀୟ

ଏକ ଡାର୍କ ଫ୍ଲିଟ୍ ମୋଟର ଟ୍ୟାଙ୍କରକୁ ଜବତ କରାଯାଇଛି। ବେଆଇନ କାର୍ଯ୍ୟକଳାପରେ ଜଡ଼ିତ ଏମ୍/ଟି ସୋଫିଆ ଅନ୍ତର୍ଜାତୀୟ ଜଳସୀମା ଅତିକ୍ରମ କରି ଯାଉଥିବାବେଳେ ତାକୁ କାବୁ କରାଯାଇଥିଲା। ଏମ୍/ଟି ସୋଫିଆକୁ ଆମେରିକାକୁ ଏସ୍କର୍ଟ କରି ନିଆଯାଉଛି। ଆମେରିକୀୟ ବଳ ଉକ୍ତ ଜାହାଜରେ ରହିଛନ୍ତି। ୟୁଏସ୍ ୟୁରୋପୀୟ କମାଣ୍ଡ ମାର୍ଚ୍ଚେଣ୍ଟ ଭେସେଲ୍ ବେଲ୍ଲା ୧କୁ କାବୁ କରିଥିବା ବିଷୟ ଏକ ସୋସିଆଲ ମିଡିଆ ପୋଷ୍ଟରେ ଘୋଷଣା କରିଛି। ଆମେରିକା ଗତ ମାସରୁ ଏହି ଟ୍ୟାଙ୍କକୁ ପିଛା କରୁଥିଲା। ତେବେ ଉଭୟ ଜାହାଜ ଶେଷଥର ପାଇଁ ଭେନେଜୁଏଲାରେ ରହିଥିଲା କିମ୍ବା ସେଠାକୁ ଯାଉଥିଲା ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ସଚିବ କ୍ରିଷ୍ଟି ନୋଏମ୍ କହିଛନ୍ତି। ପାଶ୍ଚାତ୍ୟର କଟକଣାକୁ ଅବଜ୍ଞା କରି ରୁଷିଆ, ଇରାନ୍ ଓ ଭେନେଜୁଏଲାରୁ ଏସିଆରେ ଥିବା ଗ୍ରାହକମାନଙ୍କୁ ୨ଟି ଯାକ ଜାହାଜରେ ତୈଳ ଯୋଗାଣ କରାଯାଉଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକା ଶକ୍ତି ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ଏକ ପଲିସି ରିପୋର୍ଟ ଅନୁସାରେ ଟ୍ରମ୍ପ ପ୍ରଶାସନ ଭେନେଜୁଏଲା ତୈଳକୁ ବିଶ୍ୱ ବଜାରରେ ବିକ୍ରି ପାଇଁ ନିର୍ଦ୍ଦିଷ୍ଟ ଭାବେ କଟକଣା ହଟାଇବାରେ ଲାଗିଛି। ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲାରୁ ୩୦-୫୦ ନିୟୁତ ବ୍ୟାରେଲ ତୈଳ ବିକ୍ରୟ ତତ୍କାଳ ଆରମ୍ଭ ହେବାକୁ ଯାଉଛି। ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆମେରିକା ସରକାର ସ୍ପଷ୍ଟ କରିଛନ୍ତି। ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କଗୁଡ଼ିକରେ ଆମେରିକା ଦ୍ୱାରା ପରିଚାଳିତ ଆକାଉଣ୍ଟଗୁଡ଼ିକ ଜରିଆରେ ଏହି କାରବାର କରାଯିବ। ପରେ ଉକ୍ତ ଅର୍ଥକୁ ଆମେରିକାକୁ ପଠାଯିବ। ସେଠାରୁ ଟ୍ରମ୍ପ ପ୍ରଶାସନର ଅନୁମତି କ୍ରମେ ଭେନେଜୁଏଲାର ଲୋକଙ୍କ ପାଇଁ ଖର୍ଚ୍ଚ କରାଯିବ। ଉଲ୍ଲେଖଯୋଗ୍ୟ, ଗତ ୩ ତାରିଖରେ ଆମେରିକା ସେନା କାରାକାସରେ ଏୟାର ଷ୍ଟ୍ରାଇକ୍ କରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିନେଇଥିଲା। ଉପଯୁକ୍ତ ଏବଂ ସୁରକ୍ଷିତ କ୍ଷମତା ହସ୍ତାନ୍ତର ହେବା ପର୍ଯ୍ୟନ୍ତ ଭେନେଜୁଏଲାରେ ଆମେରିକା ଶାସନ ଚଳାଇବ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ରୁଷିଆ ନିନ୍ଦା କରିଥିଲା। ସଦ୍ୟ ଘଟଣାକ୍ରମ ୱାଶିଂଟନ୍ ଓ ମସ୍କୋକୁ ମୁହାଁମୁହିଁ ସ୍ଥିତିକୁ ଟାଣିଆଣିଛି।




## ଭେନେଜୁଏଲା ତୈଳ ରପ୍ତାନିକୁ ଅନିର୍ଦ୍ଦିଷ୍ଟ କାଳ ନିୟନ୍ତ୍ରଣ କରିବ ଆମେରିକା

**ୱାଶିଂଟନ,୮।୧**

ଭେନେଜୁଏଲାର ତୈଳ ରପ୍ତାନିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଜ ନିୟନ୍ତ୍ରଣରେ ରଖିବ ବୋଲି ଆମେରିକା କହିଛି। ଭବିଷ୍ୟତରେ ଭେନେଜୁଏଲା ତୈଳ ବିକ୍ରିକୁ ନିୟନ୍ତ୍ରଣରେ ରଖିବା ସହ ପ୍ରାପ୍ତ ରାଶିକୁ ଆମେରିକା ଆକାଉଣ୍ଟରେ ରଖିବା ପାଇଁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଯୋଜନା କରିଥିବା ଏହାର ଶକ୍ତି ସଚିବ କ୍ରିସ୍ ରାଇଟ୍ କହିଛନ୍ତି। ଆମେ ଉକ୍ତ ତୈଳକୁ ଗଚ୍ଛିତ ରଖି ବିକ୍ରି କରିବୁ। ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭେନେଜୁଏଲା ତୈଳକୁ ବିକ୍ରି କରିବୁ ବୋଲି ମିଆମିଠାରେ ଗୋଲ୍ଡମ୍ୟାନ୍ ସ୍ୟାଚ୍ କନ୍‌ଫରେନ୍ସରେ ରାଇଟ୍ କହିଛନ୍ତି। ଭେନେଜୁଏଲାର ନଷ୍ଟ ହେବାକୁ ବସିଥିବା ତୈଳ ଭିତ୍ତିଭୂମିର ପୁନଃ ନିର୍ମାଣରେ ଆମେରିକୀୟ ଶକ୍ତି କମ୍ପାନୀଗୁଡ଼ିକୁ ପ୍ରବେଶ କରାଇ ସେଠାରେ ଉତ୍ପାଦନ ବଢ଼ାଇବାକୁ ଆମେରିକା ଚାପ ପକାଉଛି। ସେଠାର ତୈଳ ସେକ୍ଟର ଉପରେ ପୂର୍ବରୁ ଲଗାଇଥିବା କଟକଣାକୁ ପ୍ରତ୍ୟାହାର କରାଯାଉଛି। ଭେନେଜୁଏଲାର ଏହାର ୫୦ ନିୟୁତ ବ୍ୟାରେଲ ତୈଳ ଆମେରିକାକୁ ବିକ୍ରି ପାଇଁ ଛାଡ଼ିଦେବ ବୋଲି ଆମେରିକା କହିଛି।

## ହିନ୍ଦୁ କର୍ମୀ ଦୀପୁ ଦାସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଢାକା,୮।୧**

ବାଂଲାଦେଶରେ ହିନ୍ଦୁ କର୍ମୀ ଦୀପୁ ଦାସଙ୍କୁ ପିଟି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ମଦ୍ରାସାର ପୂର୍ବତନ ଶିକ୍ଷକ ୟାସିନ ଆରାଫତ୍‌ଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଗିରଫ କରାଗଲାଣି ବୋଲି ବାଂଲାଦେଶ ପୋଲିସ କହିଛି। ଗତ ମାସ ୧୮ ତାରିଖରେ ମିମେନ୍‌ସିଂ ଜିଲାର ସ୍କୋୟାର ମାଷ୍ଟରବାରି ଅଞ୍ଚଳରେ ହିନ୍ଦୁ ଯୁବକ ଦୀପୁଙ୍କୁ ଉତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ୨୫ ବର୍ଷୀୟ ୟାସିନ୍ ଏହି ଭିଡ଼ ହିଂସାର ନେତୃତ୍ୱ ନେଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। ସେ ଶେଖବାରି ମସ୍‌ଜିଦର ଇମାମ ରହିବା ସହ ୧୮ ମାସ ହେଲା ଏକ ମଦ୍ରାସାରେ ପାଠ ପଢ଼ାଉଥିଲେ।

## ଗୋରୁ ଚୋରି ଅଭିଯୋଗରେ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା

**ରାଞ୍ଚି,୮।୧**

ଝାଡ଼ଖଣ୍ଡର ଗୋଡା ଜିଲାରେ ଗୋରୁ ଚୋରି ସନ୍ଦେହରେ ଜଣେ ୪୫ ବର୍ଷୀୟ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ପୋରାୟାହାଟ ଥାନା ଅନ୍ତର୍ଗତ ମାତିହାନି ଗ୍ରାମରେ ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତକ ରାନିପୁର ଗ୍ରାମର ପପ୍ପୁ ଅନ୍‌ସାରୀ ବୋଲି ଜଣାପଡିଛି। ଆକ୍ରମଣକାରୀମାନେ ପପ୍ପୁଙ୍କ ବିରୋଧରେ ଗୋରୁ ଚୋରି ଅଭିଯୋଗ ଆଣିଥିଲେ।

# ଭାରତୀୟ ଏଆଇ ଷ୍ଟାର୍ଟଅପ୍ ବୈଶ୍ୱିକ ନେତୃତ୍ୱ ଦିଗରେ କାମ କରନ୍ତୁ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଭାରତ ଉପରେ ବିଶ୍ୱର ବିଶ୍ୱାସ ହେଉଛି ଏହାର ସବୁଠୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲଗୁଡ଼ିକ ଯେପରି ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ଡାଟା ପ୍ରିଭେସି ସିଦ୍ଧାନ୍ତ ଆଧାରିତ ହେବ ତାହା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଠାରୁ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ନେତୃତ୍ୱ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଭାରତ ସାରା ବିଶ୍ୱରେ ଶସ୍ତା ଏବଂ ଇନ୍‌କ୍ଲୁସିଭ୍ ଏଆଇ ଏବଂ ମିତବ୍ୟୟୀ ନବପ୍ରବର୍ତ୍ତନର ପ୍ରସାର କରିପାରିବ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟି, ୨୦୨୬ ପୂର୍ବରୁ ଭାରତୀୟ ଆଇଟି ଷ୍ଟାର୍ଟଅପ୍‌ମାନଙ୍କ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଏଭଳି ପରାମର୍ଶ ଦେଇଛନ୍ତି। ଭାରତୀୟ ଏଆଇ ମଡେଲ ସ୍ୱତନ୍ତ୍ର ହେବା ସହ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାର ପ୍ରୋତ୍ସାହନ କରୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ଏଆଇ ଫର୍ ଅଲ୍: ଗ୍ଲୋବାଲ ଇମ୍ପାକ୍ଟ ଚ୍ୟାଲେଞ୍ଜ' ସମିଟ୍‌ରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୧୨ଟି ଭାରତୀୟ ଏଆଇ ଷ୍ଟାର୍ଟଅପ୍ ଉକ୍ତ ବୈଠକରେ ଉପସ୍ଥିତ ରହି ସେମାନଙ୍କ ଚିନ୍ତାଧାରା ଓ କାର୍ଯ୍ୟ ସମ୍ପର୍କରେ କହିଥିଲେ।




ବହୁ କୋଟି ଟଙ୍କା କୋଇଲା ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗକୁ ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ-ପିଏସିର କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଉପରେ ଚଢ଼ାଉ କରିଥିବାରୁ ଟିଏମ୍‌ସି କର୍ମୀମାନେ ଏହାର ପ୍ରତିବାଦରେ ଗୁରୁବାର କୋଲକାତାରେ ବିକ୍ଷୋଭ କରୁଛନ୍ତି।

**ଫୁରସତ୍**

# ବାମନଙ୍କ ଗାଁ

ଏଭଳି ଏକ ଗାଁ, ଯାହାକୁ ପଡ଼ୋଶୀ ଗାଁଗୁଡ଼ିକର ଲୋକେ 'ଅଭିଶପ୍ତ ଗାଁ'ର ଆଖ୍ୟା ଦେଇଥାନ୍ତି। କାରଣ ଏହି ଗାଁର ପ୍ରାୟ ଅଧା ଲୋକଙ୍କ ଉଚ୍ଚତା ୪ଫୁଟ୍‌ରୁ କମ୍ ହୋଇଥାଏ। ଏପରିକି ଏହି ଗାଁକୁ ମଧ୍ୟ ବାମନଙ୍କ ଗାଁ କୁହାଯାଇଥାଏ। 'ୟାଙ୍ଗସି' ନାମରେ ପରିଚିତ ଉକ୍ତ ଗ୍ରାମଟି ଚାଇନାର ସିଚୁଆନ ପ୍ରଦେଶରେ ଅବସ୍ଥିତ। ଏହି ଗାଁର ୫୦ ପ୍ରତିଶତ ଲୋକ ବାମନ। ଏଠାରେ ଜନ୍ମିତ ପିଲାମାନଙ୍କ ଉଚ୍ଚତା ୫ରୁ ୭ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ିଥାଏ। ସାତ ବର୍ଷ ବୟସ ପରେ ଏହା ବନ୍ଦ ହୋଇଯାଏ। ତେବେ ଏଠାରେ ଯୁବକମାନଙ୍କ ଉଚ୍ଚତା କେବଳ ୨ ଫୁଟ୍‌ରୁ ୩ ଫୁଟ୍ ୧୦ ଇଞ୍ଚ ମଧ୍ୟରେ ରହିଥାଏ। ତଥାପି କିଛି ପିଲାଙ୍କ ଉଚ୍ଚତା ୧୦ ବର୍ଷ ବୟସ ପର୍ଯ୍ୟନ୍ତ ବଢୁଥିବା ଏବେ ଦେଖାଯାଉଛି। ପଡ଼ୋଶୀ ଗାଁଗୁଡ଼ିକର ଲୋକେ ବିଶ୍ୱାସ କରନ୍ତି ଯେ, ୟାଙ୍ଗସି ଗାଁକୁ ଏକ ଦୁଷ୍ଟ ଆତ୍ମା ଗ୍ରାସ କରିଛି। ଏହି କାରଣରୁ ଏଠାକାର ଲୋକଙ୍କ ଉଚ୍ଚତା ଅଧିକ ବଢ଼ି ପାରୁନାହିଁ। ଅନ୍ୟ ଏକ ବିଶ୍ୱାସ ରହିଛି ଯେ, ଏହି ଗାଁ ପ୍ରାଚୀନ କାଳରୁ ଅଭିଶାପପ୍ରାପ୍ତ, ଯାହାର ପ୍ରଭାବ ଲୋକଙ୍କ ଉଚ୍ଚତା ଉପରେ ପଡ଼େ। ତେବେ ଏହାର ପ୍ରକୃତ କାରଣ ଜାଣିବାରେ ବୈଜ୍ଞାନିକମାନେ ମଧ୍ୟ ସକ୍ଷମ ହୋଇନାହାନ୍ତି।



ରିପୋର୍ଟ ଅନୁଯାୟୀ, ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି, ଦଶନ୍ଧି ପୂର୍ବରୁ ଗାଁରେ ଏକ ବିପଜ୍ଜନକ ରୋଗ ବ୍ୟାପିଥିଲା। ଏହି କାରଣରୁ ଗାଁର ପିଲାମାନଙ୍କ ଉଚ୍ଚତା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଆଉ ବୃଦ୍ଧି ପାଉନାହିଁ। ସୂଚନାଯୋଗ୍ୟ, ଏହି ଗାଁରେ ୬୦ ବର୍ଷରୁ ଅଧିକ ଦିନ ହେଲା ଲୋକଙ୍କ ଉଚ୍ଚତା ଅଧିକ ହେଉନାହିଁ। ଏହି ଗାଁ ସମ୍ପର୍କରେ ବିଭିନ୍ନ ଗବେଷଣା ମଧ୍ୟ କରାଯାଇଛି। ତା'ସତ୍ତ୍ୱେ ବୈଜ୍ଞାନିକମାନେ ଏହାର ପ୍ରକୃତ କାରଣ ଖୋଜିପାଇପାରି ନାହାନ୍ତି। ତେବେ କେତେଜଣ ବୈଜ୍ଞାନିକ ଗାଁର ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରିବା ପରେ କହିଛନ୍ତି, ଏଠାକାର ମାଟିରେ ପାରଦର ଉଚ୍ଚ ସ୍ତର ରହିଛି। ଏହା ଏକ କାରଣ ହୋଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ଅପରପକ୍ଷେ, କିଛି ବର୍ଷ ପୂର୍ବରୁ ଜାପାନ ଚାଇନାରେ ବିଷାକ୍ତ ଗ୍ୟାସ୍ ଛାଡ଼ିଥିଲା। ଏହି ଗ୍ୟାସ୍ ହିଁ ଉକ୍ତ ଗାଁରେ ବାମନ ହେବାର କାରଣ ବୋଲି କେତେକ ବିଶ୍ୱାସ କରନ୍ତି। ତଥାପି ଏହି ଗାଁରେ ବାମନ ରହସ୍ୟ ଅସମାହିତ ହୋଇରହିଛି।

# ଚର୍ଚ୍ଚାରେ ମୋନାଲିସାଙ୍କ ରୋମାନ୍ସ

**ମୁମ୍ବାଇ:** ମହାକୁମ୍ଭ ମେଳାର ଭାଇରାଲ ଗର୍ଲ 'ମୋନାଲିସା' କାହାକୁ ବା ଅଜଣା। ନିଜର ରୂପକୁ ନେଇ ସେ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ଏବେ ତାଙ୍କ ନିକଟରେ ଗୋଟିଏରୁ ବଳି ଗୋଟିଏ ପ୍ରୋଜେକ୍ଟ। ସେ ମ୍ୟୁଜିକ୍ ଭିଡିଓ ହେଉ ଅବା ଫିଲ୍ମ, ସବୁକିଛିର ଅଫର୍ ତାଙ୍କ ହାତରେ। କେତେକର ଶୁଟିଂ ମଧ୍ୟ ଶେଷ ହେଲାଣି। ଏଇ ଯେମିତି ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ଦିଲ ଜାନିୟା', ଯାହାକୁ ଲାଇସେଲ ରାୟ ଗାଇଛନ୍ତି। ନିକଟରେ ମ୍ୟୁଜିକ୍ ଭିଡିଓଟି ରିଲିଜ ହେବା ପରେ ବେଶ୍ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ତାଙ୍କ ସହ ନଜର ଆସିଛନ୍ତି ଅଭିନେତା ସମର୍ଥ ମେହେଟ୍ଟା। ଉଭୟଙ୍କ ମଧ୍ୟରେ ଅନେକ ରୋମାଣ୍ଟିକ ଦୃଶ୍ୟ ଦେଖିବାକୁ ମିଳୁଛି। ବେଳାଭୂମିରେ ରୋମାନ୍ସଠାରୁ ବିବାହ ଯାଏ, ସବୁକିଛିକୁ ଦର୍ଶକେ ପସନ୍ଦ କରୁଛନ୍ତି।

ସୂଚନାଯୋଗ୍ୟ, ମହାକୁମ୍ଭରେ ମାଳା ବିକ୍ରୟ କରି ମୋନାଲିସା ଭୋଁସଲେ ଭାଇରାଲ ହୋଇଥିଲେ। ବିଶେଷକରି ତାଙ୍କ ମନମୋହକ ଆଖିକୁ ପ୍ରଶଂସା କରାଯାଇଥିଲା। ଏହାପରେ ତାଙ୍କ ଭାଗ୍ୟ ବଦଳିଗଲା। ଫିଲ୍ମ ଅଫର ମିଳିବା ଆରମ୍ଭ ହେଲା। ଅନେକ ବଡ଼ ଫଟୋଶୁଟ୍ ପରେ ଏବେ ସେ ତାଙ୍କର ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର' ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସେ ଅଭିଷେକ ତ୍ରିପାଠୀଙ୍କ ସହ ନଜର ଆସିବେ। ଏସବୁ ମଧ୍ୟରେ ତାଙ୍କର ନୂଆ ଭିଡିଓ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଥିବା ଅନେକେ ମତ ରଖୁଛନ୍ତି।



ମୋନାଲିସା ଭୋଁସଲେ




# ଭୂତଙ୍କୁ ଦିଆଯାଇଛି ଛାତ୍ରବୃତ୍ତି

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)

ରାଜ୍ୟରେ ଛାତ୍ରବୃତ୍ତି ନାଁରେ ଜାଲିଆତି କରି ବହୁ ଶିକ୍ଷାନୁଷ୍ଠାନ କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି। କେଉଁଠି ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି କରାଯାଇଛି ତ ଆଉ କେଉଁଠି ଆୟ ପ୍ରମାଣପତ୍ର। କଥା କେବଳ ଏତିକିରେ ସୀମିତ ରହିନାହିଁ, ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ମଧ୍ୟ ବିପୁଳ ଅର୍ଥ ସରକାରୀ ବାବୁ ଓ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଛାତ୍ରବୃତ୍ତି ନାଁରେ ଲୁଟି ନେଇଛନ୍ତି। ଏଭଳି ସାଙ୍ଘାତିକ ଘଟଣା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି) ସମୀକ୍ଷା ସମୟରେ ଧରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟସ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ରସିଂ ପୁନିଆଙ୍କୁ ତ୍ୱରିତ୍ ପଦକ୍ଷେପ ନେବାପାଇଁ କୁହାଯାଇଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କାଡାମ କହିଛନ୍ତି, ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ

## ପିଏସି ବୈଠକରେ ଉଦ୍‌ବେଗ

ପୂର୍ବ ସରକାରରେ କିଭଳି ଜଙ୍ଗଲ ରାଜ୍ ଚାଲିଥିଲା ତା'ର ଗୁମର ଖୋଲିଛି। ପୂର୍ବ ସରକାର ଏହାକୁ ଘଣ୍ଟ ଘୋଡ଼ାଇ ରଖିଥିବାବେଳେ ଏବେକାର ସରକାର ମଧ୍ୟ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେବଳ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। କାଡାମ ସିଏଜିଙ୍କ ତଥ୍ୟକୁ ଆଧାର କରି କହିଛନ୍ତି, ରାଜ୍ୟ ବାହାର ସଂସ୍ଥା ଏବଂ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ବଡ଼ବାବୁମାନେ ମିଳିମିଶି ରାଜକୋଷକୁ ଲୁଟିଛନ୍ତି। ସିଏଜିଙ୍କ ତଥ୍ୟ ଅନୁଯାୟୀ, 'ପ୍ରେରଣା' ପୋର୍ଟାଲରେ ସହିତ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରଙ୍କ ତାଳମେଳ ନାହିଁ କି ତାଙ୍କର ନାଁ ମଧ୍ୟ ନାହିଁ; ଯେଉଁଥିପାଇଁ ୧.୩୮କୋଟି ଟଙ୍କା କେବଳ ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ର ଦାଖଲ କରିଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସିଏଜିଙ୍କ ପକ୍ଷରୁ ରିପୋର୍ଟ ନମ୍ବର-୩ରେ ଜାଲ୍ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇ ଆଣିବାକୁ କୁହାଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇନାହିଁ। ସେହିପରି ୭କୋଟି ୪୦ଲକ୍ଷ ଟଙ୍କା ବେଆଇନ ବ୍ୟାଙ୍କ ଖାତାରେ ବିନା ଡକ୍ୟୁମେଣ୍ଟ ଯାଞ୍ଚରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨୦୧୭-୧୮ରୁ ୨୦୧୯-୨୦ବର୍ଷ ମଧ୍ୟରେ ସିଏଜିଙ୍କ ପକ୍ଷରୁ ହୋଇଥିବା ସମୀକ୍ଷା ବେଳେ ଏହିଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସେହିପରି ରାଜଧାନୀସ୍ଥିତ ୪ଟି ଇଞ୍ଜିନିୟରିଂ କଲେଜ ବିନା ଛାତ୍ରୀଛାତ୍ରରେ ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ଛାତ୍ରବୃତ୍ତି ଅର୍ଥ ଚଲୁ କରିଛନ୍ତି।

ସେହିପରି ୩.୧୫ କୋଟି ଟଙ୍କା ବେଆଇନ ଭାବେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ନାଁରେ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୭୪.୬୬ଲକ୍ଷ ଟଙ୍କା କେବଳ ଛାତ୍ରୀଛାତ୍ରଙ୍କୁ ଡବଲ ପେମେଣ୍ଟ(ଦୁଇଥର ଦେୟ) କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ଜିଲା ପ୍ରଶାସନକୁ ଚଡ଼ଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହାସହିତ କେତେକ କ୍ଷେତ୍ରରେ ଥାନାରେ ମାମଲା ରୁଜୁ କରାଯିବା ସହିତ ରିକଭରି(ଟଙ୍କା ଫେରସ୍ତ) ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ସେସବୁ ଧର୍ମକୁ ଆଖିଠାର ଭଳି ଚାଲିଛି ବୋଲି କାଡାମ କହିଛନ୍ତି। ତେବେ ପିଏସି ବୈଠକରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଏବଂ ଭାଜପା ସଦସ୍ୟ ସାରଦା ପ୍ରଧାନ ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାରଙ୍କ ହାତୀ ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ ସଦସ୍ୟ

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)



ଜଙ୍ଗଲ,ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଲାଗି ଗଠନ ହୋଇଥିବା ଷ୍ଟିଅରିଂ କମିଟିରେ ଓଡ଼ିଶାର ପୂର୍ବତନ ପିସିସିଏଫ୍ ତଥା ବରିଷ୍ଠ ଆଇଏଫ୍ଏସ୍ ସୁଶାନ୍ତ ନନ୍ଦ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ହାତୀ ପ୍ରକଳ୍ପ ଷ୍ଟିଅରିଂ କମିଟିରେ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଉପାଧ୍ୟକ୍ଷ ଏବଂ ଏହି ପ୍ରକଳ୍ପକମିଟିର ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ଏହାସହିତ କମିଟିରେ ୧୩ଜଣ ସଦସ୍ୟ ରହିଥିବାବେଳେ ଓଡ଼ିଶାରୁ ସୁଶାନ୍ତ ନନ୍ଦ ରହିଛନ୍ତି।

ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ପ୍ରୋଜେକ୍ଟ ଏଲିଫ୍ୟାଣ୍ଟରେ ନିୟୋଜିତ ସଦସ୍ୟମାନଙ୍କ ଅବଧି ୩ବର୍ଷ ରହିବ। ସମୟକ୍ରମେ ଉକ୍ତ କମିଟି ହାତୀଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଗାଇଡାନ୍ସ ଦେଇପାରିବେ। ସୂଚନାଯୋଗ୍ୟ ଯେ, ସୁଶାନ୍ତ ନନ୍ଦ ରାଜ୍ୟ ସରକାରରେ ପୂର୍ବରୁ ପିସିସିଏଫ୍(ନୋଡାଲ) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ପରାମର୍ଶଦାତା ଭାବେ କାର୍ଯ୍ୟ କରି ତୁଲାଇଛନ୍ତି।

# ଟେଣ୍ଡର ପ୍ରକ୍ରିୟା ସମୟସୀମାରେ ଶେଷକର: ଶୁଭା ଶର୍ମା

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗୁରୁବାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଚାରାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତଥ୍ୟ ସଂଗ୍ରହ, ଅନ୍‌ଲାଇନ ତଥ୍ୟ ମନିଟରିଂ ସିଷ୍ଟମ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରଭାବ ସମ୍ପର୍କିତ ମୂଲ୍ୟାଙ୍କନ ଏବଂ ସ୍କାଡା ପ୍ରଯୁକ୍ତିବିଦ୍ୟାର ପ୍ରଭାବ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

# ବଢ଼ିଲା ଗ୍ରାମସଭାର ଗୁରୁତ୍ୱ

## ଜାରି ହେଲା ପଞ୍ଚାୟତିରାଜ ବିଭାଗର ବିଜିବିଓ ସଂକଳ୍ପ

ଭୁବନେଶ୍ୱର,୮।୧
(ରବିନାରାୟଣ ଜେନା)

ଏଣିକି ପଞ୍ଚାୟତରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହେବ ତାହାକୁ ଗ୍ରାମସଭା ନିଷ୍ପତ୍ତି ନେବ ବୋଲି ବିକଶିତ ଗାଁ ବିକଶିତ ଓଡ଼ିଶା(ବିଜିବିଓ) ଯୋଜନାର ସଂକଳ୍ପରେ କୁହାଯାଇଛି। ବୁଧବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ବିଜିବିଓ ଯୋଜନା ଅଧୀନରେ ଏବଂ ପ୍ରକଳ୍ପ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ତଥା ଗୋଷ୍ଠୀ ଭାଗୀଦାରିତାକୁ ସୁଦୃଢ଼ କରିବା ଲାଗି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ କୁହାଯାଇଛି, ଗ୍ରାମସଭାରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନିର୍ଦ୍ଧାରଣ ବେଳେ ବ୍ଲକ୍ କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହିବେ। ଏହାପରେ ଉକ୍ତ ପ୍ରସ୍ତାବକୁ ଜିଲାପାଳଙ୍କୁ ନିକଟକୁ ପଠାଯିବ। ଜିଲାସ୍ତରୀୟ କମିଟି ଉକ୍ତ ପ୍ରସ୍ତାବକୁ ଯାଞ୍ଚ କରିବେ ଏବଂ ଜିଲାପାଳ ଅନୁମୋଦନ କରିବେ। ତେବେ ପ୍ରକଳ୍ପ କାର୍ଯ୍ୟ ଯେପରି ସୁନିଶ୍ଚିତ ହେବ ସେଥିପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ସମସ୍ତ ପ୍ରକଳ୍ପ ପାଇଁ ଶେଷ ତାରିଖରୁ ୩ବର୍ଷର ଏକ ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି କାର୍ଯ୍ୟକାରୀ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜିବିଓକୁ ଅଧିକ ସଶକ୍ତ କରିବା ଲାଗି ନିକଟରେ କ୍ୟାବିନେଟ୍‌ରେ ସଂଶୋଧନ ଅଣାଯାଇଥିଲା। ସେଥିରେ ପଞ୍ଚାୟତରେ ଆବଶ୍ୟକତା ଭିତ୍ତିକ ପ୍ରକଳ୍ପର ପ୍ରସ୍ତାବଗୁଡ଼ିକ ଜିଲାପାଳ, ଜିଲା ପରିଷଦ, ବ୍ଲକ୍, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକ ଓ ଜିଲା ୱେବ୍‌ପୋର୍ଟାଲରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ମାଧ୍ୟମରେ ପିଆର୍‌ଆଇ ସଭ୍ୟ / ନିର୍ବାଚିତ ପ୍ରତିନିଧି/ନାଗରିକ ସମାଜ ସଦସ୍ୟଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯିବ। ଏହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲା ସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯିବା ପରେ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରାଯିବ।

# ଶ୍ରୀମନ୍ଦିର ଭକ୍ତନିବାସ ପାର୍କିଂ ଫି' ୫୦୦ ଟଙ୍କା

ପୁରୀ,୮।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସର ପାର୍କିଂ ଫି' ବୃଦ୍ଧି କରାଯାଇଛି। ଏଣିକି ଯେଉଁ ଯାତ୍ରୀମାନେ ଭକ୍ତନିବାସରେ ରହିବା ପାଇଁ ଆସୁଛନ୍ତି ଓ ଚାରିଚକିଆ ଯାନ ଆଣୁଛନ୍ତି, ସେମାନଙ୍କୁ ଗାଡ଼ି ପାର୍କିଂ ଫି' ଦେବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ ପାର୍କିଂ ଫି' ୫୦୦ ଟଙ୍କା କରାଯାଇଛି। ୨୪ ଘଣ୍ଟା ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ସହ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଜାନୁଆରୀ ୭ରୁ ସମସ୍ତ ୪ଟି ଭକ୍ତନିବାସରେ ଏହା ଆଦାୟ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ନୋଟିସ ବୋର୍ଡରେ ଲଗାଯାଇଥିବା ନୋଟିସରେ ଉଲ୍ଲେଖ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇ ନ ଥିବା କୁହାଯାଉଛି। ଉକ୍ତ ଫି' ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ

## ସାଧାରଣରେ ଅସନ୍ତୋଷ ଓ ବିରୋଧ

ଅଧୀନରେ ନୀଳାଦ୍ରି ଭକ୍ତନିବାସ, ନୀଳାଚଳ ଭକ୍ତନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀଗୁଣ୍ଡିଚା ଭକ୍ତନିବାସ ରହିଛି। ଏହି ୪ଟି ଭକ୍ତନିବାସକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଏବେ ସେମାନଙ୍କ ଗାଡ଼ି ପାର୍କିଂ ପାଇଁ ଫି' ବାବଦ ଅଧିକ ଟଙ୍କା ଦେବାକୁ ପଡ଼ିବ। ଏହି ଫି' ୨୪ ଘଣ୍ଟା ପାଇଁ ୫୦୦ ଟଙ୍କା ରହିଛି। ତେବେ ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ରୁମ୍ ଭଡ଼ା ପାଇଁ ଟଙ୍କା ଦେଉଥିବା ବେଳେ ପାର୍କିଂ ଫି' କାହିଁକି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଏଭଳି ନିଷ୍ପତ୍ତି ନିଶ୍ଚିତ ଭକ୍ତଙ୍କୁ ବାଧିବ। ଅଧିକାଂଶ ଭକ୍ତ ପୁରୀ ବୁଲିବାକୁ ଆସିଲେ ଦୁଇ ତିନିଦିନ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଦିନକୁ ଯଦି ୧୭ଶହରୁ ୧୮ଶହ ଟଙ୍କା ରୁମ୍ ଭଡ଼ାକୁ ଛାଡ଼ି ପୁଣି ଗାଡ଼ି ପାର୍କିଂ ବାବଦ ୫୦୦ ଟଙ୍କା ଦେବେ, ତେବେ ତାହା ଭକ୍ତଙ୍କ ଅସନ୍ତୋଷର କାରଣ ପାଲଟିବ। ଏପରି କର ଲଗାଇବା ଉଚିତ ନୁହେଁ। ଏନେଇ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇନାହିଁ। ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯିବ। ତେବେ ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ସେହିପରି ପର୍ଯ୍ୟଟକ ରମାବଲ୍ଲଭ କାନୁନ୍‌ଗୋ କହିଛନ୍ତି, ଏପରି ନିୟମ ଫଳରେ ବହୁତ ବାଧୁଛି। ଅନ୍ୟ କେଉଁଠାରେ ଏପରି ନିୟମ ନାହିଁ। ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ କାନୁନ୍‌ଗୋ ଦାବି କରିଛନ୍ତି। ପୁରୀ ବିଧାୟକ ସୁନୀଲ ମହାନ୍ତି କହିଛନ୍ତି, ଯଦି କିଏ ହୋଟେଲରେ ରହିବେ, ତେବେ ସେ କ'ଣ ତାଙ୍କ ଗାଡ଼ି ଅନ୍ୟ କେଉଁଠି ରଖିବେ। ହେବ, ତାହା କରାଯିବ। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ନିଷ୍ପତ୍ତି ଉପରେ ଆଉଥରେ ବିଚାର ବିମର୍ଶ କରାଯିବ। ତାହା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ, ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ।









# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାର୍ଷିକ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ବୋଟାନିକାଲ ଗାର୍ଡେନ୍, ସମୟ: ସକାଳ ୮ଟା ୩୦।
- ଏସ୍‌ଭିଏନ୍‌ଆଇଆରଟିଏଆର୍ ପକ୍ଷରୁ ଇଣ୍ଟରନ୍ୟାଶନାଲ ମାନୁଆଲ୍ ଥେରାପି କନ୍‌ଫରେନ୍ସ, ସ୍ଥାନ: ମେନ୍ ଅଡିଟୋରିୟମ୍, ଏମ୍ସ, ସମୟ: ସକାଳ ୯ଟା ୩୦।
- ନ୍ୟାଶନାଲ ବାୟୋ କମ୍ପ୍ଲେକ୍ସ, ସ୍ଥାନ: କ୍ରିଷ୍ଟାଲ କ୍ରାଉନ୍, ପଟିଆ, ସମୟ: ସକାଳ ୧୦ଟା ୩୦।
- ଓଡ଼ିଶା ସାମୟିକ ୟୁନିଅନ୍(ଓୟୁଜେ) ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ମେ ଫେୟାର, ସମୟ: ଅପରାହ୍ନ ୪ଟା ୩୦।
- ଗୀତ ଗାଳିକା ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଂଶତମ ବାର୍ଷିକ ସାମୂହିକ ୧୦୮ ଶ୍ରୀହନୁମାନ ଚାଳିଶା ପାଠ ମହାଯଜ୍ଞ, ସ୍ଥାନ: ରାମେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନୁଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: କଳାପାଟ ମାର୍କେଟ କମ୍ପ୍ଲେକ୍ସ, ନୁଆପାଟଣା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ହାଟାପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଳାକିଶୋର କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ପ୍ରଜ୍ଞାନ ମିଶନର ପକ୍ଷରୁ ଚିନ୍ତନିଆ ଗୀତାଜ୍ଞାନ ଯଜ୍ଞର ଉଦ୍‌ଘାଟନ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- ଗୁହେଲପଡ଼ା ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ସ୍ୱାମୀ ପୁଣ୍ଡରୀକାନନ୍ଦଙ୍କ ପ୍ରବଚନର ଉଦ୍‌ଘାଟନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ ଟ୍ରଫି (ଟିପିଏଲ୍), ସ୍ଥାନ: ବରଗୋଳି ଖେଳ ପଡ଼ିଆ, ଗୁଡ଼ସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗୋପୀନାଥଙ୍କ ୩୭ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା–୨୦୨୬ ଉଦ୍‌ଯାପନୀ ଦିବସ, ସ୍ଥାନ: ଶିଆଳି ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନାଜମଣି ମହାବିଦ୍ୟାଳୟ, ଗୁଡ଼ସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଈଶ୍ୱରଚନ୍ଦ୍ର ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ସାବରଙ୍ଗ ସେବା ସମବାୟ ସମିତି, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡି ଉଦ୍‌ଘାଟନ, ବାଲିମେଦ ସେବା ସମବାୟ ସମିତି, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୧୦ଟା।
- ଉଦ୍ଧ ଜଗଦୀଶ ମହିଳା ଗୋଷ୍ଠୀର ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ପାଳିଆଭିଆ, ହିଡ଼ିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଭିଜିଙ୍କ ରାମ୍‌ଜୀ ଜନଜାଗରଣ ଅଭିଯାନ ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପଲ୍ଲୀ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ର ମହୋତ୍ସବ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- କ୍ରୀଡ଼ା ସମାରୋହ, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୪ଟା।
- ବ୍ରହ୍ମପୁର ମହାନଗର ମହୋତ୍ସବ, ସ୍ଥାନ: ଚର୍ଚ୍ଚ ପଡ଼ିଆ, ସମୟ: ଅପରାହ୍ନ ୨.୩୦।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ତୃତୀୟ ରଜନୀ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବିଦ୍ୟାଦାନ ସଂଘ, ଆଙ୍କୋଲି, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ କଳାକାର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ବେଟି ବଚାଓ–ବେଟି ପଢ଼ାଓ କର୍ମଶାଳା, ସ୍ଥାନ: ଆସିକା ବ୍ଲକ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟ, କାନପୁରା ବାର୍ଷିକ ଉତ୍ସବ 'ସଂକଳ୍ପ', ସ୍ଥାନ: ବିଦ୍ୟାଳୟ ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା।
- ଆଲେଖ–୨୦୨୬ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- [illegible] ନିର୍ବାଚନ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଗ୍ଗୁଲାଇ କ୍ରିକେଟ କପ, ସ୍ଥାନ: ଅଗ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକସ୍ତରୀୟ ସମାଜର ବୈଠକ, ସ୍ଥାନ: ଯଜ୍ଞମଠ ପରିସର, ମାର୍ଶାଘାଇ, ସମୟ: ଅପରାହ୍ନ ୨ଟା।
- ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମେଳା ପରିସର, ଟେଲିକମ ପଡ଼ିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡ଼ିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବଡ଼ଚଣା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବଲିଉଡ୍ ଗାୟିକା ପଲକ ମୁଚ୍ଛଲ ଓ ଗାୟକ ପଲାଶଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ:ମୁଖାର୍ଜୀ କଲେଜ ସମ୍ମୁଖ ହାଇସ୍କୁଲ ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଖଲିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଖୋର୍ଦ୍ଧା ୧୧ ବନାମ ନିହାର କଟକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଲିସାହି କପ୍ ପଡ଼ିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ସାଇ ହଲ ଫ୍ଲାମେଟୋ ବନାମ ଜେବି ଫ୍ଲାଙ୍ଗଜାରେ ଟେପିଡ ଦିଆ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡ଼ିଆ, ସମୟ:ଅପରାହ୍ନ ୩ଟା।
- ରଣପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବନ୍ଦେ ମାତରମ୍ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

**ନବରଙ୍ଗପୁର**
- ଠିକାଦାର ସଂଘ ବୈଠକ, ସ୍ଥାନ: ଉମରକୋଟ ହାଟପଦା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଉମରକୋଟ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟା ପରିକ୍ଷ ସେବେକଶାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନ, ସ୍ଥାନ: ସ୍କୁଲ ପରିସର, ଜାନୀଗୁଡ଼ା, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜମି ଅଧିଗ୍ରହଣ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାଣ୍ଡା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଧରୁଆ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଟୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ: ଟୁରେକେଲା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଲୋଇସିଂହା ବ୍ଲକ କଳାକାର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ପ୍ରେଷ୍ଟିଜ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ମାଟିର ମହୋତ୍ସବ,ସ୍ଥାନ: କଣ୍ଟାବାଞ୍ଜି ରେଲୱେ ଫୁଟବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**ପାରଳାଖେମୁଣ୍ଡି**
- ଦିଲ୍ଲୀପ ରାୟଙ୍କ ୭୩ତମ ଜନ୍ମଦିବସ ପାଳନ ସମାରୋହ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

ପ୍ରଥମ ପୃଷ୍ଠାରୁ...

## ଭାରତ ଉପରେ...

କରାଯାଉଛି। ଏହି ଘଟଣାକ୍ରମର ସତ୍ୟତା ଉପରେ ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ମଧ୍ୟ ସ୍ପଷ୍ଟ କରିଛନ୍ତି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ଲଗାଇଥିଲେ। ଏଥିସହ ରୁଷିଆଠାରୁ ଭାରତ ଶସ୍ତାରେ ତୈଳ କ୍ରୟ କରୁଥିବାରୁ ଅତିରିକ୍ତ ଭାବେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଫଳରେ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି, ଯାହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଛି। ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ଉଦ୍ଦିଷ୍ଟ ସାଙ୍କଶନିଂ ରୁଷିଆ ଆକ୍ଟ, ୨୦୨୫ ଅନୁସାରେ କୌଣସି ଦେଶ ରୁଷିଆଠାରୁ ତୈଳ ଆମଦାନୀ କରି ପୁନଃ ବିକ୍ରୟ ଜାରି ରଖିଲେ ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଟାରିଫ୍ ଲଗାଯାଇପାରିବ। ଏପରି ହେଲେ ଭାରତର ଅର୍ଥନୀତି ଉପରେ ଆହୁରି ଖରାପ ପ୍ରଭାବ ପଡ଼ିବ। କାରଣ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକାକୁ ରପ୍ତାନି କରିବା ଅସମ୍ଭବ ହୋଇପଡ଼ିବ। ହ୍ୱାଇଟ୍ ହାଉସ୍ ପକ୍ଷରୁ ପୂର୍ବରୁ ଉକ୍ତ ବିଲ୍ ଉପରେ ସମୀକ୍ଷା କରାଯାଇଛି। ତେବେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଅଣାଯାଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ଭାରତ ୮୮% କ୍ରୁଡ୍ ଅଏଲ୍ ଅନ୍ୟ ଦେଶରୁ ଆମଦାନୀ କରିଥାଏ। ଏହାକୁ ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନରେ ପରିବର୍ତ୍ତିତକରି ପୁଣି ଅନ୍ୟ ଦେଶକୁ ରପ୍ତାନି କରିଥାଏ। ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ୨୦୨୧ ପର୍ଯ୍ୟନ୍ତ ରୁଷିଆଠାରୁ ମାତ୍ର ୦.୨% କ୍ରୁଡ୍ ଆମଦାନୀ କରିଆସୁଥିଲା। କିନ୍ତୁ ୨୦୨୨ ଫେବୃଆରୀରେ ମସ୍କୋର ୟୁକ୍ରେନ୍ ଆକ୍ରମଣ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷୀୟ ତୈଳ କ୍ରୟ ଉପରେ କଟକଣା ଲଗାଇବା ପରେ ଭାରତର ତୈଳ ଆମଦାନୀ ବହୁଗୁଣିତ ହୋଇଛି। ୨୦୨୫ ଡିସେମ୍ବରରେ ରୁଷିଆ ଭାରତର ସର୍ବୋଚ୍ଚ ତୈଳ ଯୋଗାଣକାରୀ ରାଷ୍ଟ୍ର ଥିଲା।

## ଚଢ଼ାଉ ବେଳେ...

ପହଞ୍ଚି ତଦନ୍ତରେ ବାଧା ଦେଇଥିବା ଏଜେନ୍ସି ପକ୍ଷରୁ ଅଭିଯୋଗ ହୋଇଛି। ମମତା କହିଛନ୍ତି, ତାଙ୍କ ଆଇଟି ସେଲ୍ ଦାୟିତ୍ୱରେ ଥିବା ପ୍ରତୀକଙ୍କ ଘର ଓ ଅଫିସରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଅସାମ୍ବିଧାନିକ। ଅପରାହ୍ନରେ କୋଲକାତା ପୋଲିସ କମିଶନର ମନୋଜ ବର୍ମା ପ୍ରତୀକଙ୍କ ବାସଭବନରେ ପହଞ୍ଚିବାର କିଛି ମିନିଟ୍ ପରେ ମମତା ମଧ୍ୟ ସେଠାକୁ ଯାଇଥିଲେ। ମମତା ସେଠାରେ ୨୦–୨୫ ମିନିଟ୍ ରହିବା ପରେ ସେଠାରୁ ଏକ ଗ୍ରୀନ୍ ଫୋଲ୍ଡର ଧରି ବାହାରିଥିଲେ। ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ରଣନୈତିକ ତଥ୍ୟ ରହିଥିବା ଦସ୍ତାବିଜ ଓ ହାର୍ଡ ଡିସ୍କଗୁଡ଼ିକୁ ଇଡି ଅଧିକାରୀମାନେ ଜବତ କରିଛନ୍ତି। ସେଥିରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଟିଏମ୍‌ସିର ଦଳୀୟ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିଛି। ସେଗୁଡ଼ିକୁ ଫେରସ୍ତ କରାଯାଉ ବୋଲି ଗଣମାଧ୍ୟମ ସମ୍ମୁଖରେ ମମତା କହିଛନ୍ତି। ରାଜନୈତିକ ଦଳର ଡାଟା ସଂଗ୍ରହ କରିବା ଇଡିର କର୍ତ୍ତବ୍ୟ କି ବୋଲି ମମତା ପ୍ରଶ୍ନ କରିଛନ୍ତି। ଆଇ–ପିଏସି ଟିଏମ୍‌ସିକୁ ରାଜନୈତିକ କନ୍‌ସଲ୍‌ଟାନ୍ସି ପ୍ରଦାନ ସହ ଦଳର ଆଇଟି ଏବଂ ମିଡିଆ ଅପରେଶନ୍ ମଧ୍ୟ ପରିଚାଳନା କରିଥାଏ। ତେଣୁ ଚଳିତବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଯାଞ୍ଚ ଭାଜପାର ରାଜନୈତିକ ପ୍ରତିଶୋଧ ବୋଲି ମମତା କହିଛନ୍ତି। ଟିଏମ୍‌ସି ସୁପ୍ରିମୋ ଆହୁରି ଅଭିଯୋଗ ଆଣିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀ ଦଳଗୁଡ଼ିକୁ ଭୟଭୀତ କରାଇବା ପାଇଁ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଛନ୍ତି। ଦେଶକୁ ସୁରକ୍ଷା ଦେଇପାରୁ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ବାଚନ ପୂର୍ବରୁ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ସେ ଜିରୋରେ ପରିଣତ ହୋଇଯିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ବୋଲି ମମତା କହିଛନ୍ତି। ସକାଳ ୬ଟାରେ ସଲ୍ଟ ଲେକ୍‌ସ୍ଥିତ ସେକ୍ଟର–ଭି'ର ଆଇ–ପିଏସି ଅଫିସରେ କେହି ନ ଥିବାବେଳେ ଇଡି ସେଠାରେ ତଲାସି କରିବା ଦୁର୍ଭାଗ୍ୟଜନକ। ଏହା ଏକ ଅପରାଧ ବୋଲି ମମତା ଅଭିଯୋଗ ଆଣିଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ମମତା ପ୍ରତୀକଙ୍କ ଘରେ ଥିବାବେଳେ ତଲାସି ସମୟରେ ଆଇ–ପିଏସି ଅଫିସରୁ ଅନେକ ଫାଇଲକୁ ସେଠାରୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରେ ରଖାଯାଇଥିଲା। ଅପରାହ୍ନ ୧ଟାରେ ମମତା ସେକ୍ଟର–ଭି ଅଫିସରେ ପହଞ୍ଚିଥିଲେ। ସେତେବେଳେ ବିଧାନନଗର ପୋଲିସ କମିଶନରେଟ୍‌ର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଏପରି କି ଟିଏମ୍‌ସିର କେତେଜଣ ନେତା ଓ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ। ବିଧାନନଗର ମେୟର କ୍ରିଷ୍ଣା ଚକ୍ରବର୍ତ୍ତୀ ଓ ମନ୍ତ୍ରୀ ସୁଜିତ ବୋଷ ମଧ୍ୟ ଡିଜିପି ରାଜୀବ କୁମାରଙ୍କ ସହ ସେଠାରେ ରହିଥିଲେ। କେନ୍ଦ୍ରୀୟ ବଳ ବହୁତଳ ବିଶିଷ୍ଟ ଆଇ–ପିଏସି ଅଫିସର ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦେଇଛି। ତେବେ ମମତା ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ତଦନ୍ତରେ ବାଧା ଦେଉଥିବା ଇଡି ପକ୍ଷରୁ ଅଭିଯୋଗ କରାଯାଇଛି। କୋଇଲା ଚାଲାଣ ଓ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମମତା ସୁରକ୍ଷା ଦେଉଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିନା ବାଧାରେ ତଦନ୍ତ କରିବାକୁ ଦିଆଯିବା ଲାଗି ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଇଡି ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। କୌଣସି ପାର୍ଟି ଅଫିସରେ ତଲାସି କରାଯାଇନାହିଁ। ଏହା କୌଣସି ନିର୍ବାଚନ ସହ ସମ୍ପୃକ୍ତ ନୁହେଁ, ବରଂ ମନି ଲଣ୍ଡରିଂ ବିରୋଧରେ ଚାଲିଥିବା ତଦନ୍ତର ଅଂଶବିଶେଷ। ଆଇନ ଅନୁସାରେ ଏହା କରାଯାଇଛି ବୋଲି ଇଡି ଉକ୍ତ ବିବୃତିରେ ସଫେଇ ଦେଇଛି। ସେପଟେ ପ୍ରତୀକଙ୍କ ପରିବାର ପକ୍ଷରୁ ମଧ୍ୟ ଇଡି ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଚଢ଼ାଉ ବେଳେ ଇଡି ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରିନେଇଥିବା ଏଥିରେ ଅଭିଯୋଗ କରାଯାଇଛି।

## ଆନ୍ଦୋଳନ ସ୍ଥଗିତ...

କରିଥିଲେ ସରକାର। ମାତ୍ର ଏହାକୁ ଖାତିର୍ ନ କରି ଆନ୍ଦୋଳନ ଜାରି ରହିଥିବାରୁ ଶେଷରେ ଗୁରୁବାର ଡାକ୍ତରମାନଙ୍କ ସହିତ ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ଆଲୋଚନା କରିବା ସହ ସେମାନଙ୍କ ଦାବିପୂରଣ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଡା. ମିଶ୍ର ସୂଚନା ଦେଇଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆକାଶ କଇଆଁ ଚିଲିକା ମାଛ**
**କେତେ କରୁଅଛ ଅପାଞ୍ଚ ପାଞ୍ଚ।**

କଇଁଆର ସ୍ୱାଦ ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହେବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ଦ୍ରବ୍ୟ ପ୍ରାପ୍ତ ହେବା ପାଇଁ କରାଯାଉଥିବା ଅପର୍ଯ୍ୟାପ୍ତ ପରିକଳ୍ପନା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଁଷି ପତର ପୁଞ୍ଜିପୁଞ୍ଜିକା**
**ଲାଉ ଶାଗ ତୋଳିବାକୁ**
**ବାପ ଦେଇଛନ୍ତି ବୁଢ଼ା ବରକୁ**
**ଚାଳ ଧରି କାନ୍ଦିବାକୁ।**

ସ୍ୱାମୀସ୍ତ୍ରୀଙ୍କ ବୟସ ମଧ୍ୟରେ ପ୍ରଭେଦ ଯେତିକି କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ମଧୁମୟ, ସୁଖମୟ ହୁଏ। ବୟସର ତାରତମ୍ୟ ଅଧିକ ହେଲେ ବୁଝାମଣା ଠିକ୍ ଢଙ୍ଗରେ ହୋଇ ନ ପାରିବା କାରଣରୁ ନାନା ଅଶାନ୍ତି ତଥା କଳହର ବାତାବରଣ ସୃଷ୍ଟି ହୁଏ। ଏପରିସ୍ଥଳେ ବୟସ୍କ ବରକୁ ବିବାହ କରିଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କୋର୍ଟ ଉଡ଼ାଇଦେବାକୁ...

ଏଥିସହ ଏପରି ଆତଙ୍କର ଇ–ମେଲକୁ ଭଲ ଭାବେ ତଦନ୍ତ କରାଯାଉଛି। ପୋଲିସ ପରିସ୍ଥିତିକୁ ଅତ୍ୟନ୍ତ ନିକଟରୁ ପର୍ଯ୍ୟବେକ୍ଷଣ କରୁଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସର ତନଖି ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେଣୁ ଲୋକମାନେ ଏଥିରେ ଭୟଭୀତ ନ ହେବାକୁ ଡିଜିପି କହିଥିଲେ। ଏଥିସହ ପୋଲିସକୁ ଲୋକମାନେ ତଦନ୍ତରେ ସହଯୋଗ କରିବା ସହ ସୁରକ୍ଷା ବଳବତ୍ତର ରଖିବାରେ ସହାୟକ ହେବାକୁ ମଧ୍ୟ ଡିଜିପି ଖୁରାନିଆ ଅନୁରୋଧ କରିଥିଲେ।

ସେହିପରି ସମ୍ବଲପୁର ଜିଲା ଜଜ୍ କୋର୍ଟରେ ଗୁରୁବାର ବୋମା ଆତଙ୍କକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଜିଲା କୋର୍ଟରେ ଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଜିଲାଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିକଟକୁ ଏକ ଇ–ମେଲ ବାର୍ତ୍ତା ଆସିଥିଲା। ଏଥିରେ ସମ୍ବଲପୁର ଜିଲାଜଜଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ କୋର୍ଟ ପରିସରରେ ବୋମା ଖଞ୍ଜା ଯାଇଛି ବୋଲି ଧମକପୂର୍ଣ୍ଣ ସୂଚନା ରହିଥିଲା। ତୁରନ୍ତ ପାଲିସ ସୁରକ୍ଷା କର୍ମୀଙ୍କ ସହ ବୋମା ସ୍କ୍ୱାଡ ଓ ସନ୍ଧାନୀ କୁକୁର ସେଠାରେ ପହଞ୍ଚି ସମଗ୍ର ଜିଲାଜଜ୍‌ଙ୍କ କୋର୍ଟ ପରିସର, ପୋକ୍‌ସୋ, ଭିଜିଲାନ୍ସ ଆଦି ବିଭିନ୍ନ କୋର୍ଟ ସହିତ ଏସ୍‌ଡିଜେଏମ୍ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ସମସ୍ତ କୋର୍ଟର ମାଜିଷ୍ଟ୍ରେଟଙ୍କଠାରୁ ଆରମ୍ଭ କରି ଓକିଲ, କର୍ମଚାରୀ ଓ ଆସିଥିବା ସମସ୍ତ ମୁଦାଲାଙ୍କୁ ବାହାରକୁ ଯିବାକୁ କହି ସମଗ୍ର କୋର୍ଟ ପରିସରରୁ ଖାଲି କରି ଦେଇଥିଲା। ସମସ୍ତେ କୋର୍ଟ ସମ୍ମୁଖ ରାସ୍ତାରେ ରୁଣ୍ଡ ହୋଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରୁ ସମସ୍ତ କୋର୍ଟରେ ଅଦାଲତୀ କାର୍ଯ୍ୟ ବନ୍ଦ ରହିଥିଲା। ବମ୍ ସ୍କ୍ୱାଡ ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର, ଇଏସ୍‌ଟି ଟାଇମ୍ ଡିଭାଇସ୍, ପିଏସ୍‌ଏମ୍, ସର୍ଚ୍ଚ ମିରର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ଏପରିକି ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବ୍ୟବସ୍ଥା ସ୍ୱରୂପ ଯାଞ୍ଚକାରୀ ଦଳର ସହାୟତା ପାଇଁ ଅଗ୍ନିଶମ ବାହିନୀ ମଧ୍ୟ ଦମକଳ ସହିତ ଯାଞ୍ଚରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା।

ଦେବଗଡ଼ ଜିଲା କୋର୍ଟକୁ ମଧ୍ୟ ବୋମା ବିସ୍ଫୋରଣ ଦ୍ୱାରା ଉଡାଇଦେବା ପାଇଁ ବିଚାର ବିଭାଗୀୟ ମେଲ୍‌କୁ ଅଜଣା ଇ–ମେଲ୍ ଆଇଡିରୁ ମେସେଜ ଆସିଥିଲା। ଏହା ଜଣାପଡ଼ିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ମେସେଜ୍ ପାଇବା ପରେ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀ ଏବଂ ଆଇନଜୀବୀ ଭୟଭୀତ ହୋଇ କୋର୍ଟ କୋଠରି ଭିତରୁ ବାହାରକୁ ଆସିଥିଲେ। ସେହିପରି ମହକିଲମାନେ ମଧ୍ୟ ଭୟଭୀତ ହୋଇପଡିବା ସହ ଅଦାଲତ ପରିସର ଛାଡି ଇତସ୍ତତଃ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଥିଲା। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ପକ୍ଷରୁ ବୋମା ନିଷ୍କ୍ରିୟକାରୀ ଟିମ୍ ସନ୍ଧାନୀ କୁକୁର ସହାୟତାରେ ସମସ୍ତ ବିଚାରବିଭାଗୀୟ ଅଦାଲତ କୋଠା ସମେତ ସମଗ୍ର ଅଦାଲତ ପରିସର ଯାଞ୍ଚ କରାଯାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଓ ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଅଦାଲତ ପରିସରରେ ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଦାଲତ ପରିସରରେ ଅଗ୍ନିଶମ ବାହିନୀ ଦମକଳ ଗାଡି ସହିତ ପ୍ରସ୍ତୁତ ହୋଇ ରହିଥିଲେ। ତେବେ ଯାଞ୍ଚ ସମୟରେ କୌଣସି ପ୍ରକାର ଆର୍‌ଡିଏକ୍ସ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଅନ୍ୟପକ୍ଷରେ ମିଳିଥିବା ମେସେଜ୍‌ରେ ବିସ୍ଫୋରଣର ସମୟ ୨ଟା ୩୫ ମିନିଟ୍ ବୋଲି ଘୋଷଣା ହୋଇଥିବାବେଳେ ଏହି ସମୟ ଅତିକ୍ରାନ୍ତ ହେବାରୁ ବିଚାରପତି, ବିଭାଗୀୟ କର୍ମଚାରୀ, ଆଇନଜୀବୀ ଓ ପୋଲିସ ଅଧିକାରୀ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଥିଲେ।

## ବୋମା ଧମକ ମିଥ୍ୟା, ଆତଙ୍କିତ ହୁଅନି: ଆଇନମନ୍ତ୍ରୀ

**ଭୁବନେଶ୍ୱର,୮।୧(ସୁନିତ୍ ମିଶ୍ର)**

ଓଡ଼ିଶା ହାଇକୋର୍ଟ ଏବଂ ସମ୍ବଲପୁର ଓ ଦେବଗଡ଼ର ଜିଲା କୋର୍ଟକୁ ଇ–ମେଲ୍ ଯୋଗେ ବୋମା ଧମକ ମିଳିଥିଲା। ଏହାପରେ ସବୁଆଡ଼େ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଧମକ ମିଳିଥିବା ୩ କୋର୍ଟ ପରିସର ଖାଲି କରାଯାଇ ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଏବଂ ପୋଲିସର ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ଆରମ୍ଭ ହୋଇଛି। ଏହି ଘଟଣା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋର୍ଟକୁ ଆସିଥିବା ମେଲ୍ ମିଥ୍ୟା ଓ ହୋକ୍ସ ମେଲ୍। ଏହାକୁ ନେଇ ଆତଙ୍କିତ ହେବାର କାରଣ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ଚିହ୍ନଟ କରାଯିବ। ଡିଜିପି ଏବଂ ଅନ୍ୟାନ୍ୟ ସ୍କ୍ୱାଡ୍ ଯାଞ୍ଚ କରିବା ପରେ କୋର୍ଟରେ କାର୍ଯ୍ୟ ଆରମ୍ଭ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ବାଧକାଧିପଙ୍କ ଦୃଷ୍ଟିରେ ରହିଥିବାରୁ ପାରିବାରିକ ଶାନ୍ତି ଭଗ୍ନ ହୋଇପାରେ। ପାପଗ୍ରହ ଦୃଷ୍ଟ ଚତୁର୍ଥାଧିପତି ହେତୁ ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ଲାଭ ମିଳି ନ ପାରେ। ଆର୍ଥିକ ଅନଟନ ସୁଧାରିବା ଲାଗି ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁଙ୍କ ଆଦର, ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧିରୁ ଖୁସି ରହିବେ। ଆତ୍ମୀୟଙ୍କ ସହଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ**
ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ**
ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହଯୋଗ ଲାଭକରି ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ଏଜେନ୍ସିପ୍, ବାଣିଜ୍ୟ, ପରିବହନ, କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ**
ଚତୁର୍ଥାଧିପତି କୋଣ ସ୍ଥାନରେ ଥିବାରୁ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମନାନ୍ତର ସୃଷ୍ଟି ହୋଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା**
ବୃହସ୍ପତିଙ୍କ ପ୍ରଭାବରେ କେଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଚୁକ୍ତିପତ୍ର, ସଭାସମିତି ତଥା ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କଦାପି ନିଷ୍ଫଳ ହେବନି। ପରିଜନଙ୍କ ସହିତ କୌଣସି ଦର୍ଶନୀୟ ସ୍ଥାନକୁ ଯାଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଯାହାକୁ ଯାହା କହିବେ ତାହା ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ହେବେ। ଅଫିସ କାମରୁ ଅର୍ଥ ସମ୍ପର୍କିତ ଅଭିଯୋଗ ଆସିପାରେ।

**ବିଛା**
ବୃହସ୍ପତିଙ୍କ ଶୁଭଦୃଷ୍ଟି ଧନସ୍ଥାନ ପ୍ରତି ରହିଥିବାରୁ ଅର୍ଥଲାଭ ସହ ବାକ୍ ବିଳାସୀ ହେବେ। ଭିତରେ ଭିତରେ ଈର୍ଷାକରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍‌ଫୁଲ୍ଲିତ ହେବେ ଠିକ୍ ସେ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**ଧନୁ**
ପାପଗ୍ରହମାନେ ରାଶିରେ ଅବସ୍ଥାନ କରି ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ତୃତୀୟସ୍ଥ ରାହୁଙ୍କ ପ୍ରଭାବରେ ବନ୍ଧୁମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କରୁ ଆପଣଙ୍କ କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ।

**ମକର**
ରାଶ୍ୟାଧିପତିଙ୍କ ନୀଚାରୋହଣ ହେତୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ**
କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା,ବାଣିଜ୍ୟ ଏବଂ ପରିବହନରେ ପ୍ରତିବନ୍ଧକ ଆସିପାରେ। ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ।

**ମୀନ**
ଚତୁର୍ଥ କେନ୍ଦ୍ରରେ ବୃହସ୍ପତି ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, କର୍ମାରମ୍ଭ ଓ ଯୋଜନା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମକଦ୍ଦମା, ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇ ଉଲ୍ଲସିତ ହୋଇପାରନ୍ତି।

ଆଜି ଜାନୁଆରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର। ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ. ୦୧.୪୧ ଗତେ ହସ୍ତା ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୦ ମଧ୍ୟେ, ଘ.୦୭.୫୪ ଗତେ ଘ.୦୯.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ ଗତେ ଘ.୧୧.୫୩ ମଧ୍ୟେ ରାହୁ କାଳ।

# ପ୍ରଦୂଷଣ ପାଇଁ ଆଦିବାସୀ ମହିଳା ବିଧବା

## ଏସ୍‌ପିସିବିର ତାଗିଦ୍ ମାନୁନି ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା

**ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୮।୧**



ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ସୁଆଁଲୋ ଗ୍ରାମ।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତ୍ୟଧିକ ବାୟୁ ପ୍ରଦୂଷଣ ପାଇଁ ଗୋଟିଏ ଗାଁ ପୁରୁଷ ଶୂନ୍ୟ ହେବାକୁ ବସିଛି। ସ୍ୱାମୀଙ୍କୁ ହରାଇ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅପ୍ରାପ୍ତ ବୟସରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଏମିତି ଏକ ଅଭିଶପ୍ତ ଗାଁ ହେଉଛି କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ଅଧୀନ ସୁଆଁଲୋ। ମାନଗୋବିନ୍ଦପୁର ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ ଏବଂ ଜେଏସଡବ୍ଲ୍ୟୁ ସିମେଣ୍ଟ ଲିଃ କାରଖାନାରୁ ଉକ୍ରଟ ବାୟୁ ପ୍ରଦୂଷଣ ସୃଷ୍ଟି କାରଣରୁ ସୁଆଁଲୋ ଗ୍ରାମର ମୁଣ୍ଡାସାହି, ସହରସାହି ଓ ନାୟକସାହିର ପ୍ରାୟ ୧୫୦ ଲୋକ ଗତ ୫ ବର୍ଷରେ ବିଭିନ୍ନ ବାୟୁଜନିତ ରୋଗ କାରଣରୁ ମୃତ୍ୟୁମୁଖରେ ପଡ଼ିଥିବା ସୂଚନା ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଜେଏସ୍‌ଡବ୍ଲ୍ୟୁ ଓ ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ ବାୟୁ ପ୍ରଦୂଷଣ ପାଇଁ ନିକଟରେ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ହେଁ କିଛି ଫଳପ୍ରଦ ହୋଇ ନ ଥିବା ସୂଚନା ମିଳିଛି।

ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ ଏବଂ ଏଠାରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲର ପ୍ରଭାବ ଆଗରେ ଏସ୍‌ପିସିବିର ଦମ୍ଭ ଭାଙ୍ଗି ପଡ଼ିଛି। ରାଜ୍ୟ ସରକାର ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଦାନଗଦି ବ୍ଲକ ଅନ୍ତର୍ଗତ ସୁଆଁଲୋ, ପାତ୍ର ସାହି, ଦେହୁରୀ ସାହି, ମାଝି ସାହି, ବ୍ରାହ୍ମଣ ସାହି, ମାନଗୋବିନ୍ଦପୁର, ଯଖପୁରା, କୁଡୁମୀସାହି, ବରପାଳ, ଦଶମାଣିଆ, ଟାଙ୍ଗରସାହି ଆଦି ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ପଦକ୍ଷେପ କୌଣସି କାର୍ଯ୍ୟରେ ଲାଗୁନାହିଁ। ଶତାଧିକ ଲୋକ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିବେଶ ବିଷାକ୍ତ ଯୋଗୁ ଅନେକ ଅଜଣା ରୋଗ ଦେଖାଦେଉଛି। ଫଳରେ କେବଳ ସୁଆଁଲ ଗ୍ରାମର ଶ୍ରୀମତୀ ନାଏକ, ଜାନକୀ ନାଏକ, କମଳା ନାଏକ, ଦମୟନ୍ତୀ ନାଏକ, ମିନି ନାଏକ, ଚୁରୀ ନାଏକ, ପାଦ ନାଏକ, ପିଙ୍କି ନାଏକ, ବୁଡି ନାଏକ, ଚୁନି ନାଏକ, ଝୁମୁରି ନାଏକ, ପ୍ରମିଳା ନାଏକ, କୁନି ନାଏକ, ଦ୍ରୌପଦୀ ନାଏକ, ଲତା ନାଏକ, ଟିକିଲି ନାଏକ, ବାଲମା ମୁଣ୍ଡା, ଟିକିରି ମୁଣ୍ଡା ପ୍ରମୁଖ ୪୦ ବର୍ଷରୁ କମ ବୟସରେ ବିଧବା ହୋଇଛନ୍ତି। ସେମାନଙ୍କ ସ୍ୱାମୀମାନେ ବିଷାକ୍ତ ଧୂଳିଧୂଆଁରେ କାମ କରି ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରିଥିବା ଏହି ମହିଳାମାନେ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏବେବି ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମ ପାଖରେ ଥିବା ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲରୁ ନିର୍ଗତ ଧୂଳିଧୂଆଁ ବ୍ୟବହାର ଉପଯୋଗୀ ପାଣିକୁ ଦୂଷିତ କରୁଛି। ସ୍ୱଚ୍ଛ ପାନୀୟ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି, ପବନ ସବୁ କିଛି ସେଠାରେ ବିଷାକ୍ତ ହୋଇପଡ଼ିଛି। ୩ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ୨୦ ପ୍ରତିଶତ ଦଳିତ ଓ ବାକି ୫ ପ୍ରତିଶତ ଅନ୍ୟାନ୍ୟ ଶ୍ରେଣୀର ଲୋକ ବାସ କରୁଛନ୍ତି। ଗ୍ରାମକୁ ଲାଗି ରହିଥିବା ସୁକିନ୍ଦା ରେଲୱେ ସାଇଡିଂକୁ ଅଷ୍ଟ୍ରେଲିଆରୁ କୋଇଲା ଆମଦାନି କରାଯାଇ ଏହି ପ୍ଲଟରୁ କଳିଙ୍ଗନଗର ବିଭିନ୍ନ କାରଖାନାକୁ ପରିବହନ ହେଉଛି। ଏହି ପ୍ଲଟକୁ ହାରାହାରି ଦିନକୁ ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ ଚଳାଚଳ କରୁଛି। ତେବେ ଏହା ଉପଯୁକ୍ତ ଭାବେ ଏସ୍‌ପିସିବିର ନୀତି ନିୟମକୁ ମାନୁ ନ ଥିବାରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଆବଶ୍ୟକ ସୁଉଚ୍ଚ ପାଚେରି, ଚାରାରୋପଣ କରି ସବୁଜବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି। ରେଲ୍‌ୱେ ସହ ସଲାସୁତୁରା କରି କମ୍ପାନୀ, ଖଣିମାଲିକ, ଟ୍ରାନ୍ସପୋର୍ଟରେ, ଲୋଡିଂ ଏଜେନ୍ସିମାନେ ଅଧିକ ଲାଭ ଆଶାରେ ପ୍ରଦୂଷଣ ଆଇନକୁ ଖିଲାପ କରି ପରିବହନ କରୁଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ(ଜଳ) ୧୯୭୪ ଓ (ବାୟୁ) ୧୯୮୧କୁ ଖିଲାପ କରୁଥିବା ପ୍ଲଟକୁ ତୁରନ୍ତ ସ୍ଥାନାନ୍ତରଣ କରି ଲୋକଙ୍କୁ ବଞ୍ଚିବାର ଅଧିକାର ଦେବାକୁ ପୂର୍ବରୁ ଏନଜିଟିରେ ମାମଲା ରୁଜୁ ହୋଇଥିଲେ ହେଁ କଳେବଳେ ତାକୁ ଦବେଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଦୂଷଣ ସୃଷ୍ଟି କରୁଥିବା ରେଲ୍‌ୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣଦର୍ଶାଅ ନୋଟିସ ହୋଇଛି। ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଶିଳ୍ପ କାରଖାନା ଓ ରେଲ୍‌ୱେ ସାଇଡିଂ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧର୍ମାନ୍ତର ବିବାଦକୁ ନେଇ ହୋଇପାରୁନି ଶବ ସତ୍କାର

**ଜଳେଶ୍ୱର, ୮।୧(ନବୀନ ସାହୁ)**



ଗ୍ରାମବାସୀଙ୍କ ବିରୋଧ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ୪ନମ୍ବର ୱାର୍ଡ ରଙ୍ଗମାଟିଆ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ପୁଅଙ୍କ ମଧ୍ୟରେ ଧର୍ମାନ୍ତର ବିବାଦକୁ ନେଇ ବୃଦ୍ଧ ବାପାଙ୍କ ଶବ ସତ୍କାର ହୋଇପାରୁନି। ବଡ଼ପୁଅ ହିନ୍ଦୁ ରୀତିନୀତି ଅନୁସାରେ ବାପାଙ୍କ ଶବ ସତ୍କାର କରିବେ ବୋଲି କହୁଥିବା ବେଳେ ସାନପୁଅ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ଏହାକୁ ନେଇ ବିବାଦ ଦେଖାଦେଇଛି।

ଛୁଟା ହାଁସଦା(୯୫)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ମାତ୍ର ସାନ ପୁଅ ଭୀମ ହାଁସଦାଙ୍କ ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି। ସେ ନିଜ ବାପାଙ୍କୁ ବାଡ଼ିରେ କବର ଦେବା ଓ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ବଡ଼ପୁଅ ଭରତ ଘଟଣା ସମ୍ପର୍କରେ ଗ୍ରାମରେ ଜଣାଇଥିଲେ। ଗ୍ରାମସଭା ସଭାପତି ମାସାଂଗ ହାଁସଦା, ସାମରାୟ ହାଁସଦା, ମୋହନ ମାରାଣ୍ଡି, ବିରାମ ସୋରେନ, ରଳିଆ ମୁର୍ମୁ, ନାଇକେ ବାବା, ମଙ୍ଗଲ ମାଝୀଙ୍କ ସହ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଭୀମ ରାଇବଣିଆ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଥାନାରୁ ଫେରି ନିଜ ବାଡ଼ିରେ କବର ଦେବାର ପ୍ରଶାସନଠୁ ଅନୁମତି ପାଇଁ ଘରବାଡ଼ି ପ୍ରମାଣପତ୍ର ନକଲ ରାଜସ୍ୱ ଅଧିକାରୀ ଓଲମରାକୁ ମଧ୍ୟ ପଠାଇଥିଲେ। ମାତ୍ର ଖବର ଲେଖା ଶେଷ ହେବା ପର୍ଯ୍ୟନ୍ତ ସୁଦ୍ଧା ଶବ ସତ୍କାର ହୋଇପାରି ନ ଥିବାବେଳେ ପ୍ରଶାସନ ମଧ୍ୟ ପହଞ୍ଚି ନ ଥିବାର ଜଣାପଡ଼ିଛି।






ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଉଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ଟ୍ରମ୍ପ ପ୍ରଶାସନରେ ଅସମାନତା



ବ୍ରହ୍ମ ଚେଲାନି

ଗତବର୍ଷ ଜୁନ୍‌ରେ କେତେକ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲଗାଇଥିଲେ। ପୁନର୍ବାର ଗତମାସରେ ସେ ଆଉ ୨୦ଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶକୁ ବନ୍ଦ କରିଥିଲେ। ତେବେ ଜାତୀୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଥିବା ବିପଦ ଦୂର କରିବାପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଟ୍ରମ୍ପଙ୍କ କଟକଣାର ଶିକାର ହୋଇଥିବା ଦେଶଗୁଡ଼ିକର ତାଲିକାକୁ ସ୍ପଷ୍ଟ ଯେ, ତାଙ୍କ ପଦକ୍ଷେପ ହେଉଛି କେବଳ ଜାତୀୟ ରାଷ୍ଟ୍ରବାଦ ରାଜନୀତି, ଯାହାକୁ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ପ୍ରସ୍ତୁତ କରାଯାଉଛି। ୨୦୨୫ରେ ଆଙ୍ଗୋଲା, ଆଣ୍ଟିଗୁଆ ଓ ବାରବୁଡ଼ା, ଡୋମିନିକା, ହାଇତି, ଲାଓସ, ମାଲାୱି, ସେନେଗାଲ, ସିରିଆ ଲିଓନ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେ ସମେତ ଅନେକ ଦେଶ ଉପରେ ଆମେରିକା ପ୍ରବେଶକୁ ନେଇ ଟ୍ରମ୍ପ କଟକଣା ଲଗାଇଥିଲେ। ଦେଖିବାକୁ ଗଲେ ବାସ୍ତବରେ ଏହି ଦେଶଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ସନ୍ତ୍ରାସବାଦରେ ଲିପ୍ତ ଥିବାର କୌଣସି ଇତିହାସ ନାହିଁ। କିନ୍ତୁ ଗତମାସରେ କଟକଣା ଘୋଷଣା କରାଯାଇଥିବା ୨୦ଟି ଦେଶ ମଧ୍ୟରୁ ୧୬ଟି ଦେଶ ଏବଂ ୨୦୨୫ରେ କଟକଣାର ଶିକାର ହୋଇଥିବା ୩୯ଟି ଦେଶ ମଧ୍ୟରୁ ୨୬ଟି ଦେଶ ହେଉଛନ୍ତି ଆଫ୍ରିକାର। ଟ୍ରମ୍ପଙ୍କ ବ୍ୟାପକ କାର୍ଯ୍ୟସୂଚୀରୁ ଜଣାପଡୁଛି ଯେ, ବର୍ଣ୍ଣବୈଷମ୍ୟ ଆମେରିକା ନୀତିକୁ ପ୍ରଭାବିତ କରୁଛି। ଏହା ହେଉଛି ୨୦୧୭ରେ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନରେ ଧର୍ମୀୟ ଭେଦଭାବ ଠାରୁ ଭିନ୍ନ ଘଟଣା, ଯେଉଁଥିରେ ସେ ୭ଟି ମୁସଲମାନ ବହୁଳ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ତଥା ପୁନର୍ବାସ ଉପରେ କଟକଣା ଲଗାଇଥିଲେ।

ଆମେରିକାର ଅଧିକାରୀମାନେ କହନ୍ତି, ସେମାନଙ୍କ ନିଷ୍କ୍ରିୟତା ବା ଯୋଜନାରେ ସ୍କ୍ରିନିଂ, ଯାଞ୍ଚ ଓ ତଥ୍ୟ ଶେୟାରିଂରେ ଅଭାବ ପରିଲକ୍ଷିତ ହେଉଛି। ଏହାସହ କୌଣସି ଦେଶର ନାଗରିକ ଆଇନଗତ ଭାବେ ସାମୟିକ ଭିଜା ବଳରେ ଆମେରିକାକୁ ଆସି ଅନ୍ୟାୟ ଭାବେ ରହିଯାଉଛନ୍ତି। କିନ୍ତୁ ସାବଧାନ ପୂର୍ବକ ତ୍ରୁଟିଶୂନ୍ୟ ଭାବେ ଏହାକୁ ସମାଧାନ କରିବା ପରିବର୍ତ୍ତେ କେତେକ ଅଜବ ଯୁକ୍ତି ଉପସ୍ଥାପନ କରାଯାଉଛି। ଉଦାହରଣ ସ୍ୱରୂପ, ଆମେରିକୀୟ ପ୍ରବାସନ ପରିଷଦ ଯୁକ୍ତି ଦର୍ଶାଉଛି, ଅଣ-ଅପ୍ରବାସୀ ଭିଜା (ଯେଉଁମାନେ ଅସ୍ଥାୟୀ ଭିଜାରେ ଆସି ତାହା ପୂରଣ ହେବା ପରେ ରହିଯାଆନ୍ତି) ପ୍ରତିଶତକୁ ଦର୍ଶାଇ ପ୍ରବାସନ ଭିଜା ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧକ ଲଗାଉଛି। ତେବେ ଟ୍ରମ୍ପଙ୍କ ଟାର୍ଗେଟ ଭଳି ଏହିସବୁ ମାନଦଣ୍ଡକୁ ବିଶେଷକରି ବାଛି ବାଛି କେତେକ ଦେଶ ଉପରେ ଲାଗୁ କରାଯାଉଛି। ଏହାସହ କେତେକ ଦେଶ ଯଥା ଇଜିପ୍ଟ ଓ କୁଏତ୍‌ର ଲୋକେ ଅଧିକ ସଂଖ୍ୟାରେ ଭିଜା ଅବଧି ପୂରଣ ହେବା ପରେ ଆମେରିକାରେ ରହୁଥିଲେ ମଧ୍ୟ ସେମାନେ କୌଣସି କଟକଣାର ସମ୍ମୁଖୀନ ହେଉନାହାନ୍ତି। ଏପରି କି ଦୀର୍ଘ ସମୟ ଧରି ବିଶ୍ୱସ୍ତରରେ ଜିହାଦବାଦ ସହ ଜଡ଼ିତ ଥିବା ପାକିସ୍ତାନ ଓ କତାର ଭଳି ଦେଶକୁ କଟକଣାମୁକ୍ତ ରଖାଯାଇଛି। ଅନ୍ୟପକ୍ଷରେ ସାଉଦି ଆରବ ମଧ୍ୟ ଏଯାବତ୍ ଏହା ଟ୍ରମ୍ପଙ୍କ ଆକ୍ରୋଶର ଶିକାର ହୋଇନାହିଁ।

ଏଭଳି ସୁବିଧା ପାଉଥିବା ଦେଶଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ବିପଜ୍ଜନକ। କିନ୍ତୁ ସେମାନେ ଆମେରିକା ପାଇଁ ଉପଯୋଗୀ ହେଉଛନ୍ତି। ଇଜିପ୍ଟ ଓ ଇରାକ ଭଳି ଦେଶଗୁଡ଼ିକୁ ରଣନୈତିକ ଦୃଷ୍ଟିରୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଉଛି। ସାଉଦି ଆରବ କେବଳ ଆମେରିକାର ପ୍ରତିରକ୍ଷା ଅଂଶୀଦାର ନୁହେଁ, ବରଂ ଏହା କତାର ଭଳି ଆମେରିକାର ଏକ ପ୍ରମୁଖ ନିବେଶକ ହୋଇଛି ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ଫାର୍ମରେ ନିବେଶ କରିଛି। ପାକିସ୍ତାନ ୱାର୍ଲ୍ଡ ଲିବର୍ଟି ଫାଇନାନ୍‌ସିଆଲ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହା ହେଉଛି ଏକ କ୍ରିପ୍ଟୋକରେନ୍ସି କମ୍ପାନୀ, ଯେଉଁଥିରେ ଟ୍ରମ୍ପଙ୍କ ପରିବାରର ପ୍ରମୁଖ ଅଂଶଧନ ରହିଛି। ଟ୍ରମ୍ପ ପ୍ରଶାସନ ଅନେକ ଦେଶ ଉପରେ କଟକଣାକୁ କଠୋର କରିଥିବାବେଳେ ତୁର୍କମେନିସ୍ତାନ ଉପରେ ପୂର୍ବରୁ ଥିବା ଅଣ-ଅପ୍ରବାସୀ ଭିଜା କଟକଣା ଉଠାଇ ନେଇଥିଲେ। ଏହା ସ୍ପଷ୍ଟ ଯେ, ଏହି ଦେଶ ଆମେରିକା ସହ ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ ଉପରେ ସହଯୋଗ କରିବାକୁ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ ଅଧିକ ସୁଯୋଗ ଦେବାକୁ ରାଜି ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏଥିରୁ ସ୍ପଷ୍ଟ ଶିକ୍ଷା ମିଳେ ଯେ, ଟ୍ରମ୍ପ ପ୍ରଶାସନର ଯେଉଁ ଦେଶଗୁଡ଼ିକ ସହିତ ଘନିଷ୍ଠତା ରହିଛି କିମ୍ବା ତାଙ୍କ ପରିବାର ଓ ସମର୍ଥକଙ୍କ ସହ ଲାଭଜନକ ବ୍ୟବସାୟିକ ସମ୍ପର୍କ ଅଛି, ସେମାନଙ୍କୁ ଶୁଭ ଦୃଷ୍ଟିରେ ଦେଖାଯାଉଛି। ଆମେରିକାର ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ମଧ୍ୟରେ କୌଣସି ସୀମା ନାହିଁ, ଯେଉଁଥିପାଇଁ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଆମେରିକାର ସୁରକ୍ଷା ପ୍ରତି ବିପଦର କୌଣସି ଇତିହାସ ନଥିବା ଦେଶ ବୁର୍କିନାଫାସୋର ଜଣେ ନାଗରିକଙ୍କୁ ଆମେରିକାରେ ପ୍ରବେଶ ପାଇଁ ବାରଣ କରାଯାଉଛି। କିନ୍ତୁ ଇସ୍‌ଲାମିକ ଜିହାଦ ଓ ଆମେରିକା ବିରୋଧୀ ଉଗ୍ରବାଦ ଆକ୍ରାନ୍ତ ଜଣେ ବାଂଲାଦେଶୀ ନାଗରିକଙ୍କ ପ୍ରତି ଏଭଳି କଟକଣା ନାହିଁ। ଏହି ପ୍ରକାର ଅସଙ୍ଗତି ବା ଅସମାନତା ଆମେରିକାର କୂଟନୀତି ଓ ଆତଙ୍କବାଦ ବିରୋଧୀ ପଦକ୍ଷେପର ଗୁରୁତ୍ୱକୁ ହ୍ରାସ କରୁଛି। ଯଦି ଟ୍ରମ୍ପ ପ୍ରକୃତରେ ଆମେରିକାକୁ ରକ୍ଷା କରିବାକୁ ଚାହୁଁଥିଲେ ସେ ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ଓ ସୁସଙ୍ଗତ ମାନଦଣ୍ଡ ବା ନିୟମକୁ ଆଧାର କରି ଏକ ଭରଣପୋଷଣ ନୀତି ପ୍ରସ୍ତୁତ କରିପାରିଥାଆନ୍ତେ। ଏହା ସହ ସେ ଆମେରିକାର ସହଯୋଗୀ ଓ ଶତ୍ରୁମାନଙ୍କୁ ସମାନ ଭାବେ ସାମ୍ନା କରିବା ପାଇଁ ତତ୍ପରତା ପ୍ରଦର୍ଶନ କରିଥାଆନ୍ତେ। ଦୁର୍ଭାଗ୍ୟବଶତଃ ଟ୍ରମ୍ପଙ୍କ ସୁରକ୍ଷା ସମ୍ପର୍କିତ କଥା ପଛରେ ତାଙ୍କର ନିଜସ୍ୱ ସ୍ୱାର୍ଥ ନିହିତ ଥିବା ପ୍ରମାଣ କରିଛନ୍ତି। ତେବେ ଜାତୀୟ ସୁରକ୍ଷା କଥା କିଭଳି ଆକ୍ରମଣାତ୍ମକ କୂଟନୀତି ଓ ବାଣିଜ୍ୟର ଲାଭ ପାଇଁ ଉପଯୋଗ କରାଯାଉଛି ତାହାର ଏକ ଉଦାହରଣ ହେଉଛି ଏବକାର ଯାତ୍ରା ସମ୍ବନ୍ଧିତ କଟକଣା। ବାସ୍ତବରେ 'ଆମେରିକା ପ୍ରଥମ' ବିଚାରଧାରାରୁ ଏହା ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥିଲା। ସମ୍ଭବତଃ ଏହି ଧାରଣାର ଉଦ୍ଦେଶ୍ୟ ଥିଲା ଅନ୍ତରାଷ୍ଟ୍ରୀୟ କାର୍ଯ୍ୟରେ ଏକ ନେଣଦେଣ ଦୃଷ୍ଟିକୋଣକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିବା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ ସମୟରେ ଏହା ନିରାଶବାଦର ଉଚ୍ଚସ୍ତରରେ ପହଞ୍ଚିଯାଇଛି। ଆମେରିକାର ସୁରକ୍ଷା ସ୍ଥିତି ଯାହା ବି ହେଉ, ଏବେ ଯେଉଁମାନେ ଟ୍ରମ୍ପଙ୍କୁ ପର୍ଯ୍ୟାପ୍ତ ଲାଭ ଦେବାରେ ବିଫଳ ହେଉଛନ୍ତି ସେମାନେ ଦଣ୍ଡିତ ହେଉଛନ୍ତି ଏବଂ ଯେଉଁମାନେ ତାଙ୍କ ପାଇଁ ଉପକାରୀ ପ୍ରମାଣିତ ହେଉଛନ୍ତି ସେମାନେ ଦଣ୍ଡରୁ ମୁକ୍ତ ହେଉଛନ୍ତି।

**ପ୍ରାଧ୍ୟାପକ, ଏମରିଟସ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ଗରିବ କଲ୍ୟାଣ ପାଇଁ ମୋଦୀଜୀଙ୍କ ଭିବି ଜି-ରାମ୍-ଜି



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିକଟ ଅତୀତରେ ଆମ ସଂସଦରେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଭିବି ଜି-ରାମ୍-ଜି ଆଇନ ପାରିତ ହୋଇଛି। ଦେଶରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ଆଇନର ବିରୋଧ କରିବା ସହ ରୋଜଗାରର ଗ୍ୟାରେଣ୍ଟି ଶେଷ ହୋଇଯିବା, ଗାନ୍ଧୀଜୀଙ୍କ ଅପମାନ ପରି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଜନମତ ଭ୍ରମିତ କରିବାର ଅପଚେଷ୍ଟା କରୁଛି। ଆମ୍ ଆଦ୍‌ମୀ ପାର୍ଟି ଶାସିତ ପଞ୍ଜାବ ବିଧାନସଭାରେ ଏହି ଆଇନ ବିରୁଦ୍ଧରେ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି। ଗଣତନ୍ତ୍ରରେ ଦ୍ୱିମତ ହେବା କିଛି ଖରାପ କଥା ନୁହେଁ। ମତ ଓ ଭିନ୍ନ ଭିନ୍ନ ମତ ଓ ମତ ମତାନ୍ତର ଗଣତନ୍ତ୍ରକୁ ସୁଦୃଢ଼ କରେ। ଏହା ଆମେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ପୃଷ୍ଠଭୂମିରୁ ସରକାରକୁ ଆସିଥିବା ବ୍ୟକ୍ତିମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ। ମାତ୍ର ଗଣତାନ୍ତ୍ରିକ ବିତର୍କର ଗୋଟିଏ ବଡ଼ ସର୍ତ୍ତ ରହିଛି। ଏହି ମତାନ୍ତରର ଆଧାର ସତ୍ୟ ଓ ତଥ୍ୟ ଆଧାରିତ ହେବା ଉଚିତ। ବିତର୍କର ନିର୍ଯାସ ଯେତେବେଳେ ସାମ୍ନାକୁ ଆସିବ କିଏ ଠିକ୍ କିଏ ଭୁଲ୍ ସେତେବେଳେ ତା'ର ଆନୁଷ୍ଠାନିକ ଘୋଷଣାର ଆବଶ୍ୟକତା ନାହିଁ। ଭାରତ ଓ ଓଡ଼ିଶାର ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ସେମାନଙ୍କର ମନ ବନେଇ ନେବେ।

ଭିବି ଜି-ରାମ୍-ଜି ବିବାଦ ପରିପ୍ରେକ୍ଷୀରେ ଓଡ଼ିଆ ଲୋକମାନଙ୍କର ଜଣେ ସେବକ ଭାବରେ ଏହି ନିବନ୍ଧ ମାଧ୍ୟମରେ କିଛି ତଥ୍ୟ ଓ ସତ୍ୟକୁ ଉପସ୍ଥାପିତ କରିବି। ମୋ ବୈଚାରିକ ପୃଷ୍ଠଭୂମି ଆଧାରରେ ବ୍ୟାଖ୍ୟା କରିବି। ମୋ ପ୍ରିୟ ଓଡ଼ିଶାବାସୀ ଏହାକୁ ହୃଦୟଙ୍ଗମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ଏହା ସହ ଆଦିବାସୀ, ଦଳିତ, ପଛୁଆବର୍ଗ, ମହିଳା, ଚାଷୀ ଓ ଯୁବପିଢ଼ିର କିଏ ହିତାକାଂକ୍ଷୀ, କିଏ ଗରିବର ପ୍ରକୃତ ବନ୍ଧୁ ତା'ର ଆକଳନ ବି ସ୍ପଷ୍ଟ ଭାବରେ କରିଦେବେ।

ନିବନ୍ଧ ଆରମ୍ଭରୁ ମୁଁ ସ୍ପଷ୍ଟତାର ସହ କହିବାକୁ ଚାହେଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ଲକ୍ଷ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ। ବିକଶିତ ଭାରତର ମୂଳଦୁଆ ଗରିବ କଲ୍ୟାଣ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆମ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ମାନେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ଗଠନରେ ଓଡ଼ିଶାର ଏକ ପ୍ରମୁଖ ଭୂମିକା ରହୁ ଏଥିପାଇଁ ମୋଦୀଜୀଙ୍କ ମାର୍ଗଦର୍ଶନରେ ବିକାଶର ନକ୍ସା ଆଧାରରେ ଆମେ କାମ କରୁଛୁ।

ମୋର ଦୃଢ଼ ବିଶ୍ୱାସ ଏହି ନୂତନ ଭିବି ଜି-ରାମ୍-ଜି ଆଇନ ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବା ପାଇଁ ଗରିବ ଓ ମେହନତି ମଣିଷର ଯୋଗଦାନକୁ ଆହୁରି ବଢ଼ାଇବ। ପୁରୁଣା ଏମ୍‌ଜିଏନ୍‌ଆର୍‌ଇଜିଏର ତ୍ରୁଟି ବିଚ୍ୟୁତିକୁ ଅନୁଭବ ଆଧାରରେ ଦୂରକରି ଭିବି ଜି-ରାମ୍-ଜି ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଏବେ ଆସିବା କିଛି ତଥ୍ୟକୁ। ପୂର୍ବରୁ କିଛି ମତ ରଖିଲି ଏବଂ ପରେ ମୋର ମତ ରଖିବି। ମତ ସହ କିଏ ଦ୍ୱିମତ ହୋଇପାରେ। ମାତ୍ର ତଥ୍ୟ ହେଉଛି ପ୍ରାମାଣିକ ସତ୍ୟ। ମୋ ସାମ୍ନାକୁ ଆସିଥିବା କିଛି ତଥ୍ୟ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଛି।

ୟୁପିଏ ଶାସନର ଦ୍ୱିତୀୟ ପାଳିରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ବଜେଟ ପ୍ରବଳ ମାତ୍ରାରେ ତଳକୁ ତଳକୁ ଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ୪୦,୧୦୦ କୋଟିର ବଜେଟ ୨୦୧୨-୧୩ ଆର୍ଥିକ ବର୍ଷରେ ୩୩,୦୦୦ କୋଟିରେ ପହଞ୍ଚିଥିଲା। ସେତେବେଳର ବିଭାଗୀୟ ରାଜ୍ୟ ପାହ୍ୟା ମନ୍ତ୍ରୀ ରାଜୀବ ଶୁକ୍ଳା ସଂସଦରେ ଉତ୍ତର ଦେଇ କହିଥିଲେ, ୨୦୧୦-୧୧ରେ ୭.୫୫ କୋଟି ଶ୍ରମିକରୁ ୨୦୧୩ ନଭେମ୍ବର ବେଳକୁ ଏହା ଖସି ୬.୯୩ କୋଟିରେ ପହଞ୍ଚିଥିଲା। ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ, ଶ୍ରମିକଙ୍କୁ ଅର୍ଥ ପ୍ରଦାନରେ ପାରଦର୍ଶିତାର ଘୋର ଅଭାବ, ପ୍ରଶାସନିକ ସ୍ଥାଣୁତା ଶ୍ରମିକମାନଙ୍କର ଏହି ଯୋଜନାରେ କାମ ପାଇଁ ଆଗ୍ରହକୁ କମ୍ କରୁଥିଲା।

ମୋଦୀ ଶାସନ କାଳ ଆରମ୍ଭରୁ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାକୁ ଦୁର୍ବଳ କରି ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ସଂସଦ ଭିତରେ ଓ ବାହାରେ ବହୁ ତୁମ୍ବିତୋଫାନ ହୋଇଛି। ବିତର୍କ ତଥ୍ୟ ଆଧାରିତ ହେବା ଉଚିତ। ୨୦୧୩-୧୪ ୟୁପିଏ ଶେଷ ବର୍ଷରେ ଏହି ଯୋଜନାର ୩୩ ହଜାର କୋଟି ବଜେଟ ବଢ଼ି ବଢ଼ି ମୋଦୀଙ୍କ ଶାସନରେ ୨୦୨୪-୨୫ରେ ୮୬ ହଜାର କୋଟିରେ ପହଞ୍ଚିଛି। ୟୁପିଏର ଶେଷ ବର୍ଷ ୨୦୧୩-୧୪ରେ ୧୬୬୦ କୋଟି ମ୍ୟାନ୍ ଡେଜର କାମ ଏନ୍‌ଡିଏ ଶାସନରେ ୩,୨୧୦ କୋଟିରେ ପହଞ୍ଚିଥିଲା। ଏହି ସମୟରେ କେନ୍ଦ୍ରୀୟ ଅର୍ଥର ବ୍ୟୟବରାଦ ୨.୧୩ ଲକ୍ଷ କୋଟିରୁ ବଢ଼ି ୮.୫୩ ଲକ୍ଷ କୋଟିରେ ପହଞ୍ଚିଲା। ସମ୍ପୂର୍ଣ୍ଣ କାମର ସଂଖ୍ୟା ୧୫୩ ଲକ୍ଷରୁ ୮୬୨ ଲକ୍ଷରେ ପହଞ୍ଚିଲା। ଏହି କାମରେ ମହିଳାଙ୍କ ଭାଗୀଦାରି ୪୮ ପ୍ରତିଶତରୁ ବଢ଼ି ୫୬ ପ୍ରତିଶତରୁ ଅଧିକ ହେଲା। ଏହି ଯୋଜନାରେ ପାଖାପାଖି ୯୯ ପ୍ରତିଶତ ଶ୍ରମିକ ଆଧାର ସଂଯୁକ୍ତ ଅର୍ଥ ପ୍ରଦାନରେ ଯୋଡ଼ି ହୋଇଥିଲେ। ଏହା ଏହି ଯୋଜନା ପ୍ରତି ବୈମାତୃକ ମନୋଭାବ ନୁହେଁ ବରଂ ମୋଦୀ ସରକାରଙ୍କର ଗରିବମାନଙ୍କୁ ଲାଭ ପହଞ୍ଚାଇବାର ନିଷ୍ଠାକୁ ହିଁ ଦର୍ଶାଉଛି।

ନାମ ପରିବର୍ତ୍ତନ ବିବାଦକୁ ପରେ ଆସିବି, ମାତ୍ର ଆଉ କିଛି ତଥ୍ୟକୁ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରିବାକୁ ଚାହୁଁଛି। ପୁରୁଣା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ପରିବାର ପିଛା ବାର୍ଷିକ ୧୦୦ ଦିନର କାମର ଗ୍ୟାରେଣ୍ଟି ଥିଲା। ମାତ୍ର ଯଦି ଆମେ ତଥ୍ୟକୁ ଦେଖିବା ୧୦୦ ଦିନ ପରିବର୍ତ୍ତେ ହାରାହାରି ୫୦ ଦିନର କାମ ମିଳୁଥିଲା। ଏହି ଯୋଜନାରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ବିଚ୍ୟୁତି ଥିଲା ; ଯାହା ପାଇଁ ଏହି ଯୋଜନା ଦୁର୍ନୀତିରେ ପୋତି ହୋଇପଡୁଥିଲା। ୨୦୦୬ରୁ ୨୦୧୧ ଭିତରେ ବିହାରରେ ୬ ହଜାର କୋଟିର ସ୍କାମ, ୨୦୧୧ରେ ଉତ୍ତର ପ୍ରଦେଶରେ ୧୦ ହଜାର କୋଟିର ଫେକ୍ ଜବ କାର୍ଡ, ମିଛ ପର୍‌ଚେଜର ସ୍କାମ ସାମ୍ନାକୁ ଆସିଥିଲା। ୨୦୧୨ରେ ଆମ ଓଡ଼ିଶାର ସମ୍ବଲପୁରରେ ମୃତ, ବୟୋବୃଦ୍ଧ, ରୋଗୀଙ୍କୁ ନେଇ ମିଛ କର୍ମ ନିଯୁକ୍ତି, ଅର୍ଦ୍ଧ ନିର୍ମିତ ରାସ୍ତା କାମ ତଥା ଆଦୌ ହୋଇ ନ ଥିବା କାମର ବିଲ୍ ଉଠିଥିଲା। ଗୋଟିଏ କାମକୁ ବାରମ୍ବାର ବିଲ୍ କରାଯାଇଥିଲା। ମୋଟାମୋଟି ଦୁର୍ବଳ ଯୋଜନା, ଅସଂଗଠିତ ବା ଅନଷ୍ଟ୍ରକ୍‌ଚର୍ଡ କର୍ମ ନିଯୁକ୍ତି, ସ୍ଥାନୀୟ ବିକାଶ ଆବଶ୍ୟକତା ଅନୁସାରେ ଯୋଜନା ନ ହେବା, ବିଭିନ୍ନ ଋତୁକାଳୀନ ଓ ପ୍ରଶାସନିକ ସମସ୍ୟା ଏହି ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାକୁ ଅନ୍ତଃସାର ଶୂନ୍ୟ କରିଦେଇଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ଭିବି ଜି-ରାମ୍-ଜି ମୋଦୀଙ୍କ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ଦିଷ୍ଟ। ୧୦୦ ଦିନ ପରିବର୍ତ୍ତେ ୧୨୫କାର୍ଯ୍ୟ ଦିବସରେ ଗ୍ୟାରେଣ୍ଟି ଏଥିରେ ଅଛି। ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ବ୍ୟବସ୍ଥାର ଆଧୁନିକୀକରଣ କରାଯାଇ ପୂର୍ବ ଆଇନରେ ଥିବା ବହୁଦିନର ଦୁର୍ବଳତାକୁ ଦୂର କରାଯାଇଛି। ଦୀର୍ଘ ସ୍ଥାୟୀ ଗ୍ରାମୀଣ ଆସେଟ୍ ପ୍ରସ୍ତୁତ କରିବା ମାଧ୍ୟମରେ ଗ୍ରାମାଞ୍ଚଳରେ ଉତ୍ପାଦନ କ୍ଷମତା ବୃଦ୍ଧିକରିବା ଏହି ନୂଆ ନିୟମର ମୂଳଲକ୍ଷ୍ୟ। ପୂର୍ବରୁ ଲେବର୍ ବଜେଟ ଅନିଶ୍ଚିତ ଥିଲା। ଏଥିରେ ପରିବର୍ତ୍ତନ କରାଯାଇ ରାଜ୍ୟମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୨୬୦ ପ୍ରକାରର ଛୋଟ ବଡ଼ କାମକୁ ଷ୍ଟ୍ରିମ୍ ଲାଇନ କରାଯାଇ ଚାରୋଟି ପ୍ରମୁଖ କ୍ଷେତ୍ରରେ କର୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଗୁଡିକ ହେଲା ଗ୍ରାମାଞ୍ଚଳ ବିକାଶର ୪ଟି ପ୍ରମୁଖ ଦିଗ ଯଥା ଜଳ ସୁରକ୍ଷା (Water Security), ଗ୍ରାମୀଣ ଭିତ୍ତିଭୂମି (Rural Infra-structure), ଜୀବିକା ସମ୍ପଦ(Livelihood Assets) ଏବଂ ଜଳବାୟୁ ସୁରକ୍ଷା (Climate Protection)। ଏହା ୨୦୪୭ ବିକଶିତ ଭାରତର ୪ ଆଧାର ସ୍ତମ୍ଭ ହେବ। କୃଷି କ୍ଷେତ୍ରକୁ ଆଖି ଆଗରେ ରଖି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଚାଷ ଓ ଅମଳ ସମୟରେ ୬୦ ଦିନ ଏହି କାମ ଦେବା ପାଇଁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ନେବା ପାଇଁ ଅଧିକାର ଦିଆଯାଇଛି। ଅର୍ଥାତ୍ ପୂର୍ବରୁ ଯେପରି ମିଛରେ କାମ ହୋଇଛି କହି ମିଛ କାଗଜପତ୍ର ଆଧାରରେ ଖର୍ଚ୍ଚ କରାଯାଇଥିଲା ସେଥିରେ ରୋକ ଲାଗିବ। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଓ ମଜୁରି ବଢ଼ିବା ସମସ୍ୟା ଦୂର ହେବ।

ଏଆଇ ଏବଂ ଜିପିଏସ୍ ମୋବାଇଲ ଟ୍ରାକିଂ ଆଧୁନିକ ଟେକ୍ନୋଲୋଜି ଆଦିର ବହୁଳ ବ୍ୟବହାର, ବାଧ୍ୟତାମୂଳକ ତଥ୍ୟ ସାର୍ବଜନୀନକରଣ, ବାଧ୍ୟତାମୂଳକ ସୋସିଆଲ ଅଡିଟ ନୂଆ ଯୋଜନାକୁ ପାରଦର୍ଶୀ କରିବ। କାମ ମାଗିବାର ୧୫ଦିନ ମଧ୍ୟରେ କାମ ଯୋଗାଇ ନ ପାରିଲେ ଭତ୍ତା ଯୋଗାଣକୁ ସୁନିଶ୍ଚିତ କରାଯିବାର ବ୍ୟବସ୍ଥା କରାଯାଇଛି।

ମୋଟା ମୋଟି ଲୋକଙ୍କ ହାତକୁ କାମ ଦରକାର ଓ ରୋଜଗାର ଦରକାର। ମୋଦୀଙ୍କ ଭିବି ଜି-ରାମ୍-ଜି ରେ ଅଧିକ ଦିନ କାମ, ଅଧିକ ରୋଜଗାର, କାମ ନ ମିଳିଲେ ଭତ୍ତା ସହ ଟେକ୍ନୋଲୋଜିର ବହୁଳ ବ୍ୟବହାର ଚୋରି-ଚପାଟି ଓ ଦୁର୍ନୀତି ଉପରେ ରୋକ ଲଗାଇବ। ଏହା ସହ ଖାଲି କାମ ନୁହେଁ ଦୀର୍ଘ ମିଆଦୀ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ଭିତ୍ତିଭୂମି ସୃଷ୍ଟି କରିବ। ଗାଁ ଓ ଗରିବଙ୍କ ମନ ବୁଝି ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାର ରୋଜଗାରର ପନ୍ଥାକୁ ସୁନିଶ୍ଚିତ କରିବ ଭିବି ଜି-ରାମ୍-ଜି ।

ଆଉ ରହିଲା ଗାନ୍ଧୀଜୀଙ୍କ ନାଁ କାହିଁକି ବଦଳାଇଲ। ଆମେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଗାନ୍ଧୀଜୀ ଓ ଦୀନ ଦୟାଲଜୀଙ୍କ ବିଚାର ସର୍ବୋପରି। ବାଜପେୟୀଜୀଙ୍କ ସୁଶାସନ ମଡେଲ ହେଉ ବା ମୋଦୀଜୀଙ୍କ ଗରିବ କଲ୍ୟାଣ ଏହା ମୂଳରେ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ଓ ଦୀନ ଦୟାଲଙ୍କ ଏକାତ୍ମ ମାନବ ଦର୍ଶନ ; ଯାହାର ମୂଳମନ୍ତ୍ର ବିକାଶ ପାହାଚର ଶେଷଧାଡ଼ିରେ ଥିବା ଲୋକ ପାଖରେ ଯୋଜନାର ଲାଭ ପହଞ୍ଚାଇବା। ମୋଦୀଜୀଙ୍କ ଭିବି ଜି-ରାମ୍-ଜି ପଛରେ ରହିଛି ଗାନ୍ଧୀବାଦର ପ୍ରେରଣା।

ଶେଷରେ କଂଗ୍ରେସ ବନ୍ଧୁମାନଙ୍କୁ ପ୍ରଶ୍ନ, କଂଗ୍ରେସ ଶାସନରେ ଗୋଟିଏ ଯୋଜନାର ନାଁ ଥିଲା ଜବାହର ରୋଜଗାର ଯୋଜନା। ସେ ଯୋଜନା ରହିଲାନି। କଂଗ୍ରେସ ଶାସନ କାଳରେ ଏହା ହେଲା। ଏହାର ମାନେ କ'ଣ କଂଗ୍ରେସ ନେହେରୁଙ୍କର ଅପମାନ କଲା ? ନା ଯୋଜନାରେ 'ରାମ' ନାମ କଂଗ୍ରେସକୁ ଛଟପଟ କରୁଛି ?

ଜୟ ଜଗନ୍ନାଥ

# ମାନପତ୍ର



ଧ୍ରୁବ ଚରଣ ଘିବେଲା

ସୁନ୍ଦର ନାଁଟିଏ ମାନପତ୍ର। ପତ୍ର ବା ଲେଖାର ଉପଯୁକ୍ତ ମାନ ସମ୍ମାନ ଥାଏ ବୋଲି ତା' ନାଁ ମାନପତ୍ର। ତେଣୁ ମାନପତ୍ର ସବୁବେଳେ ମାନଯୁକ୍ତ ରହିବା ଉଚିତ। ମାନପତ୍ର ଦେଖିଲେ ତା'ର ମାନ ଥାଏ କେତେ ଜଣାପଡ଼େ। ପ୍ରଥମତଃ ମାନପତ୍ର ନିର୍ଭୁଲ ରହିବା ଦରକାର। ବହୁତ ବନାନ ଅଶୁଦ୍ଧି ଥିଲେ ମାନପତ୍ରର ମାନ ବନାନ ଅଶୁଦ୍ଧି ପାଇଁ କ୍ଷୁଣ୍ଣ ହୁଏ। ବନାନ ଶୁଦ୍ଧି ସହ ତହିଁରେ ଉଲ୍ଲେଖିତ ଶବ୍ଦ ସବୁର ଉତ୍ତମ ଚୟନ ଓ ସୁନ୍ଦର ଶବ୍ଦ ବସାଣ ଥିଲେ ସେଇ ଆଳଙ୍କାରିକ ଶବ୍ଦାବଳୀ ମାନପତ୍ରର ମାନ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ। ଉତ୍ତମ ଲେଖା ପାଇଁ ମାନପତ୍ରର ଶ୍ରୀ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ।

ଯେ କୌଣସି ନାଁକରା ଗୀତସଙ୍ଗୀତର ଗୀତିକାର ଅନେକ କ୍ଷେତ୍ରରେ ଯେମିତି ପ୍ରଚ୍ଛଦପଟରେ ରହିଥାନ୍ତି/ ରହିଯାନ୍ତି, ଠିକ୍ ସେମିତି ମାନପତ୍ର ଲେଖାଳି କିଏ ସେ ଆଦୌ ସାମ୍ନାକୁ ଆସି ନ ଥାନ୍ତି। ଗୀତିକାରଙ୍କୁ ତ ଅନେକ ଜାଣିବାର ଚିହ୍ନିବାର ସୁଯୋଗ ଥାଏ। ହେଲେ ମାନପତ୍ର ଲେଖାଳିଙ୍କୁ ଜାଣିବାର ସୁଯୋଗ ନ ଥାଏ କହିଲେ ଚଳେ। ଯା' ହେଉ କାହାକୁ କେଉଁଠି ଯଦି ପୁରସ୍କାର ଦିଆଯାଏ, ତେବେ ତାଙ୍କ ହାତକୁ ଆଗ ମାନପତ୍ରଟେ ବଢ଼େଇ ଦିଆଯାଇଥାଏ। ଆଉ ବେକରେ ତାଙ୍କର ପକେଇ ଦିଆଯାଏ ଗାମୁଛା ଖଣ୍ଡେ। ହାତକୁ ଫୁଲତୋଡ଼ାଟେ।

ଆଜିକାଲି ମାନପତ୍ର ନାଁରେ ଅମାନପତ୍ର(!) ବେଶି ଦିଆଯାଉଥିବା ମନେହୁଏ। ଅନେକ ମାନପତ୍ର ନିର୍ଭୁଲ ନ ଥାଏ। ତହିଁରେ ଭୁଲ୍ ଥାଏ। ତେଣୁ ସୁନ୍ଦର ମାନପତ୍ର ପାଇଁ ଉତ୍ସବ ଆୟୋଜନର ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ତାରିଖ ବା ଦିନର ବହୁତ ଦିନ ଆଗରୁ ମାନପତ୍ର ପ୍ରସ୍ତୁତି କାମ ସରିଥିବା ଦରକାର। ଆଗରୁ ଲେଖାଗଲେ ମାନପତ୍ର, ମାନପତ୍ର ଭଳିଆ ତିଆରି ହୋଇପାରିବ। ଉତ୍ସବର ଠିକ୍ ଦିନେ କି ଦି' ଦିନ ଆଗରୁ ମାନପତ୍ର ପ୍ରସ୍ତୁତ କରାଗଲେ ଲେଖାର ମାନ ଠିକ୍ ନ ରହିବା ସହିତ ନିର୍ଭୁଲ ନ ରହିବା ସମ୍ଭାବନା ଯଥେଷ୍ଟ ଅଧିକ ରହେ। ମାନପତ୍ର ପ୍ରସ୍ତୁତି ପାଇଁ ସମୟ ଦେବା ଦରକାର ଯେମିତି ତାହା ସୁନ୍ଦର ଓ ସୁଦୃଶ୍ୟ ଥିବ। ପୁଣି ସୁନ୍ଦର ଓ ସୁଦୃଶ୍ୟ ମାନପତ୍ର ତିଆରି ସମ୍ଭବ ଯଦି ପୁରସ୍କାର ସଂଖ୍ୟା ସୀମିତ ଥିବ। ୫୧, ୭୧, ୧୦୧ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ଦିଆଗଲେ ସେଇଠି ନା ମାନପତ୍ରର ମାନ ଠିକ୍ ଥିବାର ଆଶା ରହିବ ନା ଉତ୍ତରୀୟର ମାନ ରହିବ। ସେଇଠି ଫୁଲତୋଡ଼ା ନାଁରେ ପତ୍ରତୋଡ଼ା



ଦିଆଯିବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର ପ୍ରଶ୍ନ ନ ଥିବ। ଫୁଲ ନ ଥାଇ କେବଳ ପତ୍ର ମୋଡ଼ି ଦିଆଗଲେ ତାହା ଫୁଲତୋଡ଼ା ନ ହୋଇ ପତ୍ରତୋଡ଼ା ପଦବାଚ୍ୟ ହେବ ନିଶ୍ଚୟ। ଫୁଲତୋଡ଼ା ବଦଳରେ ପତ୍ରତୋଡ଼ା ଦେଲେଣି କେଉଁଠି କେଉଁଠି ଖର୍ଚ୍ଚକାଟ ନୀତି ଧରି। ପତ୍ରତୋଡ଼ା ଦିଆଯାଇଥିବା ଘଟଣା ଏ ଲେଖକ ନିଜେ ଦେଖିଛି ଗୋଟେ ସାହିତ୍ୟ ସଭାରେ। ପୁଣି ୫୧, ୭୧ ଜଣଙ୍କୁ ମାନପତ୍ର କେଉଁଠି ଦିଆଗଲେ ସେଠି କପି ପେଷ୍ଟ ମାନପତ୍ର ଦିଆଯିବ। ଏତେ ପ୍ରତିଭାଧରଙ୍କ ପାଇଁ ଅଲଗା ଅଲଗା ମାନପତ୍ର ତିଆରିକରିବା ଅସମ୍ଭବ କଥା। ସେଇ କ୍ଷେତ୍ରରେ ସବୁ ମାନପତ୍ରର ବିଷୟବସ୍ତୁ ସମାନ ଥାଏ। ସେଠି ପୁଣି ଛପା ନାଁ ରହେନି। ହାତଲେଖା ନାଁ ଥାଏ। ମୁଦ୍ରିତ ନାଁ ନ ଥାଏ।

ଆଗର ହାତଲେଖା ମାନପତ୍ରର ବି ମର୍ଯ୍ୟାଦା ଥିଲା। ସୁନ୍ଦର ଅକ୍ଷରରେ ମାନପତ୍ର ଲେଖାଯାଉଥିଲା। ଏବେ ମୁଦ୍ରିତ ମାନପତ୍ର ମାନରହିତ ରହୁଥିବା ଦେଖାଯାଏ। କମ୍ ଲୋକଙ୍କୁ ପୁରସ୍କାର ଦିଆଗଲେ ମୁଦ୍ରିତ ନାଁ ରୁହନ୍ତା। ସ୍ଥଳବିଶେଷରେ ଶହ ଶହଙ୍କୁ ପୁରସ୍କାର ଦିଆଯାଉଥିବାରୁ ବିଷୟବସ୍ତୁ ସମାନ ଥାଇ ନାଁ ପୂରଣ ହାତରେ କରାଯାଇ ପୁରସ୍କାର ନାଁରେ ସେ ପ୍ରକାର ମାନପତ୍ର ଧରେଇ ଦିଆଯାଉଛି। ତହିଁରେ ବି କୃତକୃତ୍ୟ ଖୁବ୍ ହୁଅନ୍ତି ଥୋକାଏ ପୁରସ୍କାର ପାଇଛୁ ବୋଲି। ଉତ୍ତରୀୟ ଆକାରେ ସାଲ ଦିଆଯିବାର ପ୍ରଶ୍ନ ନ ଥାଏ। ଶସ୍ତା ଗାମୁଛା ଖଣ୍ଡେ ଖଣ୍ଡେ ବେକରେ ପକେଇ ଦିଆଯାଏ।

ଇଏ ତ ମାନପତ୍ରର କଥା। ଏବେ ଏବେ କିଏ କେଉଁଠି ଅଂଶଗ୍ରହଣ କରିଥିବାର ପ୍ରମାଣ ସ୍ୱରୂପ ପାଇଥିବା ସାର୍ଟିଫିକେଟ ବା ପ୍ରମାଣପତ୍ରକୁ ବୋଧହୁଏ ମାନପତ୍ର ମନେକରନ୍ତି। ଆଉ ତାକୁ ଫେସ୍‌ବୁକରେ ପୋଷ୍ଟ କରି କିଏ କିଏ ଲେଖିଲେଣି ମୁଁ ଏଇଠୁ ସେଇଠୁ ସମ୍ବର୍ଦ୍ଧିତ ହେଲି। ଏ ଘଟଣା ସ୍ପଷ୍ଟ ସୂଚିତ କରେ କାହା କାହାର ନାଁ ସାଉଁଟିବାର ବିକଳ ମାନସିକତାକୁ। ସେମାନେ ବୁଝିପାରନ୍ତିନି କେମିତି ପ୍ରମାଣପତ୍ର କ'ଣ, ଆଉ ମାନପତ୍ର କ'ଣ ? କବିତାପାଠରେ କେଉଁଠି ମଧ୍ୟ ଦିଆଯାଏ ପ୍ରଶସ୍ତି ପତ୍ର। ସେଇ ପ୍ରଶସ୍ତିପତ୍ର ବି ପ୍ରମାଣପତ୍ର ପ୍ରାୟ। ତାହା ମାନପତ୍ର ହୋଇ ନ ପାରେ। ଆଜିର ଦିନରେ ପ୍ରମାଣପତ୍ର, ପ୍ରଶସ୍ତିପତ୍ର, ମାନପତ୍ର ଆଦିକୁ ଗୋଟାଇବା/ହାତେଇବା ମାନସିକତା ରଖାଯିବା ସ୍ପୃହଣୀୟ ନୁହେଁ। ଆଜିକାଲି ଏଠି ସେଠି ଯେମିତି ଦିଆଯାଉଛି ବା ଦିଆଗଲାଣି ପୁରସ୍କାର, ତହିଁରେ ମାନପତ୍ରର ମାନ ଆଶା କରିବା ବୃଥା।

**ବଉଦରାଜ, ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ପେସାରେ ଜଣେ ଡାକ୍ତର ହେଲେ ବି ବନୀକରଣ ପାଇଁ ସମୟ ଦେଉଛନ୍ତି ରାଜସ୍ଥାନର ଯୋଗେଶ ଚୌଧୁରୀ। ଉଲ୍ଲେଖନୀୟ ବିଷୟ ହେଉଛି, ଡା. ଚୌଧୁରୀ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ କୌଣସି କାର୍ଯ୍ୟରେ ସେ କର୍ନାଟକର ବେଲାରି ଯାଇଥିଲେ। ସେହି ସମୟରେ ସେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲ ବୁଲି ଦେଖିଥିଲେ। ସେଠାକାର ଅନୁଭବ ତାଙ୍କୁ ଚନ୍ଦନ ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। କର୍ନାଟକରୁ ଫେରିବା ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇଥିଲେ। ପ୍ରଥମେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯିବାରୁ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଏକ ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏ ସମ୍ପର୍କିତ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପରେ ଡ. ଚୌଧୁରୀ ଚନ୍ଦନ ଗଛ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏବେ ତାଙ୍କ ଫାର୍ମରେ ପାଖାପାଖି ୧୦୦୦ ଚନ୍ଦନ ଗଛ ଶୋଭା ପାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୯ ଜାନୁଆରୀ ୧୯୭୭**

- ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଖାଦ୍ୟ ପାଇଁ କାମ ଯୋଗାଣ ଯୋଜନାରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।
- କୋଚିନ ଜିଲାର ପି.ଭି. ରାଘୁନ୍ନ୍ୟ ପଦ୍ମନାଭଙ୍କୁ ମରେଣୋତ୍ତର ସର୍ବୋତ୍ତମ ଜୀବନରକ୍ଷା ପଦକ ପୁରସ୍କାର ଦେବା ଲାଗି ରାଷ୍ଟ୍ରପତିଙ୍କ ଅନୁମୋଦନ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | |
| 3 | 2 | 9 | | | | | | 6 |
| 8 | | 6 | | | 1 | | | 9 |
| | | | | 3 | | | | |
| | | | | | | | 5 | |
| 1 | | | | | 2 | 8 | 9 | |
| | | 1 | | 7 | | | 2 | |
| | | 4 | 1 | | | 5 | | |
| | 3 | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 2 | 5 | 4 | 1 | 8 | 7 |
| 5 | 4 | 1 | 8 | 7 | 3 | 2 | 6 | 9 |
| 2 | 7 | 8 | 9 | 6 | 1 | 5 | 3 | 4 |
| 9 | 2 | 3 | 5 | 1 | 6 | 4 | 7 | 8 |
| 4 | 6 | 7 | 3 | 2 | 8 | 9 | 5 | 1 |
| 8 | 1 | 5 | 4 | 9 | 7 | 3 | 2 | 6 |
| 7 | 5 | 4 | 6 | 3 | 9 | 8 | 1 | 2 |
| 6 | 8 | 2 | 1 | 4 | 5 | 7 | 9 | 3 |
| 1 | 3 | 9 | 7 | 8 | 2 | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'ରେ ମୌଳିକ ସୁବିଧା ଉପଲବ୍ଧ ହେଉ

ମହାଶୟ,

ସରକାର ୨୦୧୮ରେ ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ସ୍ୱଳ୍ପ ରହଣି, ବିଶ୍ରାମ ଏବଂ ଅତ୍ୟାବଶ୍ୟକ ଜରୁରୀ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'। ଏହି କେନ୍ଦ୍ରରେ ସ୍ନାନ ଓ ଶୌଚ ସାରି ପର୍ଯ୍ୟଟକମାନେ ଗନ୍ତବ୍ୟ ସ୍ଥଳକୁ ଯାଇ ଥାଆନ୍ତି। ରାସ୍ତା କଡ଼ରେ ଅବସ୍ଥିତ ଥିବାରୁ ଅନେକ ପଥଚାରୀ ମଧ୍ୟ ଶୌଚ ଓ ପାନୀୟ ଜଳ ଲାଗି ଏହା ଉପରେ ନିର୍ଭର କରିଥାନ୍ତି। ଆରମ୍ଭରୁ ପୂର୍ତ୍ତ ବିଭାଗ ଏହି କେନ୍ଦ୍ରର ପରିଚାଳନା କରୁଥିଲା। ପରେ ଏସବୁର ପରିଚାଳନା ଦାୟିତ୍ୱ ପ୍ରଥମେ ପଞ୍ଚାୟତିରାଜ ବିଭାଗ ଏବଂ ପରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଗଲା। ଅତ୍ୟନ୍ତ ଦୁଃଖର ବିଷୟ, ଏହି ଯାତ୍ରୀ ସୁବିଧା କେନ୍ଦ୍ର ଆଜି ଅବହେଳିତ ଓ ବ୍ୟବହାର ଲାଗି ସମ୍ପୂର୍ଣ୍ଣ ଅନୁପଯୋଗୀ। କେଉଁଠି ଗେଟ୍‌ରେ ତାଲା ଝୁଲୁଛି, ପୁଣି କେଉଁଠାରେ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ। କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ଆସୁ ନାହିଁ। ଆଉ କେଉଁଠି ଆଟେଣ୍ଡାଣ୍ଟ ନାହାନ୍ତି। 'ପଥପ୍ରାନ୍ତ ଯାତ୍ରୀ ସୁବିଧା କେନ୍ଦ୍ର'ଗୁଡ଼ିକରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉ।

**-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପବନ ସିରି ସିରି ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି ।
କି କଥା ତୁନି ତୁନି କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି !
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଚକ୍ଷୁଦାନ ପ୍ରୋତ୍ସାହନ ଶିବିର

ନୀଳଗିରି, ୮।୧(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଲାୟନ୍ସ କ୍ଲବ ମିତ୍ରପୁର ଶାଖା ଆନୁକୂଲ୍ୟରେ ଗୁରୁବାର ଚକ୍ଷୁଦାନ ପ୍ରୋତ୍ସାହନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଏସ୍‌ଡିଏମ୍‌ଓ ଡା. ସତ୍ୟନାରାୟଣ ନାୟକ, ଡା. ସରୋଜିନୀ ପ୍ରଧାନ, ଡା. ଜ୍ୟୋତିର୍ମୟୀ ମଲ୍ଲିକ, ସଂଯୁକ୍ତା ପାତ୍ର, ଲାୟନ୍ସ କ୍ଲବ ମିତ୍ରପୁର ଶାଖା ସଭାପତି ଜ୍ୟୋତିରଞ୍ଜନ ପ୍ରଧାନ, ଉପସଭାପତି ଡ. ପ୍ରକାଶ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ମହାପାତ୍ର, ଜୟନ୍ତୀ ମହାପାତ୍ର, ରଞ୍ଜନ ବେହେରା, ଦେବାଶିଷ ସାହୁ, ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ଦିନରେ ନୀଳଗିରି ବ୍ଲକ, ରେମୁଣା ସିଏଚ୍‌ସି, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ରେମୁଣା ମେଡିକାଲ କଲେଜରେ ହେବ ବୋଲି କ୍ଲବ ସଭାପତି ଡ. ପ୍ରଧାନ କହିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ଜିଲା ମଙ୍ଗଳ କାର୍ଯ୍ୟାଳୟ ଗ୍ୟାରେଜ

କେନ୍ଦୁଝର,୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଘର ପରିତ୍ୟକ୍ତ ଅବସ୍ଥାରେ ରହିଛି। ପରିସରରେ ଥିବା ଜିଲା ମଙ୍ଗଳ କାର୍ଯ୍ୟାଳୟ ନିକଟରେ ଥିବା ଗାଡ଼ି ଗ୍ୟାରେଜଗୁଡ଼ିକ ବ୍ୟବହାର ହେଉ ନ ଥିବାରୁ ନଷ୍ଟ ହୋଇଗଲାଣି। ଏହାର ଚାରିପାଖ ଅନାବନା ଘାସ, ଗଛ ଉଠି ସରିସୃପଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି। ସରକାରୀ ଗାଡ଼ିଗୁଡ଼ିକ ଏଣେ ତେଣେ ରଖାଯାଉଥିବା ବେଳେ ଏହି ସବୁ ଗ୍ୟାରେଜଗୁଡ଼ିକ ବ୍ୟବହାର କରାଯାଉନାହିଁ। ବିଶେଷ କରି ସରକାରୀ ଗାଡ଼ି କମ ବ୍ୟବହାର ଓ ଭଡ଼ାଗାଡ଼ିର ଅଧିକ ବ୍ୟବହାର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେକ ଗାଡ଼ି ଚାଳକ ମତବ୍ୟକ୍ତ କରୁଛନ୍ତି। ଏଣୁ ଏହି ସବୁ ଗ୍ୟାରେଜଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସହ ସାମାନ୍ୟ ମରାମତି କରାଗଲେ ଏହା ଅଫିସ ଗୃହ ଭାବରେ ବ୍ୟବହାର ହୋଇପାରିବ ବୋଲି ବରିଷ୍ଠ ଆଇନଜୀବୀ ଜ୍ୟୋତିରତ୍ନ ମହାନ୍ତଙ୍କ ସମେତ ଅନ୍ୟମାନେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଅଫିସ ଗୃହ ଅଭାବରୁ ବହୁ ଅଫିସ କମ ସ୍ଥାନରେ ପରିଚାଳିତ ହେଉଛି। ଏପରିକି କେତେକ ଅଫିସ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଲିଛି। ଏଣୁ ଏହିସବୁ ଗ୍ୟାରେଜ ତଥା ଅନ୍ୟ ପରିତ୍ୟକ୍ତ ଘରଗୁଡ଼ିକୁ ମରାମତି କରାଗଲେ ଘର ସମସ୍ୟା ଦୂର ହୋଇପାରିବ ବୋଲି ମତପ୍ରକାଶ ପାଉଛି।



ବ୍ୟବହାର ନ ହୋଇ ଗ୍ୟାରେଜ କବାଟ୍ ନଷ୍ଟ ହୋଇଗଲାଣି।

## ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଟୁର୍ଣ୍ଣାମେଣ୍ଟକୁ ତହସିଲଦାର ଅମିତ ରଞ୍ଜନ ହୋତା ଉଦ୍‌ଘାଟନ କରୁଛନ୍ତି।

ଖଇରା, ୮।୧(ଉତ୍କଳବନ୍ଧୁ ପଣ୍ଡା)

ବହୁ ପ୍ରତୀକ୍ଷିତ ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ କ୍ୱାର୍ଟର ଫାଇନାଲରେ ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ସହିତ ସ୍ପୋର୍ଟିଂ କ୍ଲବ କଟକକୁ ଭେଟିଥିଲା। ଆଦର୍ଶ କ୍ରିକେଟ କ୍ଲବ ବାଲେଶ୍ୱର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କଟକ ସ୍ପୋର୍ଟିଂ କ୍ଲବ ୨୦ ଓଭରରେ ତାର ସମସ୍ତ ଉଇକେଟ ହରାଇ ୧୧୧ ରନ କରିଥିଲା। ୧୧୨ ରନ ବିଜୟ ଲକ୍ଷ୍ୟ ନେଇ ଆଦର୍ଶ କ୍ଲବ ନିର୍ଦ୍ଧାରିତ ୧୮.୧ ଓଭରରେ ୨ ଉଇକେଟ ହରାଇ ୧୧୭ ରନ କରି ମ୍ୟାଚ ଜିତିଯାଇଥିଲା। ୫୨ ବଲରେ ୫୦ ରନ କରିଥିବା ମଧୁର ଦଉ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟକ ଭାବେ ତହସିଲଦାର ଅମିତ ରଞ୍ଜନ ହୋତା, ସମ୍ମାନୀୟ ଅତିଥି ଭାବେ ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି ଏବଂ ଖଇରା ଥାନା ଉପ ଆରକ୍ଷୀ ଗୌରହରୀ ବାଗୁରାଇ ଯୋଗଦେଇଥିଲେ। ସ୍କୋରର ଭାବେ ହେମନ୍ତ ଜେନା, କିରଣ ଶତପଥି, ଉମାକାନ୍ତ ଗର, ଜନ୍ମେଜୟ ମହାକୁଡ, କମଳାକାନ୍ତ ବେହେରା ଏବଂ ଭାଷ୍ୟକାର ଭାବେ ଉଦୟଭାନୁ ପତି, ସୁଶାନ୍ତ ମହାକୁଡ଼ ଓ ଶୁଭସୁନ୍ଦର ଦାସ ଦାୟିତ୍ୱ ତୁଲାଇଥିଲେ।

## କୁଷ୍ଠ ରୋଗୀଙ୍କୁ ସେଲ୍‌ଫ କେୟାର ପ୍ରଶିକ୍ଷଣ

ପାଟଣା,୮।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଲେପ୍ରା ସୋସାଇଟି ରାଇରଙ୍ଗପୁରର ମିଳିତ ଉଦ୍ୟମରେ କୁଷ୍ଠ ଜନିତ ବିକଳାଙ୍ଗ ବ୍ୟକ୍ତି ନିଜେ କିଭଳି ନିଜର ଯତ୍ନ (ସେଲ୍‌ଫକେୟାର) ନେଇପାରିବେ ସେନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଶୁଭେନ୍ଦୁ ସାଗର ନାଏକ, କେନ୍ଦୁଝର ଜିଲା କୁଷ୍ଠ ରୋଗ ପରାମର୍ଶଦାତା ଡ଼. ଶୋଭନ ସାହୁ, ଲେପ୍ରା ସୋସାଇଟି ପ୍ରୋଜେକ୍ଟ ଆସୋସିଏଟ୍ ପ୍ରହ୍ଲାଦ ମଙ୍ଗରାଜ, ବ୍ଲକ ନୋଡାଲ କୁଷ୍ଠ ରୋଗ କର୍ମୀ ପ୍ରଦୀପ ଦାଶ, ନୋଡାଲ କୁଷ୍ଠ ରୋଗ ଅଧିକାରୀ ଡ଼. ପାର୍ଥସାରଥୀ ଦାଶ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ରବିନ୍ଦ୍ର ଦାଶ, ସିଆରପି ସୁଲୋଚନା ମହାରଣା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ଏଥିରେ ପାଟଣା ବ୍ଲକର ୨୦ ଜଣ କୁଷ୍ଠ ରୋଗ ଜନିତ ବିକଳାଙ୍ଗ ବ୍ୟକ୍ତିଙ୍କୁ ଡ଼. ଶୁଭେନ୍ଦୁ ସାଗର ନାଏକ ଓ ଡ଼. ଶୋଭନ ସାହୁ ନିଜର ହାତ ଓ ପାଦର କିଭଳି ଉପଯୁକ୍ତ ଯତ୍ନ ନିଜେ ନେବେ ସେ ବିଷୟରେ ବିସ୍ତୃତ ଭାବରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୧୨ ଜଣଙ୍କୁ ଏମ୍‌ସିଆର୍ ଚପଲ ଓ ଅଲସର କିଟ୍ ପ୍ରଦାନ କରାଯାଇଥିଲା।




ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରଶିକ୍ଷଣ ଦେଉଛନ୍ତି।

# ଏସ୍‌ପିଙ୍କ ଅଫିସ ଆଗରେ ଆଶାୟୀଙ୍କ ବିକ୍ଷୋଭ



ଏସ୍‌ପିଙ୍କ ଅଫିସ ଆଗରେ ଆଶାୟୀମାନେ ନାରାବାଜି କରୁଛନ୍ତି।

ଭଦ୍ରକ,୮।୧(ସନାତନ ରାଉତ)

### ହୋମ୍‌ଗାର୍ଡ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା ଅଭିଯୋଗ କରି ଆଶାୟୀମାନେ ଗୁରୁବାର ଭଦ୍ରକ ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏସ୍‌ପିଙ୍କୁ ଭେଟିବା ପରେ ସେମାନେ କାର୍ଯ୍ୟାଳୟ ଆଗରେ ନାରାବାଜି କରିଥିଲେ। ବୁଧବାର ଜିଲା ପୋଲିସ ପକ୍ଷରୁ ୧୩୯ ହୋମ୍‌ଗାର୍ଡ ପଦବୀ ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିଲା। ଏହି ତାଲିକା ଦେଖିବା ପରେ କମ୍ ନମ୍ବର ରଖିଥିବା ଆଶାୟୀମାନେ ନିଯୁକ୍ତି ପାଇଥିବା ସେମାନେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ସେମାନେ କାର୍ଯ୍ୟାଳୟ ଆଗରେ ନାରାବାଜି କରିବା ସହ ହୋହଲ୍ଲା କରିଥିବା କହିଛନ୍ତି। ପରେ ପୋଲିସ ସେମାନଙ୍କୁ ଘଉଡ଼ାଇଥିବା ଦେଖାଯାଇଥିଲା।

୧୩୯ ପଦବୀ ପାଇଁ ୭ହଜାରରୁ ଅଧିକ ଆଶାୟୀ ଆବେଦନ କରିଥିଲେ। ଏସ୍‌ପି ଓ ୨ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହା ସତ୍ତ୍ୱେ ହୋମ୍‌ଗାର୍ଡ ପଦବୀ ପାଇଁ କିପରି ଅନିୟମିତତା ହେଲା ବୋଲି ଗଙ୍ଗାଧର ପତି ଓ ରଘୁରାମ ଯେନାଙ୍କ ସମେତ ଆଶାୟୀ ପ୍ରାର୍ଥୀମାନେ ପ୍ରଶ୍ନ କରିଛନ୍ତି। ଏନେଇ ଏସ୍‌ପି ମନୋଜ ରାଉତ କହିଛନ୍ତି, କୌଣସି ଅନିୟମିତତା ହୋଇନାହିଁ। ସମସ୍ତ ପରୀକ୍ଷା ନିରୀକ୍ଷା ଭିଡିଓଗ୍ରାଫି ହୋଇଛି। ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୀତ କରାଯାଇଛି। ଯେଉଁମାନେ ଅସଫଳ ହୋଇଛନ୍ତି, ସେହିମାନେ ଅଭିଯୋଗ କରୁଛନ୍ତି। ସେମାନେ ଆର୍‌ଟିଆଇରେ ମାଗି ସମସ୍ତ ତଥ୍ୟ ନେଇପାରିବେ ବୋଲି ଏସ୍‌ପି କହିଛନ୍ତି।


**PANCHAYAT SAMITI, CHHENDIPADA**
INVITATION FOR BIDS (IFB)
IDENTIFICATION No: - CHHB- 02/2025-26
E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **"C" & "D" contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

Sd./- Block Development Officer,
Chhendipada



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.
**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D



केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ **"ଯାହା ଯେପରି ଅଛି" "ସେଠାରେ ଯାହା ଅଛି"** ଏବଂ **"ବିନା ଆଇନଗତ ସହାୟତା"** ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ । ଅନ୍‌ଲାଇନ୍ ନିଲାମ https://www.bankeauctions.com ମାଧ୍ୟମରେ ଅନୁଷ୍ଠିତ ହେବ ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୦୧.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା**
**ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୧.୦୧.୨୦୨୬ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ**
**ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୧.୦୧.୨୦୨୬ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମରେ) |
|---|---|---|---|---|
| | **ଅଡଶପୁର ଶାଖା (୦୨୮୩), ମୋ.: ୭୬୦୫୦୦୯୦୪୭, IFSC CODE - CNRB0000283** | | | |
| ୧. | **ସୁନନ୍ଦ କୁମାର ରାଉତରାୟ,** ପିତା: ରଘୁନାଥ ରାଉତରାୟ, ସା/ପୋ.: ଅଡଶପୁର, ଜିଲ୍ଲା: କଟକ, ଓଡିଶା-୭୫୪୦୧୧ / ୧୮୦୧୨୮୯୯୩୭୫୫ | ଟ.୯୫,୨୭୩.୭୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୮୫,୧୦୫/- | ୧୬.୪ ଏବଂ ୧୪.୭୬ |
| | **ଓସ୍ତପୁର ଶାଖା (୪୯୬୭), ମୋ.: ୭୬୦୫୦୦୯୦୯୧, IFSC CODE - CNRB0004967** | | | |
| ୧. | **ଝୁନୁଲତା ସ୍ୱାଇଁ,** ମାର୍ଫତ: ସୁକଦେବ ସ୍ୱାଇଁ, ପାଟେଣିଗାଁ, ତୋଟାପଡା, କଟକ, ଓଡିଶା-୭୫୪୧୩୧ / ୧୮୦୩୯୩୦୮୫୨୩୩ | ଟ.୮୧,୭୮୨.୭୧ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୧୬,୬୩୧/- | ୧୧.୪ ଏବଂ ୯.୩ |
| | **ନୂଆପଡା ଶାଖା (୬୦୪୬), ମୋ.: ୭୬୦୫୦୦୯୧୧୪, IFSC CODE - CNRB0006046** | | | |
| ୧. | **ଚିତ୍ତରଞ୍ଜନ ଦାସ,** ପିତା: ମୋହନ ଚରଣ ସେଠୀ, ସା/ପୋ.: ପିକାରାଳି, ଭାୟା: ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା-୭୫୪୨୧୩ / ୧୮୦୧୨୦୦୩୪୭୩୨ | ଟ.୧,୪୧,୯୭୬.୨୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୯୬,୮୯୪/- | ୧୭.୭୯ ଏବଂ ୧୫.୭ |
| | **ସୁକରପଡା ଶାଖା (୧୮୦୨୪), ମୋ.: ୯୮୫୩୨୮୫୯୧୫, IFSC CODE - CNRB0018024** | | | |
| ୧. | **ଦୀପା ବେହେରା,** ମାର୍ଫତ: ବସନ୍ତ ବେହେରା, ସା: ଅଇଣ୍ଡା, ପୋ.: ସୁକରପଡା, ସାଲେପୁର, ଜିଲ୍ଲା: କଟକ, ଓଡିଶା - ୭୫୪୨୦୯ / ୧୬୪୦୨୮୯୮୭୫୦୨ | ଟ.୧୬,୨୭୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୧,୭୬୨/- | ୩.୭୧ ଏବଂ ୩.୩୩ |
| | **ଦାଣ୍ଡିସାହି ଶାଖା (୧୮୦୩୩), ମୋ.:୯୪୩୭୫୭୯୫୭୨, IFSC CODE - CNRB0018033** | | | |
| ୧. | **ଝୁନୁ ମଲିକ,** ସ୍ୱା: ଜୟନ୍ତ ମଲିକ, ସା: କୃଷ୍ଣଦାଶପୁର, ପୋ.: ଦାଣ୍ଡିସାହି, ଥାନା: ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା-୭୫୪୨୪୦ / ୧୮୦୧୩୦୩୪୧୦୬୨ | ଟ.୭୩୩୭.୯୬ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧୬,୯୩୦/- | ୧.୮ ଏବଂ ୧.୩୫ |
| ୨. | **ରମା ବାରିକ,** ସ୍ୱା: ନିତ୍ୟାନନ୍ଦ ବାରିକ, ସା/ପୋ.: ଆଳପୁଆ, ଭାୟା: ଇନ୍ଦୁପୁର, କେନ୍ଦ୍ରାପଡା, ଓଡିଶା-୭୫୪୨୧୪ / ୧୮୦୧୨୭୬୬୨୯୭୬ | ଟ.୭୫୧୩.୭୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨୦,୬୯୩/- | ୨.୨ ଏବଂ ୧.୬୫ |
| | **ସିଡିଏ ଶାଖା (୧୮୦୯୪), ମୋ.:୯୪୩୭୪୯୬୦୨୧, IFSC CODE - CNRB0018094** | | | |
| ୧. | **ଦିପକ ରଞ୍ଜନ ପଲେଇ,** ପିତା: ସନନ୍ଦ ପଲେଇ, ମାର୍ଫତ: ମିନକେତନ ମହାନ୍ତି, ପ୍ଲଟ ୪ଜିଏଚ/୯୨୯/୨୬, ସେକ୍ଟର-୧୦, ସିଡିଏ, କଟକ, ଓଡିଶା-୭୫୩୦୧୪/ ୧୬୪୦୫୦୧୪୩୫୬୨ | ଟ.୨୩,୩୮୦/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫୦,୧୬୪/- | ୪.୫୬ ଏବଂ ୪ |
| | **ଲିଙ୍କରୋଡ ଶାଖା (୧୮୦୯୫), ମୋ.:୯୪୩୭୫୬୯୫୧୫, IFSC CODE - CNRB0018095** | | | |
| ୧. | **ଦେବେନ୍ଦ୍ର ନାଥ ନନ୍ଦ,** ସା: ମେରିଆ ବଜାର, ପୋ.: ବକ୍ସି ବଜାର, କଟକ ସଦର, କଟକ, ଓଡିଶା-୭୫୩୦୦୧ / ୧୮୦୩୯୩୦୬୬୩୬୨ | ଟ.୪,୧୮,୬୫୮.୩୬ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୫୯,୨୭୧/- | ୨୧.୧୨ ଏବଂ ୧୨.୭ |
| | **ଓଥକା ଶାଖା (୧୮୦୯୮୦), ମୋ.:୯୪୩୭୫୬୧୧୦୬, IFSC CODE - CNRB0018098** | | | |
| ୧. | **ଏସ୍ କେ ସାଇଫନ୍ ଅଲି,** ଏସ୍‌କେ ମନୁଆର ଅଲି, ସା: ପ୍ରହରାଜପୁର, ପୋ.: ଗୋତର, ଥାନା: ମାହାଙ୍ଗା, କଟକ, ଓଡିଶା-୭୫୪୨୦୭ / ୧୮୦୨୫୪୪୮୪୭୪୨ | ଟ.୧,୩୬,୨୮୧.୨୯ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୩,୬୪୩/- | ୪.୩୫ ଏବଂ ୩.୪୮ |
| ୨. | **ଏସ୍ କେ ସାଇଫନ୍ ଅଲି,** ଏସ୍‌କେ ମନୁଆର ଅଲି, ସା: ପ୍ରହରାଜପୁର, ପୋ.: ଗୋତର, ଥାନା: ମାହାଙ୍ଗା, କଟକ, ଓଡିଶା-୭୫୪୨୦୭ / ୧୮୦୨୫୯୨୬୨୩୯୩ | ଟ.୧,୩୬,୨୮୧.୨୯ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫୮,୧୯୦/- | ୫.୮ ଏବଂ ୪.୬୪ |

**ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.-୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK**
**IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-**

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ । ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ । ଅଧିକ ସୂଚନା ପାଇଁ ଦୟାକରି **M/S C1 INDIA PVT. LTD.**, ମୋ.: 7291981126 / 7291981125 / 7291981124 ରେ ଯୋଗାଯୋଗ କରନ୍ତୁ । ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://www.bankeauctions.com ଦେଖନ୍ତୁ ।

**ତାରିଖ: ୦୭.୦୧.୨୦୨୬, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**


## ସ୍କୁଟି ଉପରେ ଚଢ଼ିଗଲା ହାଇୱା, ଶିକ୍ଷୟିତ୍ରୀ ଗୁରୁତର

ଜଳେଶ୍ୱର, ୮।୧(ନବୀନ ସାହୁ)

ଜଳେଶ୍ୱର ତହସିଲ ଅଧୀନ ରାଜଘାଟ ଓଟିରୋଡ୍‌ର ମହମ୍ମଦନଗରପାଟଣାଠାରେ ଗୁରୁବାର ସକାଳ ୯ଟା ବେଳେ ଏକ ଦୁର୍ଘଟଣା ଘଟିଛି। ବେଲପାଳ ନିକଟରେ ଚୋରାରେ ମହଜୁଦ ରଖାଯାଇଥିବା ବାଲି ଆଣିବାକୁ ଏକ ହାଇୱା ଯାଉଥିବା ବେଳେ ସ୍କୁଟି ଉପରେ ମାଡ଼ିଯାଇଥିଲା। ଫଳରେ ମହମ୍ମଦନଗର ପାଟଣା ଗାଁର ଲାବଣ୍ୟପ୍ରଭା ଭୂୟାଁ (୩୬)ଗୁରୁତର ହୋଇଛନ୍ତି। ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲାବଣ୍ୟ ସ୍ଥାନୀୟ ବାଘାବାଳୀସ୍ଥିତ ଜ୍ଞାନମନ୍ଥର ପବ୍ଲିକ ଇଣ୍ଟରନ୍ୟାଶନାଲ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ଦାବି ନେଇ ଗୁରୁତର ଶିକ୍ଷୟିତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଜଳେଶ୍ୱର ଥାନା ଆଇଆଇସି ଅଶୋକ ବାରିକ ଏବଂ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଶିବିରରେ ୧୦୭ଜଣଙ୍କ ଚକ୍ଷୁ ପରୀକ୍ଷା

ବାସୁଦେବପୁର,୮।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ରାଧାବଲ୍ଲଭପୁର ଛକସ୍ଥିତ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପରେ ରୋଟାରି କ୍ଲବ୍ ଆନୁକୂଲ୍ୟରେ ବୁଧବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଜ୍ଞ ଡାକ୍ତରୀ ଦଳ ୧୦୭ଜଣଙ୍କର ଚକ୍ଷୁ ପରୀକ୍ଷା କରି ଚିକିତ୍ସା କରିଥିଲେ। ଆୟୋଜିତ ସଭାରେ ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସାମାଜିକ କର୍ମୀ ମହେଶ ଚନ୍ଦ୍ର ଦାସ ଅନ୍ୟତମ ଅତିଥି ଏବଂ ରୋଟାରି କ୍ଲବ୍‌ର ଓଡ଼ିଶା ଡିଜି ଇନ୍ଦ୍ରଜିତ୍ ସାହୁ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ସଭାପତି ଭାଗୀରଥି ବଳ ସ୍ୱାଗତ ଭାଷଣ ଓ ସମ୍ପାଦକ ଚନ୍ଦ୍ରକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ କିଶୋର ମହାପାତ୍ର, ମାଧବ ଚନ୍ଦ୍ର ପୁହାଣ, ସ୍ମୃତିରଞ୍ଜନ ପଳିତା, ସୁଧାଂଶୁ ଶେଖର ମିଶ୍ର, ରମାକାନ୍ତ ମଲିକ, ବଳରାମ ଜେନା, ଭଦ୍ରକ ରୋଟାରି କ୍ଲବ୍‌ର ଉପଦେଷ୍ଟା ମଙ୍ଗିଲାଲ ବଳଦେୱା, ଅମ୍ବିକା ବଲ୍ଲଭ ସ୍ୱାଇଁ, ପ୍ରଣବ ସାହୁ ପ୍ରମୁଖ ଶିବିର ମପରିଚାଳନା କରିଥିଲେ।


**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା–ସୁନ୍ଦରୀଖାଲ, ଖତିୟାନ ନଂ–32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA–234–2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର–୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି : (୧) ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୬।୦୧।୨୦୨୬;** ସିଗ୍‌ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ଼ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ–ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ଼ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/– । (୨) **ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ଫିଏଚ୍-I, ତାରିଖ: ୦୬।୦୧।୨୦୨୬;** ଖଡ଼ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍–I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ । **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1044)



**SBI** **ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** | **ଇ-ନିଲାମ ବିଜ୍ଞପ୍ତି**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ** ସୁଦ୍ଧା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **"ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି"** ଏବଂ **"ସେଠାରେ ଯାହାବି ଅଛି"** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ ।
ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ । **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦ । **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି । ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ) । | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ । |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: https://sbi.co.in/web/sbi-in-the-news/auction-notices/sarfaesi-and-others | ଇ-ନିଲାମ ୱେବସାଇଟ୍: ୟୁଆର୍‌ଏଲ୍: https://baanknet.com | ସମ୍ପତ୍ତିର ଅବସ୍ଥିତି : ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |
|---|---|---|

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୦୯.୦୧.୨୦୨୬**
**ସ୍ଥାନ: କୋଲକାତା**
**ସ୍ୱା./-**
**ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ‘ବେଟି ପଢ଼ାଓ ବେଟି ବଚାଓ’ କର୍ମଶାଳା

ଚାନ୍ଦବାଲି,୮।୧(କିଷାନ ପାତ୍ର): କେନ୍ଦ୍ର ସରକାରଙ୍କ ‘ବେଟି ପଢ଼ାଓ ବେଟି ବଚାଓ’ କର୍ମଶାଳା ଓ ସଚେତନତା ଶିବିର ଗୁରୁବାର ଚାନ୍ଦବାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି-୧ର ସିଡିପିଓ ସବିତା ସେଠୀ ଅଧ୍ୟକ୍ଷତା କରି ମହିଳାମାନଙ୍କ ଆର୍ଥିକ, ସାମାଜିକ, ରାଜନୈତିକ ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଚାନ୍ଦବାଲି ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ, ଚାନ୍ଦବାଲି-୨ ସିଡିପିଓ ମନସ୍ୱିନୀ ବେହେରା, ଅଧ୍ୟାପକ ରାଜୁ ବର୍ମନ ଏବଂ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଦୀପକ କୁମାର ସାହୁ ଯୋଗଦେଇ ମହିଳା ସଶକ୍ତୀକରଣ, ଝିଅମାନଙ୍କ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# କଟ୍‌ନି ଛଟ୍‌ନି ଅଧିକ ହେଲେ ଧାନ ଦେବେନି

**ଚେତାବନୀ ଦେଲେ ଚାଷୀ**

- ୭୦ ପ୍ରତିଶତ ଚାଷୀଙ୍କୁ ମିଳିନି ଟୋକନ
- ଆରସା ସମିତିରେ ଖୋଲିଲା ଧାନମଣ୍ଡି




ତିହିଡ଼ି,୮।୧(ସଞ୍ଜିତ ବଳ)

କଟ୍‌ନି ଛଟ୍‌ନି ଅଧିକ ହେଲେ ଚାଷୀମାନେ ମଣ୍ଡିକୁ ଧାନ ଦେବେ ନାହିଁ। ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସମବାୟ ସମିତିରେ ଗୁରୁବାର ପୂର୍ବାହ୍ନରେ ଧାନମଣ୍ଡି ଖୋଲିଥିବା ବେଳେ ଯୋଗଦେଇଥିବା ଚାଷୀମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଅଧିକ କଟ୍‌ନି ଛଟ୍‌ନି ହେଲେ ସେମାନେ ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି। ସମିତିରେ ୫୫୮ଜଣ ପଞ୍ଜୀକୃତ ଚାଷୀ ଥିବାବେଳେ ୭୦ପ୍ରତିଶତ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସଭାପତି ସତ୍ୟବ୍ରତ ନାୟକ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମଧୁସୂଦନ ବେହେରା, ପିଇଓ ସୁକାନ୍ତି ବାରିକ, ଉପସଭାପତି ଦେବଦୁଲାରୀ ଜେନା, ଧାନ କ୍ରୟ କମିଟିର ବିକାଶ ମହଲା, ବୀରେନ୍ଦ୍ର ସାହୁ, କୈଳାସ ମହାଳିକ, ଦେବେନ୍ଦ୍ର ବେହେରା, ସଚିକାନ୍ତ ପାଢ଼ୀ, ସର୍ବେଶ୍ୱର ପରିଡ଼ା, ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ପ୍ରଦୋଷ ସ୍ୱାଇଁ, ସୁରେଶ ମହାପାତ୍ର, ବିଭୂତି ଭୂଷଣ ପାଢ଼ୀ, ପାର୍ଥସାରଥୀ ବେହୁରା, ରତିକାନ୍ତ ଦାସ, ରମେଶ ନାୟକ, ରାଧାକାନ୍ତ ମହଲା, ବ୍ରଜକିଶୋର ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଡିଇଓ କିରଣ ନାୟକ ଓ କର୍ମଚାରୀ ଅଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତେବେ ପୂର୍ବତନ ସରପଞ୍ଚ ରାଉତ ଚାଷୀଙ୍କୁ ଟୋକନ ନ ମିଳିବା ସମ୍ପର୍କରେ ଏଆର୍‌ସିଏସ୍ ବସନ୍ତ କୁମାର ରଣାଙ୍କୁ ଟେଲିଫୋନ ଯୋଗେ ପଚାରିବାରୁ ସରକାରଙ୍କ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ମାତ୍ର ଟୋଲ୍ ଫ୍ରି ନମ୍ବର ଲାଗୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଭାଗନେଲେ ୨୯୩ ପ୍ରତିଯୋଗୀ

### ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ



ପ୍ରତିଯୋଗୀଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ।

ବନ୍ତ,୮।୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଡ.ସୁକୀର୍ତ୍ତି କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ମୁଖ୍ୟବକ୍ତା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ପାତ୍ର, ବନବିହାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି, ବ୍ଲକ ବିଜ୍ଞାନ ସଂଯୋଜକ ଶଶୀଶେଖର କରଶର୍ମା, ସରପଞ୍ଚ ଗଜେନ୍ଦ୍ର ସେଠୀ, ସମିତିସଭ୍ୟା ସଭିହା ଖାତୁନ୍, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ବ୍ଲକର ୧୫୯ ବିଦ୍ୟାଳୟରୁ ୨୯୩ ପ୍ରତିଯୋଗୀ ବିଜ୍ଞାନ ପ୍ରକଳ୍ପ ଓ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ସୁବାସ ଚନ୍ଦ୍ର ରାଉତ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପଞ୍ଚାନନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ ସିଆର୍‌ସିସି, ପଞ୍ଚାୟତ ହାଇସ୍କୁଲ, ବନ ବିହାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୧୮ରୁ ଜିଲା ମହୋତ୍ସବ ‘ଭଦ୍ରାୟଣୀ’

### ଚରମ୍ପା ନୁହେଁ, ନେହେରୁ ଷ୍ଟାଡିୟମ୍

ଭଦ୍ରକ,୮।୧(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ ‘ଭଦ୍ରାୟଣୀ’ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ଚରମ୍ପା ଓଆର୍‌ଟିଏସ୍ ପଡ଼ିଆରେ ଭଦ୍ରାୟଣୀ ହେବ ବୋଲି ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏବେ କିନ୍ତୁ ଚରମ୍ପା ନୁହେଁ, ପୂର୍ବବର୍ଷ ପରି ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଜିଲା ମହୋତ୍ସବ ହେବ ବୋଲି ଡେପୁଟି କଲେକ୍ଟର ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ସୂଚନା ଦେଇଛନ୍ତି। ଚରମ୍ପା ସହରଠାରୁ ଦୂରରେ ଅବସ୍ଥିତ ଥିବାରୁ ଭଦ୍ରାୟଣୀକୁ ନେଇ ସହରବାସୀ ମନ ଉଣା କରିଥିଲେ। କିନ୍ତୁ ଏବେ ନେହେରୁ ଷ୍ଟାଡିୟମ୍‌ରେ ହେବ ବୋଲି ଜାଣିବା ପରେ ସହରବାସୀ ଖୁସି ପ୍ରକାଶ କରିଛନ୍ତି। ସେହିପରି ଜିଲାସ୍ତରୀୟ ପ୍ରାଣିସମ୍ପଦ ମେଳା ମଧ୍ୟ ନେହେରୁ ଷ୍ଟାଡିୟମ୍‌ରେ ହେବ ବୋଲି ସୂଚନା ମିଳିଛି।

## ସଡ଼କ ସୁରକ୍ଷା ନେଇ ସଚେତନତା ବାଇକ୍ ରାଲି



ବାଇକ୍ ରାଲି ଭଦ୍ରକ ସହର ପରିକ୍ରମା କରୁଛି।

ଭଦ୍ରକ,୮।୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲାରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସଚେତନତା ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ମନୋଜ କୁମାର ରାଉତ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଗତି ନିୟନ୍ତ୍ରଣ, ହେଲ୍‌ମେଟ୍, ସିଟ୍‌ବେଲ୍ଟ ବ୍ୟବହାର ନିଶ୍ଚିତକରଣ, ମଦ୍ୟପାନ କରି ଯାନ ଚାଳନା ବିରୋଧରେ କଠୋର ପଦକ୍ଷେପ ନେବା ସହ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନେବା ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଏମ୍‌ଭିଆଇ ବାମଦେବ ସାହୁ, ସେକ୍ ରହିମ, ଶ୍ରୀକାନ୍ତ ଦାସ ପ୍ରମୁଖ ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଭ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟର ଶ୍ରୀନିବାସ ପତି, ଟାଉନ ଥାନା ଇନ୍‌ସପେକ୍ଟର ପ୍ରଭାଂଶୁ ଶେଖର ମିଶ୍ର ପ୍ରମୁଖ ରାଲିରେ ସାମିଲ ଥିଲେ। ଶତାଧିକ ବାଇକ୍ ଚାଳକ ହେଲ୍‌ମେଟ୍ ପିନ୍ଧି ଭଦ୍ରକ ସହର ପରିକ୍ରମା କରି ସଚେତନ କରାଇଥିଲେ।

## ମିଶନ ଟାଇଗର ବାଲେଶ୍ୱର ବିଜୟୀ



ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

**ଦିବାକର ମେମୋରିଆଲ ଫୁଟ୍‌ବଲ୍ ଟୁର୍ନାମେଣ୍ଟ**

ବାସୁଦେବପୁର,୮।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଶୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ୍‌ରେ ଚାଲିଥିବା ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ମ୍ୟାଚ୍‌ରେ ଡାଇମଣ୍ଡ କ୍ଲବ୍ ଖୋର୍ଦ୍ଧାକୁ ୨-୦ ଗୋଲ୍‌ରେ ହରାଇ ମିଶନ ଟାଇଗର ବାଲେଶ୍ୱର ବିଜୟୀ ହୋଇଛି। ମିଶନ ଟାଇଗର ୨ଟି ଗୋଲ୍ ଦେଇଥିବା ବେଳେ ଖୋର୍ଦ୍ଧା ଗୋଲ୍ ପରିଶୋଧ କରିପାରି ନ ଥିଲା। ମୁଖ୍ୟ ଅତିଥି ଭାବେ ଆରୁହା ସରପଞ୍ଚ ରାଜେନ୍ଦ୍ର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଅରଣ୍ଡୁଆ ସରପଞ୍ଚ ନିରୂପମା ନାୟକ, ସାମାଜିକ କର୍ମୀ ରାଜେନ୍ଦ୍ର ବଳ, ସଞ୍ଜୟ କୁମାର ରାଉତ, ଶେଖ୍ ସାଫି, ଦେବେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରସାଦ ରାଉତ, ରବୀନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଗଣେଶ କ୍ଲବ୍ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଓ ସହସମ୍ପାଦକ ହୃଷୀକେଶ ସାହୁ ଉପସ୍ଥିତ ଥିଲେ।

## ବଳନ୍ତ-ଚୁଡଙ୍ଗ ମୁଖ୍ୟମନ୍ତ୍ରୀ ସଡ଼କ ଶିଳାନ୍ୟାସ

ଭଦ୍ରକ,୮।୧(ସନାତନ ରାଉତ)



ଶିଳାନ୍ୟାସ ଅବସରରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟ ଅତିଥି।

ଭଦ୍ରକ ବ୍ଲକ ଜଗଦଳପୁର ପଞ୍ଚାୟତର ବଳନ୍ତଠାରୁ ଚୁଡ଼ଙ୍ଗ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ବରେଣ୍ୟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାହାଞ୍ଜ ଏରଡ଼ା ରାସ୍ତାରୁ ତଗିରା ଭାୟା ବଳନ୍ତ ଧିନ୍ଦାସାହି, ଚୁଡ଼ଙ୍ଗପୁର ରାସ୍ତା ୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବ। ପଞ୍ଚାୟତବାସୀଙ୍କର ବହୁ ଦିନର ଆଶା ପୂରଣ ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ଲୋକେ ଗମନାଗମନର ସୁବିଧା ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହା କେବଳ ରାସ୍ତା ନୁହେଁ, ଗାଁର ବିକାଶ ପଥ। ଚାଷୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ପରିବହନ, ସଦର ମହକୁମାକୁ ସଂଯୋଗ କରିବାର ଏହା ଏକ ମାଧ୍ୟମ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସରପଞ୍ଚ ତିଳୋତ୍ତମା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପି ଓ ବିଧାୟକଙ୍କୁ ସ୍ଥାନୀୟ ଯୁବକ, ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

## ‘ପ୍ରେମ ବିନା ପୃଥିବୀ ସମ୍ଭବ ନୁହେଁ’



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭଦ୍ରକ,୮।୧(ସନାତନ ରାଉତ)

ପ୍ରେମ ମରେ ନାହିଁ କି ସରେ ନାହିଁ। ଏହା ଏକ ତ୍ୟାଗପୂତ ପ୍ରାର୍ଥନା। ପ୍ରେମର ରହସ୍ୟ ଅନ୍ୱେଷଣ ଯୁଗ ଯୁଗ ଧରି ଚାଲିଥିଲେ ବି ତାର ଶେଷ ହୋଇନାହିଁ କି କେବେ ବି ସରିବ ନାହିଁ ବୋଲି କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଙ୍କଳନ ପୁସ୍ତକ ‘ପ୍ରେମରେ ପ୍ରେମରେ ହାସ୍ୟ’ ଓ ‘ପ୍ରେମ ଭାସ୍କର୍ଯ୍ୟର ଭବ୍ୟ ଭଗ୍ନାଂଶ’ର ପାଠକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଆରଡ଼ିଛକସ୍ଥିତ ପ୍ରେମନଗରରେ ପ୍ରେମ ପୃଥିବୀ ପରିବାର ଓ ଟାଇମପାସ୍ ଦ୍ୱାରା ଆୟୋଜିତ ଏହି ପୁସ୍ତକ ପର୍ବରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରାବନ୍ଧିକ ପ୍ରଫେସର ବାସୁଦେବ ବାରିକ ଯୋଗଦେଇ ପ୍ରେମ ବିନା ପୃଥିବୀ ସମ୍ଭବ ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତା କଥାକାର ପ୍ରକାଶ ମହାପାତ୍ର, ଅନ୍ୟତମ ଅତିଥି ଭାବେ ପ୍ରାବନ୍ଧିକ ଡ. ଅଭୟ ଦାସ ଓ କବି କିଶୋର ପାଣିଗ୍ରାହୀ ଯୋଗଦେଇ ଲୋକାର୍ପିତ ୨ ପୁସ୍ତକର ବିଶ୍ଳେଷଣ କରିଥିଲେ। ପୁସ୍ତକର ସଂକଳକ ପଣ୍ଡା ପ୍ରେମର ବାଖ୍ୟା ଅସୀମିତ ବୋଲି ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁସ୍ତକଦ୍ୱୟର ପାଠକାର୍ପଣ ହୋଇଥିଲା। ମାନସୀଙ୍କ ପ୍ରାରମ୍ଭିକ ସଙ୍ଗୀତ ଓ ମୁଖ୍ୟବକ୍ତା ମହାପାତ୍ରଙ୍କ ବଂଶୀବାଦନ ଏକ ପ୍ରେମମୟ ପରିବେଶ ସୃଷ୍ଟି କରିଥିଲା। ପ୍ରକାଶକ ସରୋଜ ବଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ ଶରତ ନାୟକ ସ୍ୱାଗତ ଭାଷଣ, କବି ସଂଯୁକ୍ତା ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚୈତାଳି ଖିଲାର ଧନ୍ୟବାଦ ଦେଇଥିଲେ। ଅବିନାଶ ପଣ୍ଡା, ଅନ୍ନପୂର୍ଣ୍ଣା ପଣ୍ଡା, ସଂଗ୍ରାମ ସେନାପତି, ଅନନ୍ୟା ପଣ୍ଡା, ଅମିତାଭ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ଥିତି ଅନୁଧ୍ୟାନ କଲେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ

**ବିଚଳିତ ନ ହେବାକୁ ମଇଁଷି ପାଳକଙ୍କୁ ପରାମର୍ଶ**

ଧୁସୁରୀ,୮।୧(ଦୀପ୍ତିରଞ୍ଜନ ନାୟକ)



ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ଖଟୁଆପାଟଣାରେ ଏକ ମଇଁଷିର ଚିକିତ୍ସା ଅନୁଧ୍ୟାନ କରୁଛନ୍ତି।

ଚାନ୍ଦବାଲି ବ୍ଲକର ଖଟୁଆପାଟଣା ଓ ଦୋହରାପାଟଣାରେ ମଇଁଷି ମୃତ୍ୟୁ ଯେତେସଂଖ୍ୟାରେ ହେଉନା କାହିଁକି ୪୮ ଘଣ୍ଟା ମଧ୍ୟରେ କୌଣସି ମଇଁଷି ମରି ନ ଥିବା କାର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକ କହିଛନ୍ତି। ରୋଗାକ୍ରାନ୍ତ ମଇଁଷିଙ୍କୁ ଭିଟାମିନ ଔଷଧ ସହ କୃମିବଟିକା ଓ ଆବଶ୍ୟକ ସ୍ଥଳେ ସାଲାଇନ ଦିଆଯାଉଛି। ସ୍ଥିତି ଏବେ ନିୟନ୍ତ୍ରଣରେ ରହିଥିବା ଜଣାପଡ଼ିଛି। ଗୁରୁବାର ମଧ୍ୟାହ୍ନରେ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ଖଟୁଆପାଟଣାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଇଁଷି ପାଳକମାନଙ୍କୁ ଭେଟି ସେ ମଇଁଷି ଓ କେତେ ସଂଖ୍ୟକ ମଇଁଷିଙ୍କର ବୀମା କରାଯାଇଛି, ସେ ବିଷୟରେ ପଚାରି ବୁଝିଛନ୍ତି। ମୃତ୍ୟୁ ଘଟିଥିବା ମଇଁଷିଙ୍କ ମଧ୍ୟରେ ୫ଟିର ବୀମା ଥିବା ମଇଁଷି ପାଳକ ଜଣାଇଥିଲେ। ତେବେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରୋଗାକ୍ରାନ୍ତ ମଇଁଷିଙ୍କୁ ମାଗଣାରେ ଚିକିତ୍ସା ଯୋଗାଇବା ସହ ଔଷଧ, ଇଞ୍ଜେକ୍ସନ, ସାଲାଇନ ଯୋଗାଇ ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସକାଳଠାରୁ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ଖାନ ମୋଦସାର ନଜର, ଭିଏସ୍ ଡା. ବିଶ୍ୱଜିତ ମିଶ୍ର ଓ ପ୍ରାଣୀଧନ ଚିକିତ୍ସକ ସୌମ୍ୟରଞ୍ଜନ ମହାରଣା ଖଟୁଆପାଟଣାରେ ଉପସ୍ଥିତ ରହି ମଇଁଷିମାନଙ୍କୁ ସେବା ଯୋଗାଇଥିଲେ।

## ବିପଦ ସାଜିଛି ଅଧାପନ୍ତରିଆ ଡ୍ରେନ୍

ଆଗରପଡ଼ା,୮।୧(ସୁଶାନ୍ତ ଦାସ)



ପୁରୁଷଣ୍ଡ ମେଳନ ପଡ଼ିଆ ପାଖରେ ଅର୍ଦ୍ଧନିର୍ମିତ ଡ୍ରେନ୍।

ବନ୍ତ ବ୍ଲକର ଆଗରପଡ଼ାରୁ ଆଡ଼ିଆ ପର୍ଯ୍ୟନ୍ତ ଆର୍ ଆଣ୍ଡ୍ ବି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସେହି କାର୍ଯ୍ୟାଦେଶରେ ଅନ୍ତର୍ଭୁକ୍ତ ଡ୍ରେନ୍ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପୁରୁଷଣ୍ଡ ପଞ୍ଚାୟତ ମେଳନ ପଡ଼ିଆ ପାଖରେ ଏହି ଅର୍ଦ୍ଧନିର୍ମିତ ଡ୍ରେନ୍ ବିପଦ ସାଜିଛି।

ଗତ ନଭେମ୍ବରରୁ ଅର୍ଦ୍ଧନିର୍ମିତ ଏହି ଡ୍ରେନ୍ ମୁକୁଳା ହୋଇପଡ଼ିଛି। ବର୍ଷାଦିନେ ଡ୍ରେନ୍‌ର ଦୁଇପାର୍ଶ୍ୱରେ ପାଣି ନିଷ୍କାସନ ହେବା ପାଇଁ କେଉଁଠାରେ ସଂଯୋଗ ହୋଇନାହିଁ। ଡ୍ରେନ୍‌ରେ ଗାତ ଖୋଳାଯାଇ ଅଧା ପର୍ଯ୍ୟନ୍ତ ଢଳେଇ କାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ବାକି ଅଧା କାର୍ଯ୍ୟ ଗତ ନଭେମ୍ବରରୁ ବନ୍ଦ ରହିଛି। ଫଳରେ ମୁକୁଳା ଡ୍ରେନ୍ ଏବଂ ମୁକୁଳା ଗଭୀର ଗାତ ସେଠାକାର ବାସିନ୍ଦା ଏବଂ ଜୀବଜନ୍ତୁଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ସ୍ଥାନରେ ସ୍ଥାନୀୟ ଅଞ୍ଚଳର ଗୋରୁଙ୍କ ଚାରଣ ଭୂମି ହୋଇଥିବାରୁ ସେହି ଗାତରେ ପ୍ରତ୍ୟେକ ଦିନ ଗୋରୁ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏ ବିଷୟରେ ଗତ ନଭେମ୍ବରରେ ଏସ୍‌ଡିଓଙ୍କୁ ଜଣାଇବାରୁ ସେ ଠିକାଦାରଙ୍କୁ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବାକୁ କହିଥିଲେ ଏବଂ ଠିକାଦାର ମଧ୍ୟ ସ୍ଲାବ୍ ତିଆରି କରିଥିଲେ। ହେଲେ ବିଡ଼ମ୍ବନାର ବିଷୟ ସ୍ଲାବ୍‌ଗୁଡ଼ିକ ବହୁ ପୂର୍ବରୁ ତିଆରି ସରିଥିବା ବେଳେ ମୁକୁଳା ଡ୍ରେନ୍‌ରେ ନ ଢାଙ୍କିବା ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ଦର୍ଶାଉଛି। ଯେଉଁ ଲୋକଙ୍କର ଘର ଡ୍ରେନ୍ ସେପଟେ ଅଛି, ସେମାନେ ନିଜ ଘରକୁ ଯିବା ଏବଂ ଗାଡ଼ି ନେବାରେ ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷାଦିନ ପୂର୍ବରୁ ସେଠାରୁ ପାଣି ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଡ୍ରେନ୍‌ରେ ପାଣି ଜମି ଡେଙ୍ଗୁ ସୃଷ୍ଟି କରିବାର ସମ୍ଭାବନା ସହ ଲୋକଙ୍କୁ ରୋଗାକ୍ରାନ୍ତ କରିବ। ଏ ବିଷୟରେ ବିଭାଗୀୟ ଜେଇଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନ ଥିଲେ। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଡ୍ରେନ୍ କାର୍ଯ୍ୟ ସାରିବାକୁ ପୁରୁଷଣ୍ଡ ଗ୍ରାମର ପରେଶ ନାୟକ, ରମେଶ ବେହେରା, ସନ୍ତୋଷ ସାହୁ, ଶରତ ଘୋଷ ପ୍ରମୁଖ ଦାବି କରିଛନ୍ତି।

# ୨ ଦିନ ଧରି ଶିମିଳିପାଳରେ ପାରଦ 'ଶୂନ' ଡିଗ୍ରୀ

ବାରିପଦା,୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶିମିଳିପାଳରେ ପଡ଼ିଥିବା ତୁହିନର ଆସ୍ତରଣ।

ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ରହିଛି। ୨ ଦିନ ଧରି ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଛି। ୪୮ ଘଣ୍ଟା ଧରି ଉପରବାରହାକାମୁଡ଼ାରେ ତାପମାତ୍ରା ଶୂନ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ପ୍ରଦାନ କରିଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୨ ଡିଗ୍ରୀ, ବରେହିପାଣିରେ ୫ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥରେ ୯ ଡିଗ୍ରୀ, ସାତକୋଶିଆରେ ୧୦ ଡିଗ୍ରୀ, କିଆରବାଣରେ ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲ୍ଲାବ୍ୟାପି ଶୀତର ଜାଡ଼ ଅସମ୍ଭାଳ କରିଦେଇଛି। ଦୈନନ୍ଦିନ କାର୍ଯ୍ୟରେ ମଧ ବାଧା ଉପୁଜୁଛି। ଜିଲ୍ଲାରେ ପ୍ରଦୂଷିତ ବାୟୁ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବର୍ଷତମାମ ଦେଖିବାକୁ ମିଳିଛି। ଖରାଦିନେ ଉତ୍ତପ୍ତ ସହର ଭାବେ ବାରିପଦା ରେକର୍ଡ କରିଥିବା ବେଳେ ଚଳିତ ବର୍ଷ ୬ ମାସ ଧରି ଅନବରତ ବର୍ଷା ଲାଗି ରହିଥିଲା। ଏପରିକି ଶୀତ ଦିନେ ସହରର ତାପମାତ୍ରା ୧୦ଡିଗ୍ରୀ ତଳେ ରହୁଥିବା ବେଳେ ୨ ଦିନ ଧରି ଶିମିଳିପାଳରେ ଶୂନ ଡିଗ୍ରୀ ରେକର୍ଡ କରାଯାଇଛି। ଅବାଧ ଗଛକଟା ଓ ଖଣିଜନନ ଯୋଗୁ ଏହାର ପ୍ରଭାବ ଜିଲ୍ଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ପାଖାପାଖି ରହୁଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉପସ୍ଥିତ ଅତିଥି।

ଖାରପୋଖରିଆ,୮।୧ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଧୀନ ପାକଜିଆ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଅନ୍ୟତମ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ, ବ୍ଲକ ସହ ଶିକ୍ଷାଧିକାରୀ ସୁମନ୍ତ ନାୟକ, ସରପଞ୍ଚ ଫୁଲମଣି ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଦର୍ଶ ବିଦ୍ୟାଳୟରେ ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଜୟପୁରବା ଗାନ୍ଧୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମୋହନ ମୁର୍ମୁ, ଶିକ୍ଷକ ଯଶୋବନ୍ତ ଦାସ, ଦାମୋଦର ନାୟକ, ଶିକ୍ଷୟିତ୍ରୀ ଅପରାଜିତା ବେହେରା, ମାଇନମଣି ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ

ଝାରପୋଖରିଆ,୮।୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଧଇଁଡ଼ିଶୋଲସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖିବନ୍ଧୁ ନାଏକ, ମୁଖ୍ୟବକ୍ତା କୁଳିଅଣା ବିଡିଓ ଜିତେନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଲଲାଟେନ୍ଦୁ ସି ଏବଂ ବେତନଟୀ ଜଳ ବିଭାଜନ ଅଧୀକ୍ଷକ ମାନସ କୁମାର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ଡିଭିଜନ ଅଧୀନରେ ଥିବା ମୋଟ ୧୯ଟି ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ଜଳବିଭାଜିକା ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇ ଥିଲା।

# 'ଯୌତୁକ ଏକ ସାମାଜିକ ବ୍ୟାଧି'


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ

ବାରିପଦା,୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ର ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଉପଜିଲ୍ଲାପାଳ ତଥା ଜିଲ୍ଲା ଯୌତୁକ ନିରୋଧ ଅଧିକାରୀ ଡ.ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନୀହାରିକା ମହାନ୍ତି, ବାରିପଦା ଆଇନ ମହାବିଦ୍ୟାଳୟର ଅଧ୍ୟାପକ ସୁନୀଲ କୁମାର ଜେନା, ଜିଲ୍ଲା ଆଇନସେବା ପ୍ରାଧିକରଣର ଓକିଲ ସତ୍ୟନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ। ଯୌତୁକ ଏକ ସାମାଜିକ ବ୍ୟାଧି। ସୁସ୍ଥ ଚିନ୍ତାଧାରା ଓ ଉନ୍ନତ ମାନସିକତା ଦ୍ୱାରା ହିଁ ଏହାକୁ ସମାଜରୁ ସମ୍ପୂର୍ଣ୍ଣ ବିଲୋପ କରିବା ସମ୍ଭବ ବୋଲି ଉପଜିଲ୍ଲାପାଳ କହିଥିଲେ। ପ୍ରତ୍ୟେକ ପିତାମାତା ନିଜ କନ୍ୟା ସନ୍ତାନଙ୍କୁ ବିବାହ କରାଇ ଦେଇ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ନ ଦେଇ ବରଂ ଶିକ୍ଷିତ ଓ ସଶକ୍ତ କରାଇ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ କରିବା ଉପରେ ପ୍ରାଧାନ୍ୟ ଦେବାକୁ କୁହାଯାଇଥିଲା। ସେହିପରି ବିବାହ ସମୟରେ ବର ପରିବାର ପକ୍ଷରୁ କନ୍ୟା ପରିବାର ପକ୍ଷଙ୍କୁ ଯୌତୁକ ଦାବି କରିବା ସଭ୍ୟ ସମାଜ ପାଇଁ ଏକ ବିକୃତ ଓ ଘୃଣ୍ୟ ମାନସିକତା ବୋଲି ଅଭିହିତ କରିବା ସହ ଯୌତୁକ ନିରୋଧ ସମ୍ବନ୍ଧୀୟ ସାମାଜିକ, ପାରିବାରିକ, ଆଇନଗତ ଇତ୍ୟାଦି ବିଭିନ୍ନ ଦିଗ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏହାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସମାଜରେ ସମସ୍ତଙ୍କ ସହଭାଗିତାରେ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାରୁ ଆସିଥିବା ସବ୍‌ରେଜିଷ୍ଟ୍ରାର, ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର, ପୋଲିସ ବିଭାଗ ଅଧିକାରୀ, ୱାନ୍‌ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ପରିବାର ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା ଶିବିରରେ ଅଂଶଗ୍ରହଣ କରିଥିଲେ।

# ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୮।୧ (ରତନ ଦାଶ)

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଖଇରବଣି ଗ୍ରାମରେ ବାପ-ପୁଅଙ୍କ ମଧ୍ୟରେ ତିକ୍ତତା କାରଣରୁ ପୁଅ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ଗ୍ରାମର ଆକାଶ ମହାନ୍ତ(୨୦)। ସୂଚନା ମୁତାବକ ଗ୍ରାମର ମୋତିଲାଲ ମହାନ୍ତ ଏକ ବେସରକାରୀ ବସ୍‌ରେ ହେଲପର୍ ଭାବେ କାର୍ଯ୍ୟ କରନ୍ତି। କୌଣସି କାରଣକୁ ନେଇ ମଙ୍ଗଳବାର ବଡ଼ପୁଅ ଆକାଶଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଆକାଶ ରାଗି ଘରୁ କେଉଁଆଡେ ଚାଲିଯାଇଥିଲେ। ରାତିରେ ନ ଫେରିବାରୁ ପରିବାର ଲୋକେ ଆଖପାଖ ଲୋକଙ୍କ ସହଯୋଗରେ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଏକ ଗଛରେ ନିଜ ପିନ୍ଧା ଟି ସର୍ଟକୁ ବେକରେ ଗୋଡ଼ାଇ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ବୈଶିଙ୍ଗା ପୋଲିସ ଏଏସ୍‌ଆଇ ଶୁଭ୍ରାଂଶୁ ରାଉଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ଯୁବକଙ୍କୁ ଉଲଗ୍ନ କରି ପିଟିଲେ, ରାସ୍ତାରେ ଚଲାଇଲେ

## ଜାତୀୟ ରାଜପଥରେ କଙ୍ଗାରୁ କୋର୍ଟ

### ଥାନାରେ ମାମଲା, ୨ ଗିରଫ

ବାରିପଦା,୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଇନକୁ ନମାନି କଙ୍ଗାରୁ କୋର୍ଟରେ ଯୁବକଙ୍କୁ ଉଲଗ୍ନ କରି ରାସ୍ତାରେ ମାଡ ମାରିବା ସହ ଚଲାଇବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନାବାଳିକା ସହ ପ୍ରେମ ସମ୍ପର୍କ ରଖିଥିବାରୁ ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ନାବାଳିକାଙ୍କ ସମ୍ପର୍କୀୟମାନେ ମାଡମାରି ଲହୁଲୁହାଣ କରିଛନ୍ତି। ଏପରିକି ଦୁଇ ହାତକୁ ଦଉଡିରେ ବାନ୍ଧି ୨୨୦ ନଂ. ଜାତୀୟ ରାଜପଥରେ ଚଲାଇ ନେବାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଛି। ଲୋମହର୍ଷଣକାରୀ ଘଟଣା ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ମାମଲାଶ(ନଂ.୩/୨୬) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିଯୋଗ କରିବା ସହ ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ମାନବାଧିକାର କମିଶନ ଓ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ। ଏହାକୁ ନେଇ ଉଭୟ ପରିବାର ପକ୍ଷରୁ ତିକ୍ତତା ଲାଗିଥିବା ବେଳେ ପୂର୍ବରୁ ଥାନାରେ ମାମଲା ରୁଜୁ ହୋଇଥିଲା। ମାତ୍ର ପ୍ରେମକୁ ନେଇ ଦୁହେଁ ମିଳାମିଶା ଜାରି ରଖିଥିଲେ। ଗତ ୨ତାରିଖରେ ଯୁବକ ଜଣକ ନାବାଳିକାଙ୍କୁ ଦେଖା କରିବା ପାଇଁ ଏକ କାର ଧରି ଆସିଥିଲେ। ଉଭୟ ପ୍ରେମୀଯୁଗଳ ଏକାଠି ଥିବା ନେଇ ନାବାଳିକାଙ୍କ ସମ୍ପର୍କୀୟ ଲୋକେ ଦେଖିବା ପରେ ଯୁବକଙ୍କ କାରକୁ ଭାଙ୍ଗିବା ସହ ମାଡ଼ ମାରିଥିଲେ। ଦୁଇ ହାତକୁ ଏକ ଦଉଡିରେ ବାନ୍ଧି ଉଲଗ୍ନ କରି ରାସ୍ତାରେ ଚଲାଇଥିଲେ। ଲୋକଲଜ୍ଜା ଏବଂ ଜୀବନ ବଞ୍ଚାଇବା ପାଇଁ ଯୁବକ ଜଣକ ରାସ୍ତାରେ ଚାଲିଥିବା ବେଳେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। ଏପରିକି ବଳପୂର୍ବକ ଠାକୁରଙ୍କ ନାଁ ନେବାକୁ ମଧ୍ୟ ବାଧ୍ୟ କରିଥିଲେ। ତେବେ ଘଟଣାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଭାସ୍କର ପ୍ରଧାନ କହିଛନ୍ତି।

# ମଦ ବୋଝେଇ ବୋଲେରୋ ଜବତ, ଡ୍ରାଇଭର ଗିରଫ

ମୋରଡ଼ା,୮।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଅବକାରୀ ବିଭାଗ ଗୁରୁବାର ଅପରାହ୍ନରେ ପଳାସମୁଣ୍ଡୁଳି କେନାଲ ବନ୍ଧ ରାସ୍ତାରେ ଏକ ମଦ ବୋଝେଇ ବୋଲେରୋ ଜବତ କରିଛି। ବୋଲେରୋ(ଡବ୍ଲୁବି-୩୪ଏନ୍-୬୨୬୬) ବେଆଇନ ଭାବେ ୫୬୦ଲିଟର ଦେଶୀମଦ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଧୁମସାହିରୁ ସୁନାକଣିଆକୁ ମୋରଡ଼ା ବ୍ଲକ ରାସ୍ତା ଦେଇ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଅଧିକାରୀ ଦୀପକ କୁମାର ରାଉତ, ଏଏସ୍‌ଆଇ ରେଣୁକା ମଲ୍ଲିକ, କନ୍‌ଷ୍ଟେବଲ ଯଶୋବନ୍ତ ନାଏକ ଏବଂ ପିଥନାଥ ମୁର୍ମୁ ମୋରଡ଼ା ବ୍ଲକର ପଳାସମୁଣ୍ଡୁଳି କେନାଲ ବନ୍ଧ ରାସ୍ତା ଉପରେ ବୋଲେରୋକୁ ଅଟକାଇଥିଲେ। ବୋଲେରୋକୁ ଜବତ ସହ ଡ୍ରାଇଭର ସତ୍ୟଜିତ ସେଠୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୧୭୧/୨୬) ରୁଜୁ ହୋଇଛି।

# ଜେଏମ୍‌ଏମ୍ ପକ୍ଷରୁ ପାନୀୟ ଜଳ ଯୋଗାଣ ଦାବି


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଜେଏମ୍‌ଏମ୍ କର୍ମକର୍ତ୍ତାମାନେ।

ବାରିପଦା,୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଣରେ ବ୍ୟାପକ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଦଳର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ୩ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଗ୍ରାମାଞ୍ଚଳ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ମାତ୍ର ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଗରିବ ଲୋକେ ଯୋଜନାର ସୁଫଳ ପାଉନାହାନ୍ତି। ପୂର୍ବ ସରକାରରେ ବସୁଧା ଯୋଜନାରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ହୋଇଥିଲା। ସେଗୁଡ଼ିକ ମଧ୍ୟରେ ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଜଳ ଯୋଗାଉଥିଲେ ହେଁ ଅନେକ ସ୍ଥାନରେ ମେସିନ ଓ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି। ଅନେକ ସ୍ଥାନରେ ପାଣିଟାଙ୍କି ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଦୀର୍ଘ ଦିନ ଧରି ଟାଙ୍କି ସଫାସୁତୁରା କରାଯାଉ ନ ଥିବାରୁ ଜଳଜନିତ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏପରିକି ଜଣ୍ଡିସ(କାମଳ) ରୋଗରେ ବହୁ ଛାତ୍ରୀଛାତ୍ର ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବା, ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ୱାଟର ଟ୍ରିଟ୍‌ମେଣ୍ଟ ବ୍ୟବସ୍ଥା, ବସୁଧା ଯୋଜନାରୁ ବାଦ ପଡ଼ିଥିବା ଗ୍ରାମଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରି ବସୁଧା ଯୋଜନାରେ ସାମିଲ କରିବା ଆଦି ଦାବି ରହିଛି। ଦାବିପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। କର୍ମକର୍ତ୍ତା ହେମନ୍ତ ମହାନ୍ତ, ସୁଜିତ୍ ବେହେରା, ମାଧ ସିଂ, ଚନ୍ଦ୍ରଶେଖର ଦାସ, ସନାତନ ମୁର୍ମୁ, ପ୍ରିୟ ରଞ୍ଜନ ସୋରେନଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# ମାରସିଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋପବନ୍ଧୁ ନଗର, ୮।୧ (ଶାନ୍ତନୁ ମଣ୍ଡୁଆଲ)

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ମାରସିଙ୍ଗା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ସିଆରସିସି ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟଅତିଥି, ସାମାଜିକ କର୍ମୀ ଗୌରାଙ୍ଗ ପୁଥାଳ ମୁଖ୍ୟବକ୍ତା ଏବଂ ଏସଏମସି ଚେୟାରମ୍ୟାନ ନବୀନ ମାଝୀଙ୍କ ସହ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ସହକାରୀ ଶିକ୍ଷକ ଅଶ୍ୱିନୀ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡାର ସମସ୍ତ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ରତିକାନ୍ତ ମୁଖୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ଝୁମାମଣି ସେନାପତି, ସ୍ୱର୍ଣ୍ଣଲତା ପ୍ରଧାନ ଓ ପରେଶ ନାୟକ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଲୁଗା ଦୋକାନ, ଗୋଦାମରେ ଅଗ୍ନିକାଣ୍ଡ



ଠାକୁରମୁଣ୍ଡା/ କରଞ୍ଜିଆ, ୮।୧ (ତାରାକାନ୍ତ ପଟ୍ଟନାୟକ/କବିତା ମହାନ୍ତ)

## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହରର ଅମ୍ବିକା ମନ୍ଦିର ନିକଟରେ ଥିବା ଗୋଟିଏ ପରିବାରର ୫ ଭାଇଙ୍କ ଦୋକାନ ଓ ଗୋଦାମରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଷ୍ଟାର ମ୍ୟାଚିଂ ସେଣ୍ଟର, ସରିତା କ୍ଲଥ୍ ଷ୍ଟୋର ଓ ପାଖରେ ଥିବା ଅନ୍ୟ ୩ ଲୁଗା ଦୋକାନ, ଗୋଦାମରେ ନିଆଁ ଲାଗି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟା ବେଳେ ସରିତା କ୍ଲଥ୍ ଷ୍ଟୋର ଶଟରରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ଖବରପାଇ କରଞ୍ଜିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା। ଶାଢ଼ି, ଡ୍ରେସ୍ ଓ ଅନ୍ୟ କପଡ଼ା ସାମଗ୍ରୀରେ ଲାଗିଥିବା ନିଆଁ ନିକଟସ୍ଥ ଦୋକାନ ଓ ଗୋଦାମକୁ ବ୍ୟାପୀ ଯାଇଥିଲା। ନିଆଁ ଆୟତ୍ତ ନ ହେବାରୁ ନିକଟସ୍ଥ ସାହାରପଡ଼ା, ଯଶିପୁର, ଶୁକ୍ରୁଳି, ରରୁଆଁ, ଠାକୁରମୁଣ୍ଡା, ପାଟଣା ଓ ଅନ୍ୟ ସ୍ଥାନରୁ ଅଗ୍ନିଶମ ବାହିନୀର ୭ଟି ଗାଡ଼ି ଓ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଆଁଲିଭା, ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସକାଳ ୯ଟାଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧୦ଘଣ୍ଟା ଚେଷ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# ଥାନା ସମ୍ମୁଖ ରାସ୍ତା ଉପରେ ୫ ହାଇୱା

ବୈଶିଙ୍ଗା,୮।୧ (ରତନ ଦାଶ)


ଥାନା ସାମ୍ନା ରାସ୍ତା ଆଗରେ ରଖାଯାଇଥିବା ମୋରମ ବୋଝେଇ ହାଇୱା।

## ସଡ଼କ ସୁରକ୍ଷା ମାସ ପାଳନରେ ବ୍ୟସ୍ତ ପ୍ରଶାସନ

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ସମ୍ମୁଖରେ ୧୫ ଦିନ ହେଲା ଅଟକି ରହିଛି ୫ ମୋରମ ବୋଝେଇ ହାଇୱା। ନିକଟରେ ବ୍ୟସ୍ତ ବହୁଳ ବସଷ୍ଟାଣ୍ଡ। ଦୁଇ ଶହ ମିଟର ଦୂରରେ ବ୍ୟାଙ୍କ ଅଫ ଇଣ୍ଡିଆ। ଅନତିଦୂରରେ ତିନୋଟି ବିଦ୍ୟାଳୟ। ସକାଳଠାରୁ ରାତି ବାରଟା ପର୍ଯ୍ୟନ୍ତ ବଜାରରେ ଗହଳି ଚହଳି ଲାଗି ରହିଥାଏ। ହେଲେ ଏସବୁ ପ୍ରତି ଖଣି ବିଭାଗ ପଦାଧିକାରୀଙ୍କ ସାମାନ୍ୟତମ ଦାୟିତ୍ୱବୋଧ ଥିବା ଭଳି ମନେ ହେଉନାହିଁ। ସେପଟେ ପରିବହନ ବିଭାଗ ପକ୍ଷରୁ ବହୁ ଆଡ଼ମ୍ବରରେ ପାଳିତ ହେଉଛି ସଡ଼କ ସୁରକ୍ଷା ମାସ। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ ଜନ ସଚେତନତା ସୃଷ୍ଟି କରାଯିବା ସହ ପ୍ରତି ଛକ ଜାଗା ମାନଙ୍କରେ ଗାଡ଼ି ମୋଟର ଯାଞ୍ଚ କରାଯାଉଛି। ଲକ୍ଷ ଲକ୍ଷ ଟଙ୍କାର ଜରିମାନା ଆଦାୟ ଚାଲିଛି।

ହେଲେ ବିଚ ବଜାର ଉପରେ ଥାନା ସମ୍ମୁଖରେ ଏକ ପରିବହନ ସଂସ୍ଥାର ପାଞ୍ଚଟି ହାଇୱାକୁ ଦୀର୍ଘ ପନ୍ଦର ଦିନ ଧରି ଅଟକ ରଖାଯାଇଛି। ବାଜିରେ ଲାଗିଛି ଲୋକଙ୍କ ଜୀବନ। ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସମ୍ଭାବନା ଜଳଜଳ ଦିଶୁଛି। ଏସମ୍ପର୍କରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କୁ ପଚାରିବାରୁ ଗାଡ଼ିଗୁଡ଼ିକୁ ଖଣି ବିଭାଗ ପକ୍ଷରୁ ଅଟକ ରଖାଯାଇଥିବା ଯୋଗୁ ପୋଲିସ ହେପାଜତରେ ରଖାଯାଇଛି। ତେବେ କେଉଁ କାରଣରୁ ଅଟକ ରଖାଯାଇଛି ସେ ସମ୍ପର୍କରେ ପୋଲିସକୁ କୌଣସି ସୂଚନା ଦିଆଯାଇନାହିଁ ବୋଲି କହିଛନ୍ତି। ଥାନା ପରିସରରେ ଦୀର୍ଘ ବର୍ଷ ଧରି ଜବତ ଗାଡ଼ିମୋଟର ପଡ଼ି ରହିଥିବା କାରଣରୁ ସ୍ଥାନର ଅଭାବ ଯୋଗୁ ଜବତ ହାଇୱାଗୁଡ଼ିକ ରାସ୍ତା ଉପରେ ରହିଛି ବୋଲି ସୂଚନା ଦେଇଛନ୍ତି। ଖଣି ବିଭାଗ ଅଧିକାରୀ ଉଦୟଭାନୁ ସାହୁଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ। ତେବେ ବେଆଇନ ମୋରମ ଓ ବାଲି ଚୋରା ଚାଲାଣ ବେଧଡକ ଚାଲିଥିବା ବେଳେ ଖଣି ବିଭାଗର ପଦାଧିକାରୀ ମାନଙ୍କର ନିରବତାକୁ ନେଇ ବେତନଟୀ ବୈଶିଙ୍ଗା ଅଞ୍ଚଳର ଜନସାଧାରଣଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହାକୁ ନେଇ ନାନା ଆଲୋଚନା ଶୁଣିବାକୁ ମିଳୁଛି।

## ସଂକ୍ଷେପରେ

### ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖଇରା, ୮।୧(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମ ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ଏହି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଗଣିତ ଦୌଡ, ମ୍ୟୁଜିକ ଚେୟାର, ବେଙ୍ଗଡିଆଁ, ଆଳୁ ଦୌଡ, ସ୍କିପିଂ, ଶଙ୍ଖଫୁଙ୍କା, ପୁଚି, ଏକକ ଅଭିନୟ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ମଣିକିଙ୍କର ଜେନା ସମସ୍ତ କାର୍ଯ୍ୟର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ବିଚିତ୍ରା ଦାସ, ବାସନ୍ତୀ ସାହୁ, ପ୍ରୀତିଲତା ପାଣିଗ୍ରାହୀ, ବିଦ୍ୟୁତପ୍ରଭା ହାତୀ, ଅଙ୍କିତା ଭୁୟାଁ, ରଶ୍ମିତା ମିଶ୍ର, ଅନୁଶ୍ରୀ ବିଶ୍ୱାଳ, ଶୁଭଶ୍ରୀ ରାଉତ, ଶିକ୍ଷକ ପ୍ରହ୍ଲାଦ ରାୟ, ତପନ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୬ ତାରିଖ ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ଅଛି।

### ଦେହୁର୍ଦ୍ଦା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଭୋଗରାଇ, ୮।୧(ପ୍ରଦୀପ ଦାସ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକସ୍ଥିତ ଦେହୁର୍ଦ୍ଦା ସେବା ସମବାୟ ସମିତି ପକ୍ଷରୁ ବୁଧବାର ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଜଳେଶ୍ୱର ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ସୁଶାନ୍ତ କୁମାର ପାତ୍ର, ସମବାୟ ସମିତି ସଭାପତି ସଭାପତି ଶ୍ରୀପତି ଭୂଷଣ ସେଠୀ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସାମାଜିକ କର୍ମୀ ନଳିନୀ ସେଠୀ, ସୁବଳ ଜେନା, ବାଟଗ୍ରାମ ରାଜସ୍ୱ ନିରୀକ୍ଷକ ବିକାଶ ଗିରି, ସମବାୟ ସମିତିର ଧାନମଣ୍ଡି ଅଫିସର ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟାନନ୍ଦ ସାଁ, ସମିତି ଉପସଭାପତି ଅରୁନ୍ଧତୀ ଦତ୍ତ, ସମବାୟ ସମିତି ଡାଇରେକ୍ଟର ଦୀପକ ଗାର୍ଗୁ, ମାନସ ରଞ୍ଜନ ବାରିକ, ମଦନମୋହନ ବାରିକ, ସୁରଜ୍ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ପରେଶ ଚନ୍ଦ୍ର ଦାସ, ରାମପଦ ପଣ୍ଡା, ଚାଷୀ କମିଟି ବିମଳ ଘଡାଇ, ଝାଡେଶ୍ୱର ଜେନା, ଚତୁର୍ଭୁଜ ମହାନ୍ତି, ସୁଶାନ୍ତ ମହାନ୍ତି, ସମବାୟ ସମିତି କର୍ମଚାରୀ ଅଜୟ ଆଚାର୍ଯ୍ୟ ଓ ଚନ୍ଦନ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ନିତ୍ୟାନନ୍ଦ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନକଲି ଲଟେରି ଟିକେଟ ଛାପାଖାନା ଉପରେ ଚଢ଼ାଉ



ଗିରଫ ୩ ଅଭିଯୁକ୍ତ ଓ ଜବତ ସରଞ୍ଜାମ।

**ଜଳେଶ୍ୱର, ୮।୧(ନବୀନ ସାହୁ):** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଝାଡ଼େଶ୍ୱରପୁର ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ଚୋରା ଲଟେରୀ ଛାପାଖାନା ଉପରେ ଜଳେଶ୍ୱର ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ବିପୁଳ ପରିମାଣରେ ନକଲି ଲଟେରୀ ଟିକେଟ ସହ ଲଟେରୀ ଛାପା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସାମଗ୍ରୀକୁ ପୋଲିସ ଜବତ କରିଛି।

### ୩ ଗିରଫ, ବିପୁଳ ଲଟେରୀ ଟିକେଟ ତଥା ଅନ୍ୟ ସରଞ୍ଜାମ ଜବତ

ଜଳେଶ୍ୱର ସହରରେ ଖୋଲାଖୋଲି ଭାବେ ଏଣେତେଣେ ଲଟେରୀ ଟିକେଟ ବିକ୍ରି କରାଯାଉଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହେଉଥିଲା। ଏହି ଟିକେଟକୁ ଜଳେଶ୍ୱରରେ ହିଁ ଛପାଯାଇ ଲୋକଙ୍କୁ ଲୋଭ ଦେଖାଇ ବିକ୍ରି କରାଯାଉଥିଲା। ବର୍ଷକୁ କୋଟି କୋଟି ଟଙ୍କାର ଏହି ଠକେଇରେ ଏକାଧିକ ର୍‍ୟାକେଟ କାମ କରୁଥିବା ନେଇ ଜଳେଶ୍ୱର ପୋଲିସକୁ ଖବର ମିଳିଥିଲା। ସେହି ସୂଚନା ଆଧାରରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକଙ୍କ ନିର୍ଦ୍ଦେଶରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ଝାଡ଼େଶ୍ୱରପୁରସ୍ଥିତ ସେଖ ଇନତାଜ୍ ବକ୍ସ ନାମକ ଜଣେ ବ୍ୟକ୍ତି ଭଡ଼ା ସୂତ୍ରରେ ଦେଇଥିବା ଏକ ଘର ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେହି ଭଡ଼ା ଘରୁ ବିପୁଳ ପରିମାଣରେ ନକଲି ଲଟେରୀ ଟିକେଟ, ଲଟେରୀ ଟିକେଟ ପ୍ରିଣ୍ଟ ପାଇଁ ଉଦ୍ଦିଷ୍ଟ ଦୁଇଟି ପ୍ରିଣ୍ଟର, ଦୁଇଟି ଲାପଟପ୍, ଦୁଇଟି କାଲକୁଲେଟର, ନଗଦ ୯୧ହଜାର ୨ଶହ ଟଙ୍କା ଓ ୨ଟି ସ୍କୁଟି ଜବତ କରାଯାଇଛି। ସେହି ଘର ଭିତରୁ ସେକ ସଫିରୁଦ୍ଦିନ, ସେକ ଆଫତର, ସେଖ ମୁକିମୁଦ୍ଦିନଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୨/୨୬) ରୁଜୁ ହୋଇଛି।

# ବିଦେଶୀ ପର୍ଯ୍ୟଟକଙ୍କୁ ଯମୁନାଶୂଳରେ ସମ୍ବର୍ଦ୍ଧନା

**କାଳିପଦା, ୮।୧(ରାଜଶ୍ରୀ ପାଣିଗ୍ରାହୀ):** ଏବେ ଚାଲିଛି ପର୍ଯ୍ୟଟନ ଋତୁ। ଦେଶ ବିଦେଶରୁ ଓଡ଼ିଶାର ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଭିଡ଼ ପରିଲକ୍ଷିତ ହେଉଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଯମୁନାଶୂଳ ବେଳାଭୂମିକୁ ଆମେରିକା, ରୁଷିଆ, ୟୁକ୍ରେନରୁ ଆସିଥିବା ପର୍ଯ୍ୟଟକଙ୍କୁ ନେଚରଷ୍ଟେ ଗିରି ଫାର୍ମହାଉସ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବ ପୂର୍ବତନ ସରପଞ୍ଚ ମନ୍ମଥ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

ବାଲେଶ୍ୱର ଜିଲାର ଯମୁନାଶୂଳ ବେଳାଭୂମି ଅତି ମନଲୋଭା ହୋଇଥିବାରୁ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସୁଛନ୍ତି। ପୂର୍ବତନ ଏମ୍‌ପି ରବିନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ହାତପାଣ୍ଠିରେ ଏହି ବେଳାଭୂମିର ବିକାଶ ହୋଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଆକର୍ଷଣୀୟ ବେଳାଭୂମି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ଥିବାରୁ ଏହା ପର୍ଯ୍ୟଟନ ମାନ୍ୟତା ପାଇପାରିନାହିଁ। ଫଳରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।


ବିଦେଶୀ ପର୍ଯ୍ୟଟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଜୈବ ବିବିଧତା ସଂରକ୍ଷଣ ସଚେତନତା ପଦଯାତ୍ରା



ସଚେତନତା ପଦଯାତ୍ରାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

**ବାଲେଶ୍ୱର, ୮।୧(ବାଞ୍ଛାନିଧି ଦେ):** ଦୁର୍ନୀତିମୁକ୍ତ ଓଡ଼ିଶା ଓ ବନବିଭାଗର ମିଳିତ ଆନୁକୂଲ୍ୟରେ ଜାନୁଆରୀ ୪ରୁ ୧୦ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳୀୟ ଜୈବ ବିବିଧତା ସଂରକ୍ଷଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ଦକ୍ଷିଣ ଜମ୍ବୀରାଇଠାରୁ ବୁଧବାର ଏକ ପଦଯାତ୍ରା ଅଞ୍ଚଳ ପରିକ୍ରମା କରି କଷାଫଳ ଭଗବାନ ଚନ୍ଦ୍ର ହାଇସ୍କୁଲ ପରିସରରେ ପହଞ୍ଚିଥିଲା। ସେଠାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ଗୋପାଳ ଦାସ ଏଥିରେ ସଭାପତିତ୍ୱ କରି ପରିବେଶ ଓ ଜଙ୍ଗଲ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ, ଚାନ୍ଦିପୁର ରେଞ୍ଜ ଅଫିସର ମନୱର ଖାଁ, ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ କୁମାର ଧର, ବାଲେଶ୍ୱର ଫରେଷ୍ଟର ଇତିଶ୍ରୀ ମହାପାତ୍ର ଓ ମନୋଜ କୁମାର ମହାଳିକ, ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଫରେଷ୍ଟର ସାଗରିକା ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀକାନ୍ତ ଜେନା ପ୍ରମୁଖ ସୁସ୍ଥ ଓ ସୁରକ୍ଷିତ ବେଳାଭୂମି, ଉପକୂଳ ଜଙ୍ଗଲ ଓ ସାମୁଦ୍ରିକ ପ୍ରାଣୀର ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଉପକୂଳୀୟ ଜୈବ ବିବିଧତା ସୁରକ୍ଷା ଓ ସଂରକ୍ଷଣ ଦିଗରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

### ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ବାହାନଗା, ୮।୧(ଅରୂପ କୁମାର ଦାସ):** ବାହାନଗା ବ୍ଲକ ଅଭଣା ପଞ୍ଚାୟତସ୍ଥିତ ବେଳାଭୂମି ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ଼. ପ୍ରବୀର କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖରେ ଉଦ୍‌ଯାପିତ ହେବ। ଅଧ୍ୟକ୍ଷ ପଟ୍ଟନାୟକ ବାଳିକାମାନେ ନିଜକୁ କିପରି ସୁରକ୍ଷା କରିପାରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ମଧୁସ୍ମିତା ମହାନ୍ତି ପରିଚାଳନା କରିଥିଲେ। ଏଥିରେ ପ୍ରଶିକ୍ଷିକା ଅଲିଭା ମହାନ୍ତି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳର ବିବିଧ ରୂପ ପ୍ରଦର୍ଶନ ପୂର୍ବକ ଶିକ୍ଷା ପ୍ରଦାନ କରିଥିଲେ। ଅଧ୍ୟାପିକା ମମତା ପଣ୍ଡା, ଅଧ୍ୟାପିକା ଜସ୍ମିନ ରାଉତ, ଡେମନଷ୍ଟ୍ରେଟର ବସନ୍ତ ସନ୍ଧିବିଗ୍ରହ ପ୍ରମୁଖ ପରିଚାଳନା କରିଥିଲେ।

# ସିମୁଳିଆରୁ ନିଖୋଜ ଶିଶୁପୁତ୍ର ବାସୁଦେବପୁରରୁ ଉଦ୍ଧାର

### ଥାନାରେ ୨ ଅଟକ


ସିମୁଳିଆ ଥାନାରେ ଶିଶୁପୁତ୍ର ସହ ଦମ୍ପତି।

**ସିମୁଳିଆ, ୮।୧(ସନ୍ତୋଷ ନାୟକ):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଅବର୍ଦ୍ଧୁଣା ପଞ୍ଚାୟତ ବରିପଡିଆ ଅଞ୍ଚଳରୁ ନିଖୋଜ ୩ମାସର ଶିଶୁପୁତ୍ର ଭଦ୍ରକ ଜିଲା ବାସୁଦେବପୁର ଥାନା ନୂଆଗାଁରୁ ଉଦ୍ଧାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗର ୨୪ଘଣ୍ଟା ମଧ୍ୟରେ ସିମୁଳିଆ ପୋଲିସ ଘଟଣାରେ ଜଡିତ ୨ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିବା ସହିତ ନିଖୋଜ ଶିଶୁପୁତ୍ରକୁ ଠାବ କରି ତାଙ୍କ ମା' କୋଳକୁ ଫେରାଇ ଦେବାରେ ସକ୍ଷମ ହୋଇଛି।

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ସମ୍ବାରୀ ସିଂ(୨୫) ଓ ତାଙ୍କ ସ୍ୱାମୀ ବାବୁ ସିଂ(୩୫) ଆଦିବାସୀ ସମ୍ପ୍ରଦାୟର। ସମ୍ବାରୀ ବିଲବାଡି କାମ କରୁଥିବା ବେଳେ ବାବୁ ଜଣେ ଗାଡି ଚାଳକ। ତେବେ ଗତ ପ୍ରାୟ ୭ଦିନ ପୂର୍ବେ ଉଭୟ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ସୃଷ୍ଟି ହୋଇଥିଲା। ବାବୁ ଘରେ ନ ଥିବା ବେଳେ ସମ୍ବାରୀ ରାଗରେ ଘରଛାଡି ଟ୍ରେନ ଯୋଗେ ଆସି ଭଦ୍ରକ-ବାଲେଶ୍ୱରର ସୀମାବର୍ତ୍ତୀ ରାଣୀତାଲ ଷ୍ଟେଶନରେ ଓହ୍ଲାଇଥିଲେ। ପରେ ସେଠାରେ ବରିପଡିଆ ଅଞ୍ଚଳର ପ୍ରଫୁଲ୍ଲ ବେହେରା ନାମକ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ ହେବା ପରେ ପ୍ରଫୁଲ୍ଲ ତାଙ୍କୁ ନିଜ ଘରକାମ ପାଇଁ ନେଇଆସିଥିଲେ। ଗତ ମଙ୍ଗଳବାର ସମ୍ବାରୀଙ୍କ ୩ମାସର ଶିଶୁ ପୁତ୍ର ନିଖୋଜ ହେବା ସମ୍ପର୍କରେ ପ୍ରଘଟ ହେବା ପରେ ସମ୍ବାରୀ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜଣେ ଆଦିବାସୀ ମହିଳାଙ୍କ ଘଟଣାକୁ ଗୁରୁତ୍ୱ ଦେଇ ପ୍ରଫୁଲ୍ଲ ଓ ତାଙ୍କର ଅନ୍ୟଜଣେ ସହଯୋଗୀ ବାବୁ ସିଂଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲା। ପରେ ସିମୁଳିଆ ଥାନାର ଏଏସ୍‌ଆଇ ଅଶୋକ କୁମାର ବେହେରା, ବିଶ୍ୱମ୍ବର ଚକ୍ରବର୍ତ୍ତି ଓ ମହେନ୍ଦ୍ର ନାୟକ ଭଦ୍ରକ ଜିଲା ବାସୁଦେବପୁର ଥାନା ନୂଆଗାଁ ଅଞ୍ଚଳର ଶ୍ରୀଧର ମଳିକଙ୍କ ଘରୁ ଉକ୍ତ ଶିଶୁପୁତ୍ରକୁ ବୁଧବାର ରାତିରେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ପରେ ବାସୁଦେବପୁର ପୋଲିସ ଓ ସିମୁଳିଆ ପୋଲିସ ଉଦ୍ଧାର କରି ଉଭୟ ମା' ଓ ପୁଅଙ୍କୁ ସୋର ବାଳାଶ୍ରମରେ ରଖିଥିଲା। ଗୁରୁବାର ଶିଶୁପୁତ୍ରକୁ କୋର୍ଟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ପରେ ସନ୍ଧ୍ୟାରେ ସିମୁଳିଆ ଥାନରେ ଉଦ୍ଧାର ଶିଶୁପୁତ୍ରଙ୍କ ସମେତ ତାଙ୍କ ମା'ବାପା ପହଞ୍ଚିଥିଲେ। ନୂଆଗାଁ ଅଞ୍ଚଳର ଶ୍ରୀଧରଙ୍କର କୌଣସି ସନ୍ତାନ ନ ଥିବା ଯୋଗୁ ଉକ୍ତ ଶିଶୁପୁତ୍ରଟିକୁ ପାଳିବା ଆଶାରେ ରଖିଥିଲେ। ତେବେ ସମ୍ବାରୀଙ୍କୁ ନିଶା ଖୁଆଇ ତାଙ୍କ ନିକଟରୁ ଶିଶୁପୁତ୍ରକୁ ନିଆଯାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ଏକ ମାମଲା(ନଂ.୧୦/୨୬) ରୁଜୁ କରି ତଦନ୍ତ ଚଳାଇଛି।

# ହାଇକୋର୍ଟରେ ବିଷ୍ଣୁପୁର ସରପଞ୍ଚ ପୁଣି ଅଯୋଗ୍ୟ ଘୋଷିତ

**ବାଲିଆପାଳ, ୮।୧(ଗୋପାଳ ଚନ୍ଦ୍ର ସାହୁ):** ବାଲିଆପାଳ ବ୍ଲକ ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନାଙ୍କୁ ପୁଣି ହାଇକୋର୍ଟ ଅଯୋଗ୍ୟ ଘୋଷଣା କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ନାଏବ ସରପଞ୍ଚ ବୃନ୍ଦାବତୀ ଜେନାଙ୍କୁ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଗୁରୁବାର ବିଷ୍ଣୁପୁର ସରପଞ୍ଚ ଭାବେ କ୍ଷମତା ହସ୍ତାନ୍ତର କରିଛନ୍ତି।

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବା ପରେ ବିଜୟୀ ସରପଞ୍ଚ ମହେଶ୍ୱର ଜେନାଙ୍କ ବିରୋଧରେ ପରାଜିତ ସରପଞ୍ଚ ପ୍ରାର୍ଥୀ ମଧୁ ଦଳାଇ ବିଭିନ୍ନ ଅନିୟମିତତା ଦର୍ଶାଇ ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ବିଚାର କରି ବର୍ଷେ ତଳେ ମହେଶ୍ୱର ଜେନାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ମାତ୍ର ମହେଶ୍ୱର ଜେନା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଆଣି କାର୍ଯ୍ୟରେ ରହିଥିଲେ। ମଧୁ ଦଳାଇ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାର କରି ଡିସେମ୍ବର ୫ରେ ମହେଶ୍ୱର ଜେନାଙ୍କୁ ଦ୍ୱିତୀୟ ବାର ଅଯୋଗ୍ୟ ଘୋଷଣା କରି ନାଏବ ସରପଞ୍ଚଙ୍କୁ କ୍ଷମତା ହସ୍ତାନ୍ତର କରିବା ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡିସେମ୍ବର ୨୨ରେ ନାଏବ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ କରିବା ପାଇଁ ବାଲିଆପାଳ ବିଡିଓଙ୍କୁ ଚିଠି କରିଥିଲେ। ବିଡିଓ କ୍ଷମତା ପ୍ରଦାନରେ ବିଳମ୍ବ କରିବାରୁ ଗୁରୁବାର ନାଏବ ସରପଞ୍ଚ ବୃନ୍ଦାବତୀ ଜେନା ତାଙ୍କ ସମର୍ଥକଙ୍କ ସହିତ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ଜାନୁଆରୀ ୭ରୁ ଚିଠି କରି ନାଏବ ସରପଞ୍ଚଙ୍କୁ ଗୁରୁବାର ପ୍ରଦାନ କରିବା ପରେ ନାଏବ ସରପଞ୍ଚ ଧାରଣାରୁ ଉଠିଥିଲେ।

# 'ଅହଂଭାବ ତ୍ୟାଗ କରିବାକୁ ପରାମର୍ଶ'

### କମାରପାଳ ହାଇସ୍କୁଲ ବାର୍ଷିକ ଉତ୍ସବ

**ଔପଦା, ୮।୧(ଧରିତ୍ରୀ ପଣ୍ଡା):** ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ କମାରପାଳ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଦୁରବସ୍ଥାରେ ଥିବା ଏହି ବିଦ୍ୟାଳୟ ୫-ଟି ସାମିଲ ପରେ ବିଦ୍ୟାଳୟର ରୂପରେଖ ଆଜି ବଦଳିଯାଇଛି। ଅନ୍ୟଠାରୁ ସହାୟତା ଓ ସହଯୋଗ ପାଉଥିବା ବ୍ୟକ୍ତି ସହାୟତାଙ୍କ ନିକଟରେ ଋଣୀ ରୁହ ନାହିଁ। ଭଲ ମଣିଷ ହେବାକୁ ହେଲେ ମନରୁ ଅହଂଭାବ ତ୍ୟାଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଔପଦାରେ ୧୪କୋଟି ୪୧ଲକ୍ଷ ଟଙ୍କା ବ୍ୟୟରେ ଏକ ଜିଲାସ୍ତରୀୟ ଖେଳପଡ଼ିଆ ନିର୍ମାଣ ପାଇଁ ଯୋଜନାକୁ ହାତକୁ ନିଆଯାଇଛି ବୋଲି ବିଧାୟକ କହିଥିଲେ।

ମୁଖ୍ୟବକ୍ତା ଭାବେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିମ୍ବିବିମ୍ବା ପାତ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଭାକର ସାହୁ ଏହି ସ୍କୁଲ ପ୍ରତି ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଅବଦାନ ପାଇଁ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମୁନି ସିଂ, ସ୍ଥାନୀୟ ସରପଞ୍ଚ ଅନୁପମା ବିଶ୍ୱାଳ, ସମିତିସଭ୍ୟା ଶିଖା ନାୟକ, ଖବରଦାତା ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତି ସରୋଜ କୁମାର ଜେନା, ଆଲୁମିନି ସଭାପତି ଆଇନଜୀବୀ ଜୟଶ୍ରୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କୁ ସ୍କୁଲ ପକ୍ଷରୁ ସ୍ୱାଗତ କରାଯାଇ ପାଛୋଟି ଅଣାଯାଇଥିଲା। ବିଧାୟକ ଖଟୁଆ ସ୍କୁଲ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ଏ-୧ରେ ସଫଳତା ପାଇଲେ ପିଲାର ପରବର୍ତ୍ତୀ ପଢ଼ା ଖର୍ଚ୍ଚ ବିଧାୟକ ସମ୍ପୂର୍ଣ୍ଣ ବହନ କରିବେ ବୋଲି କହିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସହକାରୀ ଶିକ୍ଷକ ବରେନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଉମାକାନ୍ତ ପଣ୍ଡା, ସୁଶାନ୍ତ କୁମାର ପାଣ୍ଡିଆ, ଭାରତୀ ବେହେରା, କନକଲତା ଗାହଣ, ଶ୍ରୀକାନ୍ତ ବେହେରା, ପ୍ରହ୍ଲାଦ ପରିଡା, ଶିକ୍ଷା କର୍ମଚାରୀ ଅକ୍ଷୟ କୁମାର ବେହେରା, ନିରଞ୍ଜନ ରାଉତ, କୈଳାସ ଚନ୍ଦ୍ର ମଲ୍ଲିକ, ଈଶ୍ୱର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

# ବାଲେଶ୍ୱରରେ ସର୍ବଭାରତୀୟ ଜାତୀୟ ଟ୍ରେକିଂ କ୍ୟାମ୍ପ


କର୍ନେଲ ସତ୍ୟବ୍ରତ ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।


କ୍ୟାମ୍ପରେ ଅଂଶଗ୍ରହଣ କରିଥିବା କ୍ୟାଡେଟ୍।

### ୧୩ ରାଜ୍ୟର ୫୫୦ କ୍ୟାଡେଟ୍, ଅଧିକାରୀ ସାମିଲ

**ବାଲେଶ୍ୱର, ୮।୧(ବାଞ୍ଛାନିଧି ଦେ):** ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ବାଲେଶ୍ୱର ଜିଲାର ବେଳାଭୂମି ଅଞ୍ଚଳରେ ୯ ଦିନିଆ ସର୍ବଭାରତୀୟ ଜାତୀୟ ଟ୍ରେକିଂ କ୍ୟାମ୍ପ ଶୁଭାରମ୍ଭ ହୋଇଛି। କଟକ ଏନ୍‌ସିସି ଗ୍ରୁପ୍ ଅଧୀନ ଭଦ୍ରକସ୍ଥିତ ଓଡ଼ିଶାର ଦ୍ୱିତୀୟ ନାଭାଲ ୱିଙ୍ଗ ଏନ୍‌ସିସି ୟୁନିଟ୍ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଛି। ଏହି କ୍ୟାମ୍ପରେ ଏନ୍‌ସିସିର ୫ଟି ନିର୍ଦ୍ଦେଶାଳୟ ଅନ୍ତର୍ଗତ ହରିଆନା, ପଞ୍ଜାବ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ସମେତ ୧୩ଟି ରାଜ୍ୟରୁ ଦୁଇଟି ଗ୍ରୁପରେ ୫୫୦ଜଣ କ୍ୟାଡେଟ୍ ଓ ଅଧିକାରୀ ଯୋଗଦେଇଛନ୍ତି।

ବାଲେଶ୍ୱର ସହର ଉପକଣ୍ଠ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଗୁରୁବାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗ୍ରୁପ କ୍ୟାପଟେନ କର୍ନେଲ ସତ୍ୟବ୍ରତ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ସାହସ, ଶୃଙ୍ଖଳା, ଆତ୍ମନିର୍ଭରଶୀଳତା ଏବଂ ଦଳଗତ ମନୋଭାବ ବିକଶିତ କରିବା ଏହି ଟ୍ରେକିଂ କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ। ଦେଶର ଭବିଷ୍ୟତ ପିଢି ମାଧ୍ୟମରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାକୁ ଏହା ସୁଦୃଢ଼ କରିବ। ୨୦ହଜାର କ୍ୟାଡେଟଙ୍କୁ ନେଇ ଆରମ୍ଭ ହୋଇଥିବା ଏନ୍‌ସିସିରେ ସମ୍ପ୍ରତି ୨୦ଲକ୍ଷ ସଦସ୍ୟ ରହିଛନ୍ତି। ଓଡ଼ିଶାରେ ୩୫ହଜାର କ୍ୟାଡେଟ ଥିବା ବେଳେ ବିଭିନ୍ନ ସ୍କୁଲ, କଲେଜରେ ଅଧିକ ୟୁନିଟ ଖୋଲାଯାଇ କ୍ୟାଡେଟ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ସର୍ବଭାରତୀୟ ଏନ୍‌ସିସି କ୍ୟାମ୍ପର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ନାଭାଲ ୱିଙ୍ଗ ଏନସିସି ୟୁନିଟ୍‌ର କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ କୁମାର ସାହୁ କ୍ୟାମ୍ପର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲାର ଲୁକ୍କାୟିତ ଅବସ୍ଥାରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମିରେ କ୍ୟାଡେଟମାନେ ପର୍ଯ୍ୟାୟକ୍ରମେ ୬୫ କି.ମି. ପର୍ଯ୍ୟନ୍ତ ଟ୍ରେକିଂ କରିବେ। ଏଥିସହ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ଗ୍ରୁପ କ୍ୟାପଟେନ କର୍ନେଲ ସ୍ୱାଇଁଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ବିଭିନ୍ନ ୟୁନିଟ୍‌ର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚା' ବାଗାନ ବୁଲିଲେ ଟି ବୋର୍ଡ ଅଫ୍ ଇଣ୍ଡିଆର ଟିମ୍

କେନ୍ଦୁଝର,୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତରମାକାନ୍ତ ଚା ବାଗାନ ଦୀର୍ଘ ପ୍ରାୟ ୨୫ ବର୍ଷ ପରେ ପୁନରୁଦ୍ଧାର ହେବାକୁ ଯାଉଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାରଙ୍କ ଆଦେଶ କ୍ରମେ କୋଲକାତାସ୍ଥିତ ଟି ବୋର୍ଡ ଅଫ ଇଣ୍ଡିଆର ୨ ଜଣିଆ ପ୍ରତିନିଧି ଦଳ ଗୁରୁବାର ଉକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚା ବାଗନା ଖୋଲିବା ନେଇ ଉତ୍ସାହ ଦେଖିବାକୁ ମିଳିଛି। ବହୁ ସଂଖ୍ୟାରେ ସ୍ଥାନୀୟ ଲୋକମାନେ ସେମାନଙ୍କୁ ସ୍ୱାଗତ କରିବା ସହ ଉପସ୍ଥିତ ରହିଥିଲେ।

ଦୁଇ ଅଧିକାରୀଙ୍କ ମଧ୍ୟରେ ଡେପୁଟି ଡାଇରେକ୍ଟର ଅନୁପମ ଦାସ ଓ ଡେଭେଲପମେଣ୍ଟ ଅଫିସର ସୁଭାଷିଶ କୁମାର ସ୍ୱାଇଁ ରହିଥିବା ବେଳେ ସେମାନଙ୍କ ସହିତ ବାଂଶପାଳ ବିଡିଓ ରାଜା ରଞ୍ଜିତ ବଳ, ତହସିଲଦାର ବିକାଶ ଚନ୍ଦ୍ର ସାହୁ , ପିଡି ୱାଟରସେଡ୍ ଅଶୋକ ସେନାପତି, ସହକାରୀ ନିର୍ଦ୍ଦେଶକ ୱାଟରସେଡ୍ ପ୍ରଦିପ କୁମାର ରାଉତ ରହିଥିଲେ। ଚା' ବାଗନ ଅଞ୍ଚଳ ପରିଦର୍ଶନ କରିବା ପରେ କମିଟି ସଦସ୍ୟ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସେମାନେ



ଟି ବୋର୍ଡ ଅଫ ଇଣ୍ଡିଆର ୨ ଜଣିଆ ପ୍ରତିନିଧି ଦଳ ଚା ବାଗାନ ବୁଲି ଦେଖୁଛନ୍ତି।

## ଆଜି ଜିଲା କମିଟିରେ ମତ ଉପସ୍ଥାପନ କରିବେ

ପୁରୁଣା ଗଛଗୁଡ଼ିକ ବୁଲି ଦେଖିଥିଲେ। ବହୁ ଗଛ ନଷ୍ଟ ହୋଇଯାଇଛି। ଏଣୁ ସେସବୁ ପୁନର୍ଜିବିତ ହେବ କି ନାହିଁ ଟେକ୍ନିକାଲ ଟିମ୍ ଦ୍ୱାରା ସେମାନେ ସର୍ଭେ କରିବେ। ନୂଆ ଗଛ ଲାଗିବ ନା ପୁରୁଣା ଗଛ ଚଳିବ ସେ ନେଇ ସେମାନେ ଅନୁଧ୍ୟାନ କରିଛନ୍ତି। ସର୍ବନିମ୍ନ ୧୦୦ ହେକ୍ଟର ଜମିରେ ଚାଷ ହେଲେ ଏକ ମିନି ପ୍ଲାଣ୍ଟ ଚାଲିପାରିବ। ସଫଳ ହେଲେ ଏହାକୁ ବୃଦ୍ଧି କରାଯିବ। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟିରେ ସେମାନଙ୍କ ମତ ଉପସ୍ଥାପନ କରିବେ ବୋଲି ସୂଚନା ମିଳିଛି। ଡେଭେଲପମେଣ୍ଟ ଅଫିସର ସୁଭାଷିଶ କୁମାର ସ୍ୱାଇଁ କହିଛନ୍ତି, ଚା' ଚାଷର ପୁନରୁଦ୍ଧାର କିପରି ହୋଇ ପାରିବ ସେ ନେଇ ଅନୁଧ୍ୟାନ କରିବାକୁ ଆସିଛୁ। ଚା ଗଛ ଅଛି। ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବୁ। ଆଗରୁ ଚା' ଚାଷ ହେଉଥିଲା। ଏବେ କିଛି କହିହେବ ନାହିଁ। ଚା' ଚାଷ ହେଲେ ଭଲ ହେବ। ଲୋକଙ୍କ ସହଯୋଗ ରହିଛି। ସ୍ଥାନୀୟ ଉଦ୍ୟୋକ୍ତା ସଞ୍ଜୀୟ କୁମାର ଗିରି କହିଛନ୍ତି, ଚା' ଚାଷ ହେଲେ କର୍ମ ଯୋଗାଣ ହେବ। ସ୍ଥାନୀୟ ଲୋକେ କାମ ପାଇବେ। ମୁଖ୍ୟମନ୍ତ୍ରୀ ଉଦ୍ୟମ କରିଆସୁଥିଲେ କିପରି ଏହା ପୁଣି କାର୍ଯ୍ୟକ୍ଷମ ହେବ। ଏହା ତାଙ୍କର ଡ୍ରିମ ପ୍ରୋଜେକ୍ଟ। ଏହା ହେଲେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କହିଛନ୍ତି।

# ଫାଟି ଗଲାଣି ସୋସୋ-ନିଉଦାଣି ରାସ୍ତା



ବଉଲା,୮।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତର ମଉଦା-ସୋସୋ-ନିଉଦାଣି ରାସ୍ତା ମରାମତି ଅଭାବରୁ ଫାଟତ ଗରଗର ହୋଇଗଲାଣି। ସାଇକେଲ ଓ ବାଇକ୍ ଯାତାୟାତ ସମୟରେ ଫାଟରେ ଚକ ଫଶି ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ରାସ୍ତା ବିଲରୁ ଧାନ ନେବା ଆଣିବା ଓ ଧାନକୁ ସୋସୋ ମଣ୍ଡିକୁ ଆଣିବା ପାଇଁ ଗୁରୁତ୍ୱ ବହନ କରିଥାଏ। ରାସ୍ତାଟି ଅସୁରକ୍ଷିତ ହୋଇ ପଡିଥିବାରୁ ଗ୍ରାମବାସୀ ସମସ୍ୟାରେ ପଡୁଛନ୍ତି। ଆରଡି ବିଭାଗ ଅଧୀନରେ ରାସ୍ତା ଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହୋଇଛି।





କେନ୍ଦୁଝର ଜିଲାରେ ପାରଦ ୩ ଡିଗ୍ରୀକୁ ଖସି ଯାଇଥିବା ବେଳେ ସହର ରାସ୍ତାରେ ଦିନ ମଜୁରିଆ ସ୍ତ୍ରୀ ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଛନ୍ତି। ସନ୍ଧ୍ୟାରେ କଲେଜ ଛକରେ ନିଆଁ ଜାଳି ଲୋକେ ଖଟି କରୁଛନ୍ତି।

# ଜିଲାରେ ଶୈଶବ ଶିକ୍ଷାଦାନ ପ୍ରଭାବିତ

## ୮୩୦ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

କେନ୍ଦୁଝର,୮।୧(ଦୀପକ ମିଶ୍ର)

ଅଙ୍ଗନୱାଡି କେନ୍ଦ୍ରକୁ ଶୈଶବ ଶିକ୍ଷା ଆରମ୍ଭର କେନ୍ଦ୍ର କୁହାଯାଏ। କେନ୍ଦ୍ରରୁ ଶିଶୁମାନେ ଖାଦ୍ୟପେୟଠୁ ଆରମ୍ଭକରି ପ୍ରାରମ୍ଭିକ ଶିକ୍ଷା ଲାଭକରି ଉଚ୍ଚ ବିଦ୍ୟାଳୟକୁ ଯାଇଥାନ୍ତି। ଏଠାକାର ପରିବେଶ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ। ମାତ୍ର କେନ୍ଦୁଝରରେ ଏବେ ବି ୮୩୦ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିସହ କିଛି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ଚାଲୁଥିବା ବେଳେ କିଛି ଅଙ୍ଗନୱାଡି କେନ୍ଦ୍ର ଅନ୍ୟ ଅନୁଷ୍ଠାନ ଭରସାରେ ଚାଲିଛି। ଫଳରେ ଜିଲାରେ ଶୈଶବ ଶିକ୍ଷାଦାନ ଏକ ପ୍ରକାର ପ୍ରଭାବିତ ହେଉଥିବା କୁହାଯାଉଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍ ଏବଂ ପୌରାଞ୍ଚଳରେ ମୋଟ ୩୩୬୧ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଯଦିଓ ଏହି ଜିଲା ପାଇଁ ଆହୁରି ନୂଆ ୩୩୫ଟି ଅଙ୍ଗନୱାଡି କେନ୍ଦ୍ରର ଆବଶ୍ୟକତା ଅଛି, ମାତ୍ର ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଅର୍ଥାତ୍ ନୂଆ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନର ପ୍ରସ୍ତାବକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲେ ବି ଅନୁମୋଦନ ମିଳି ନ ଥିବା ଜଣାପଡ଼ିଛି। ତେବେ ୩୩୬୧ଟି ଅଙ୍ଗନୱାଡି କେନ୍ଦ୍ରରୁ ଆଜି ସୁଦ୍ଧା ୮୩୦ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଅନେକ କେନ୍ଦ୍ର ଅନ୍ୟ କୋଠାରେ ତ କାହା ବାରଣ୍ଡାରେ ଚାଲୁଛି। ୮୩୦ ମଧ୍ୟରୁ ସରକାର ୪୧୧ଟି କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ପାଣ୍ଠି ଯୋଗାଇଛନ୍ତି। ମାତ୍ର ସେଥି ମଧ୍ୟରୁ ମଧ୍ୟ ୨୨୬ଟି ଗୃହ ନିର୍ମାଣ ଜାରି ରହିଛି। ଅବଶିଷ୍ଟ ୧୮୫ଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଓମ୍ୱାଡସି ପାଣ୍ଠିରୁ ନୂତନ କେନ୍ଦ୍ର ନିର୍ମାଣ ପାଇଁ ୫୦୪ଟି ପ୍ରସ୍ତାବ ଦିଆଯାଇଛି। ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ ପ୍ରକାଶ କରିଛନ୍ତି, ଅନ୍ୟ ସବୁ ଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ରହିଛି।

# ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ବିରୋଧୀ ୬ ନେତାଙ୍କୁ ସମ୍ବର୍ଦ୍ଧନା

ପାଟଣା,୮।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ବିରୋଧୀ ମଞ୍ଚର ୬ ନେତାଙ୍କୁ ନଭେମ୍ବର୨୬ରେ ଢୁରୁମୁଙ୍ଗା ପୋଲିସ ଗିରଫ କରିନେଇଥିଲା। ୪୦ ଦିନ କେନ୍ଦୁଝର କାରାଗାରରେ ରହିବା ପରେ ମଙ୍ଗଳବାର ସେମାନଙ୍କୁ ଜାମିନ ମିଳିଛି। ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ନେତା ସମ୍ପାଦକ ବେଣୁଧର ସର୍ଦ୍ଦାର, ଉପସଭାପତି ସରୋଜ ସିଂ, ଭୁବନାନନ୍ଦ ସର୍ଦ୍ଦାର, ବିରେନ ମହାକୁଡ଼, ଅନାମ ଚରଣ ନାଏକ ଓ ରବୀନ୍ଦ୍ର କୁମାର ମହାନ୍ତଙ୍କୁ ଯମୁନାପୋଷି ଶାଖା ପକ୍ଷରୁ ବୁଧବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି।



ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ୬ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳପଥ ପ୍ରକଳ୍ପ ପାଇଁ ଗ୍ରାମସଭା

ପାଟଣା,୮।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଖିରେଇଟାଙ୍ଗିରୀ ଆରଆଇ ସର୍କଲ ଅନ୍ତର୍ଗତ ବାଉଁଶୁଳି ପଞ୍ଚାୟତ ପରିସରରେ ଗୁରୁବାର ବାଦାମପାହାଡ଼ କେନ୍ଦୁଝରଗଡ଼ ନୂତନ ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଜତା ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଗ୍ରାମସଭାରେ ଦୈତାରି ବାଂଶପାଣି ରେଲୱେ ପ୍ରକଳ୍ପର ଭୁ ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ରାଜ ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଖିରେଇଟାଙ୍ଗିରୀ ଆରଆଇ ନିବେଦିତା ସେଠୀ, ବାଉଁଶୁଳି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁପଶ୍ରୀ ପାତ୍ର, ଏଡିଇଓ ଦିଲ୍ଲୀପ ମହାନ୍ତ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସ୍ଥାନୀୟ ୱାର୍ଡ ମେମ୍ବରଙ୍କ ସହ ବାଉଁଶୁଳି ଓ ଭୁଲୁଦା ଗ୍ରାମବାସୀ ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତିୟ ଆଲୋଚନାରେ ଅଂଶଗ୍ରହଣ କରିଥଲେ। ନୂତନ ରେଳପଥ ନିର୍ମାଣ ପାଇଁ ବାଉଁଶୁଳି ଓ ଭୁଲୁଦା ମୌଜାର ମୋଟ ୫୭.୯୭ ଏକର ଘରୋଇ ଜମି ସହ ଜଙ୍ଗଲ ଜମି ଅଧିଗ୍ରହଣ ହେବ। ବାଉଁଶୁଳି ଗ୍ରାମର ୪୦ ଜଣଙ୍କଠାରୁ ୪୦ ଏକର ୮୮ ଡିସମିଲ ଏବଂ ଭୁଲୁଦା ଗ୍ରାମର ୨୫ ଜଣଙ୍କଠାରୁ ୧୭ ଏକର ୦୯ ଡିସିମିଲ ଜମି ଅଧିଗ୍ରହଣ ହେବ। ବାଉଁଶୁଳି ପଞ୍ଚାୟତ ଦେଇ ଅଢେଇ କିଲୋମିଟର ରେଳପଥ ଯାଉଛି। ରେଳପଥ ପାଇଁ ୪ଟି ଅଣ୍ଡରପାସ ନିର୍ମାଣ ହେବ। ଏଥିସହ ଷ୍ଟେଶନଟି ଖିରେଇଟାଙ୍ଗିରୀ ଓ ବାଉଁଶୁଳି ସୀମା ମଧ୍ୟରେ ହେବାକୁ ଥିବା ବେଳେ ବାଉଁଶୁଳି ଗ୍ରାମ ନାମକୁ ମଧ୍ୟ ଷ୍ଟେଶନ ନାମରେ ନାମିତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ରେଲୱେ ବିଭାଗକୁ ଅବଗତ କରାଯିବ ବୋଲି ଭୁ ଅର୍ଜନ ଅଧକାରୀ ଲୋକଙ୍କୁ କହିଥିଲେ।



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ।

# କବାଡି ଖେଳରେ ଆହତ ଛାତ୍ରଙ୍କ ମୃତ୍ୟୁ

କେନ୍ଦୁଝର,୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ଗିଧିବାସ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କବାଡି ଖେଳୁଥିବା ବେଳେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ବାରିଆ ଥାନା କେନ୍ଦୁଆ ଗ୍ରାମର ସ୍ୱର୍ଗତ ଶୁକଦେବ ମୁଣ୍ଡାଙ୍କ ଅମିତ୍ ମୁଣ୍ଡା (୧୪)। ଗତ ମଙ୍ଗଳବାର ବିଦ୍ୟାଳୟରେ ଅମିତ୍ ଅନ୍ୟମାନଙ୍କ ସହିତ କବାଡ଼ି ଖେଳୁଥିବା ବେଳେ ଆଘାତ ଲାଗିଥିଲା। ଘଟଣାକୁ ସାମାନ୍ୟ ନେଇ ସ୍କୁଲର କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ବୁଧବାର ସକାଳୁ ଅବସ୍ଥା ଗୁରୁତର ହେବାରୁ ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ତାଙ୍କ ମା'ଙ୍କୁ ବିଳମ୍ବ ରେ ସୂଚନା ଦିଆଯାଇଥିବା ଅଭିଯୋଗ ହୋଇଛି। ଖବରପାଇ ତାଙ୍କ ମାଆ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ପୁଅର ମୃତ୍ୟୁ ହୋଇଥିବା ଜାଣିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପୁଅର ମୃତ୍ୟୁ ହୋଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଦାବିରେ ଘରଲୋକ ମୃତଦେହ ଗ୍ରହଣ କରି ନ ଥିଲେ। ଫଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଚମ୍ପୁଆ ଉପ ଜିଲାପାଳ, ଝୁମ୍ପୁରା ଓ ଚମ୍ପୁଆ ତହସିଲଦାର, ଚମ୍ପୁଆ ଏସ୍‌ଡିପିଓ ରାତିରେ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରି ମୃତଦେହ ହସ୍ତାନ୍ତର କରିଥିଲେ। ଏ ନେଇ ବାରିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଚମ୍ପୁଆ ଏସ୍‌ଡିପିଓ ରଶ୍ମି ରଞ୍ଜନ ସାହୁ କହିଛନ୍ତି।

# ପୂର୍ବତନ ଜିଲା ଜଜ୍‌ଙ୍କ ବିୟୋଗରେ ଶୋକ

କେନ୍ଦୁଝର,୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ପୂର୍ବତନ ଜିଲା ଜଜ ଅଶୋକ କୁମାର ସେନାପତି(୮୦)ଙ୍କ ସମ୍ବଲପୁରଠାରେ ଦେହାନ୍ତ ହୋଇଯାଇଛି। ସେ ୧୯୭୬ରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ଚାକିରୀ ଆରମ୍ଭ କରି ଏସ୍‌ଡିଜେଏମ, ସବ ଜଜ୍, ସିଜେଏମ ଓ ଏଡିଜେ ହିସାବରେ କାର୍ଯ୍ୟ କରି ୧୯୯୮ ଅକ୍ଟୋବରରେ କେନ୍ଦୁଝର ଜିଲା ଜଜ୍ ଭାବେ ଯୋଗଦେଇ ୨୦୦୨ ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରଥିଲେ। ୨୦୦୫ରେ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁସନ ହିସାବରେ ଅବସର ଗ୍ରହଣ କରିଥିଲେ। ତାଙ୍କର ବଡପୁଅ ଅଭିଦ୍ରୟ ସେନାପତି ଦୁବାଇରେ ଇଞ୍ଜିନିୟର ଥିବାବେଳେ ସାନପୁଅ ଅଭିଲାଷ ସେନାପତି ସମ୍ବଲପୁରଠାରେ ଅତିରିକ୍ତ ଜିଲା ଜଜ୍ ଭାବେ ଅବସ୍ଥାପିତ ଅଛନ୍ତି। ବିୟୋଗରେ କେନ୍ଦୁଝର ଜିଲାରେ ଶୋକ ପ୍ରକାଶ ପାଇଛି।

# ଯୋଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୨ ଛାତ୍ରୀ।

ଯୋଡ଼ା,୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏଥିରେ +୨ ବର୍ଗରେ ପୁଷ୍ପା ମୁଣ୍ଡା ଚାମ୍ପିୟନ ହୋଇଥିବାବେଳେ +୩ ବର୍ଗରେ ମୋନାଲିସା ଗୁଡ଼ିଆ ଚାମ୍ପିୟନ ହୋଇଛନ୍ତି। କଲେଜର ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ବିଜୟ ନାୟକ ପୁରସ୍କାର ବିତରଣ କରିଥିଲେ। କଲେଜର କ୍ରୀଡ଼ା ଶିକ୍ଷୟିତ୍ରୀ ବବିତାରାଣୀ ସିଂ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାକୁ ଅଧ୍ୟାପିକା ଶୁଭଦର୍ଶନୀ ପଣ୍ଡା ପରିଚାଳନା କରିଥିଲେ। ଅଧ୍ୟାପିକା ସୁମନପ୍ରଭା ତିର୍କୀ ଓ ଅଧ୍ୟାପିକା ଐଶର୍ଯ୍ୟାମୟୀ ପାତ୍ର, ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଅନୁଦାନରୁ ବଞ୍ଚିତ ବୃଦ୍ଧ ଦମ୍ପତି

ଆନନ୍ଦପୁର,୮।୧(ସୁଶାନ୍ତ କୁମାର ସାହୁ)

## ସାହାଯ୍ୟ ବାହାନାରେ ଟଙ୍କା, କୁକୁଡ଼ା ନେଇଗଲେ

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବୃଦ୍ଧ ଦମ୍ପତି ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଉଭୟଙ୍କ ବୟସ ୬୦ ଅତିକ୍ରମ କରିଥିଲେ ହେଁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ରାଶନ ଓ ଆବାସ ଯୋଜାନାର ମଧ୍ୟ ସୁବିଧା ପାଇ ନ ଥିବା ସେମାନେ କହିଛନ୍ତି। ଏ ନେଇ ପଞ୍ଚାୟତ ଅଫିସ୍‌ରେ ଅଭିଯୋଗକରି ମଧ୍ୟ ସୁଫଳ ମିଳିନାହିଁ। ଏପରିକି ସାହାଯ୍ୟ କରିବା ବାହାନାରେ ଅନେକ ସମୟରେ ସ୍ଥାନୀୟ ନେତା କହୁଥିବା କେତେଜଣ ଯୁବକ ଟଙ୍କା ଓ କୁକୁଡ଼ା ନେଇଯାଇଥିବା ବୃଦ୍ଧ ଦମ୍ପତି ବାସୁଦେବ ଗିରି (୬୫), ସୁକାନ୍ତି ଗିରି (୬୨) ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବାସୁଦେବ ଓ ସୁକାନ୍ତିଙ୍କ ୨ ପୁଅ ବିବାହକରି ଅନ୍ୟତ୍ର ନିଜ ପରିବାର ସହ ରହୁଛନ୍ତି। ଦମ୍ପତି ଛେଳି ଚରାଇ ଗୁଜୁରାଣ ମେଣ୍ଟାଉଛନ୍ତି। ଅତି ଗରିବ ଶ୍ରେଣୀର ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ରାଶନ କାର୍ଡରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ ହୋଇ ନ ଥିବା ବେଳେ ବାର୍ଦ୍ଧକ୍ୟଜନିତ ଭତ୍ତା ବି ପାଇ ନ ଥିବା ସୁକାନ୍ତି କହିଛନ୍ତି। ଜଙ୍ଗଲ ଜମିରେ ରହୁଥିବାରୁ ଆବାସ ଯୋଜନାରେ ଘର ମିଳିପାରୁନାହିଁ। ପଟ୍ଟା ନ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ଭୋଗୁଛନ୍ତି। ଏ ନେଇ ବାରମ୍ବାର ପଞ୍ଚାୟତରେ ଆବେଦନ କରିଥିଲେ ହେଁ ସହାୟତା ମିଳିପାରିନାହିଁ। ନିଜକୁ ରାଜନେତା କହୁଥିବା ଗ୍ରାମର ଜଣେ ଲୋକ ଜଙ୍ଗଲ ଜମି ପଟ୍ଟାକୁ ବୃଦ୍ଧଙ୍କ ନାମରେ କରାଇଦେବେ ବୋଲି କହି ୨୨ ହଜାର ଟଙ୍କା ନେଇ ଧରାଛୁଆଁ ଦେଉନାହାନ୍ତି। ଏଥିସହ ଭତ୍ତା ଓ ରାଶନ କାର୍ଡ କରାଇଦେବାକୁ କହି ବିଭିନ୍ନ ସମୟରେ ସ୍ଥାନୀୟ କେତେଜଣ ଯୁବକ ଅନେକ କୁକୁଡ଼ା ମଧ୍ୟ ନେଇଥିବା ବାସୁଦେବ କହିଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ବାହାନାକରି କାମ କରିନାହାନ୍ତି। ତେଣୁ କାହାକୁ ସାହାଯ୍ୟ ନ ମାଗି ଭାଗ୍ୟକୁ ଆଦରି ପଡ଼ିଥିବା ବୃଦ୍ଧ ଦମ୍ପତି କହିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ଦେଖିବା ବୁଝିବା କ'ଣ ହେଇଛି, ଏହାର ଖୁବ୍‌ଶୀଘ୍ର ସମାଧାନ କରିବାକୁ ଚେଷ୍ଟା କରାଯିବ। କଣ୍ଟିପାଲ ପିଇଓ ପୂର୍ଣ୍ଣିମା ପରିଡ଼ା କହିଛନ୍ତି, ଏବେ ରାଶନକାର୍ଡ ଆବେଦନ ଚାଲିଛି। ଆବେଦନ କଲେ ହେଇଯିବ। ଭତ୍ତା ପାଇଁ ସ୍ଥାନ ଖାଲି ହେଲେ ସଂଯୋଗ କରାଯିବ।



ଭଙ୍ଗା ଘର ନିକଟରେ ବୃଦ୍ଧ ଦମ୍ପତି।

# ଥାଇଲାଣ୍ଡ ଫେରନ୍ତାଙ୍କଠୁ ସୁନା, ହୀରା ଅଳଙ୍କାର ଲୁଟ୍

ଭୁବନେଶ୍ୱର,୮।୧(ସତ୍ୟଜିତ ରାଉତ)

ଜଣେ ଥାଇଲାଣ୍ଡ ଫେରନ୍ତାଙ୍କଠାରୁ ସୁନା ହାର, ହୀରା ଅଳଙ୍କାର ସମେତ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ କରିବା ଜଣେ ଓଲା କ୍ୟାବ୍ ଡ୍ରାଇଭରଙ୍କ ପାଇଁ ମହଙ୍ଗା ହୋଇଛି। ଏନେଇ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ ଗ୍ରାମର ନାଗେଶ୍ୱର ପ୍ରମାଣିକ। ତାଙ୍କଠାରୁ କାର୍ (ଓଡି୦୫ବିଜେ୨୪୧୦) ସହ ସୁନା ଚେନ୍, ସୁନା ବ୍ରେସଲେଟ୍, ୩ଟି ସୁନା ମୁଦି, ନଗଦ ୧ ଲକ୍ଷ ଟଙ୍କା, ପ୍ରାୟ ୫୦ ହଜାର ଟଙ୍କାର ଥାଇ ଭାଟ୍ ମୁଦ୍ରା, ୬ଟି ପାସ୍‌ପୋର୍ଟ, ୧୦ରୁ ୧୨ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ ଥିବା ପର୍ସ, ହୀରା କାନଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ନାଗେଶ୍ୱରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ

## ଓଲା କ୍ୟାବ୍ ଡ୍ରାଇଭର ଗିରଫ



ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାଗେଶ୍ୱରଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି।

ଅଭିଯୋଗକାରୀ ତଥା ଚୋରିର



ଜବତ ସାମଗ୍ରୀ ଏବଂ ଟଙ୍କା।

ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକର ଅମନ କୁମାର ଅଗ୍ରୱାଲ। ସେ କିଛିଦିନ ତଳେ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ରାତିରେ ସେ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇ ରାତି ପ୍ରାୟ ୧୦ଟା ବେଳେ କଟକ ସିଡିଏ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ଓଲା କ୍ୟାବ ବୁକ୍ କରିଥିଲେ। ନାଗେଶ୍ୱର ବୁକିଂ ରିସିଭ୍ କରିବା ପରେ ଏୟାରପୋର୍ଟରୁ ଅମନଙ୍କୁ ନେଇ ନନ୍ଦନକାନନ ରୋଡ୍ ହୋଇ କଟକ ସିଡିଏ ଅଭିମୁଖେ ଯିବାକୁ ବାହାରିଥିଲେ। ହେଲେ ନାଗେଶ୍ୱର ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ କାର୍ ଚଳାଇଥିଲେ। ଅମନଙ୍କ ଲଗେଜରେ ସୁନା ଓ ହୀରା ଅଳଙ୍କାର ସମେତ ନଗଦ ଟଙ୍କା ଥିବା ନାଗେଶ୍ୱର ଜାଣିପାରି ତାହାକୁ ଚୋରି କରିନେବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ଚନ୍ଦ୍ରଶେଖରପୁର ଇଣ୍ଡିଆନ ଅଏଲ୍ ପେଟ୍ରୋଲ ପମ୍ପରେ ସମ୍ମୁଖରେ କାର୍ ଅଟକାଇଥିଲେ। ଗାଡିରେ ସିଏନ୍‌ଜି ପକାଇବାକୁ କହି ଅମନଙ୍କୁ ଓହ୍ଲାଇବାକୁ କହିଥିଲେ। ଅମନ କାର୍‌ରୁ ଓହ୍ଲାଇବା ମାତ୍ରେ ନାଗେଶ୍ୱର କାର୍‌କୁ ଦ୍ରୁତଗତିରେ ଚଳାଇ ଫେରାର ହୋଇଯାଇଥିଲେ। ଏନେଇ ଅମନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୪/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରି ୮ ଘଣ୍ଟା ଭିତରେ ନାଗେଶ୍ୱରଙ୍କୁ ଗିରଫ କରିଥିଲା। ତେବେ ଓଲା ଅପରାଧ ପୃଷ୍ଠଭୂମି ଯାଞ୍ଚ ନ କରି ନାଗେଶ୍ୱରଙ୍କୁ ନିଯୁକ୍ତି ଦେଇଥିବାରୁ ପ୍ରଶ୍ନ ଉଠିଛି। ଏନେଇ ତଦନ୍ତ କରାଯିବ ବୋଲି ଜୋନ୍-୬ ଏସିପି ସୋନାଲି ପରମାର କହିଛନ୍ତି।

# ଗଞ୍ଜେଇ ଚୋରାଚାଲାଣକାରୀଙ୍କ ସମ୍ପତ୍ତି ଜବତ

ଫୁଲବାଣୀ, ୮।୧(ରାକେଶ କୁମାର ରାଉତ)

- ପୋଲିସ ସ୍କାନରରେ ଏକାଧିକ ଗଞ୍ଜେଇ ବ୍ୟବସାୟୀ
- ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଦେଇଛି ନିର୍ଦ୍ଦେଶ
- ଜୁନ ୪ରେ ଚଢ଼ାଉ ବେଳେ ମାଷ୍ଟରମାଇଣ୍ଡଙ୍କ ସହ ୩ ହୋଇଥିଲେ ଗିରଫ

କନ୍ଧମାଳ ଜିଲାର ଆଶିଷ କୁମାର ଦିଗାଲ ନାମକ ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଲାଣ କାରବାର କରି ବିପୁଳ ଅର୍ଥ ଠୁଳକରିବା ତାଙ୍କ ପାଇଁ ମହଙ୍ଗା ପଡିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ନିର୍ଦ୍ଦେଶରେ ଆଶିଷଙ୍କ ସମ୍ପତ୍ତି ଜବତ ହୋଇଛି। ତାଙ୍କ ୫ଜଣ ସମ୍ପର୍କୀୟ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ଏବେ ଅନ୍ୟମାନେ ପୋଲିସ ସ୍କାନରରେ ଅଛନ୍ତି। ଆଶିଷ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ପାଖାପାଖି ୫କୋଟିର ସମ୍ପତ୍ତି ଜବତ ହୋଇଛି। ସେମାନଙ୍କ ଏକାଧିକ ଆକାଉଣ୍ଟ ଫୁଲବାଣୀ ସଦର ପୋଲିସ ଅଚଳ କରିଛି। ଏହା ଜଣାପଡ଼ିବା ପରେ ଏବେ ଜିଲାର ଅନ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ବର୍ତ୍ତମାନ ଅନେକ ଗଞ୍ଜେଇ ବ୍ୟବସାୟୀ ପୋଲିସ ସ୍କାନରରେ ମଧ୍ୟ ଅଛନ୍ତି।

ଫୁଲବାଣୀ ସଦର ଥାନା ପୋଲିସ ଗତ ଜୁନ ୪ରେ ଧୋବଣିଖୋଲ ପାଖରେ ଏକ ଟ୍ରକ୍ (ଓଡି ୦୨ ବିଡବ୍ଲ୍ୟୁ-୦୭୨୦) ଉପରେ ଚଢ଼ାଉ କରି ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ (୫୧୬ କେଜି) ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ବେହେରାଙ୍କୁ ସେତେବେଳେ ଗିରଫ କରାଯାଇଥିଲା। ଗଞ୍ଜେଇ କାରବାର ପଛରେ ଖଜୁରିପଡ଼ା ବ୍ଲକ ତିଳକପଡ଼ାର ଆଶିଷ ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଆଶିଷଙ୍କ ସମ୍ପର୍କୀୟ ରାନୁ ଦିଗାଲ, ପ୍ରମୋଦ ଦିଗାଲ, ସୁଦେସନ ଦିଗାଲ, ଶାନ୍ତନୁ ସାହୁଙ୍କ ନାମରେ ବହୁ ବେଆଇନ ସମ୍ପତ୍ତି ଥିବା ପୋଲିସ ଜାଣିବାକୁ ପାଇ ସେସବୁ ଜବତ କରିଥିଲା। ଗତ ଡିସେମ୍ବର ୧୪ ତାରିଖରେ ୬ଟି ଆକାଉଣ୍ଟ, ୭ଟି ବେଆଇନ ଘର ଏବଂ ଜମି, ଏକାଧିକ କାର, ବାଇକ୍, ସୁନା ରୁପା, ଘର ଆସବାବପତ୍ର, ଏକ ହୋଟେଲକୁ ପୋଲିସ କରି ସିଲ୍ କରିଥିଲା। ଏହାର ହାରାହାରି ମୂଲ୍ୟ ୪ କୋଟି ୫୯ ଲକ୍ଷ ୩୯ ହଜାର ୧୧୧ଟଙ୍କା ହେବ। ଏ ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କୋଲ୍‌କାତାସ୍ଥିତ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲା। ସବୁ ତଥ୍ୟ ଅନୁଧ୍ୟାନକରି ବିଭାଗ ସମ୍ପତ୍ତି ଠାବ କରି ଜବତ କରିବାକୁ ଫୁଲବାଣୀ ସଦର ପୋଲିସକୁ ନିର୍ଦ୍ଦେଶ ଦେଇଥିଲା।

ସେହି ଅନୁସାରେ ପୋଲିସ ୭ଟି ଆକାଉଣ୍ଟ ଅଚଳ କରିଛି। ଏଥିରେ ୨ ଲକ୍ଷ ୨୦ ହଜାର ୯୪୬ ଟଙ୍କା ରହିଛି। ୩ କୋଟି ୪୮ ଲକ୍ଷ ୨୯ ହଜାର ୬୪୩ ଟଙ୍କାର ୭ଟି ବେଆଇନ ଘର ଏବଂ ଜମି, ୫୭ ଲକ୍ଷ ୪୮ ହଜାର ୮୯୩ ଟଙ୍କାର ଗାଡି ଏବଂ ୫୧ ଲକ୍ଷ ୩୯ ହଜାର ୬୨୯ ଟଙ୍କାର ସୁନା, ରୁପା ରହିଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

## ୬ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ

ବଇଣ୍ଡା, ୮।୧ (ପରିକ୍ଷିତ ସାହୁ)/ ମାଧପୁର (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାସ ଗୁରୁବାର ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କୁ କିଆକଟା ରାଜସ୍ୱ କାର୍ଯ୍ୟାଳୟ ରେଷ୍ଟ ରୁମ୍‌ରୁ ଗିରଫ କରିଛି। ଏଥିସହ ଲାଞ୍ଚ ନେଇଥିବା ୬ ହଜାର ଟଙ୍କା ଜବତ କରିଛି।

ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି, ଟୁସର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଦୌଲତରପୁର ଗ୍ରାମର ତରଣୀ ପ୍ରଧାନଙ୍କ ଜମି ଚିହ୍ନଟ ପାଇଁ ତାଙ୍କ ପୁଅ ସତ୍ୟାନନ୍ଦ ପ୍ରଧାନ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରିଥିଲେ। ଏଥିପାଇଁ ତହସିଲ ପକ୍ଷରୁ ଟୁସର ରାଜସ୍ୱ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ କାର୍ଯ୍ୟାଳୟର ନିରୀକ୍ଷକ ସୁରେନ୍ଦ୍ର ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ଦେବାକୁ ଆବେଦନକାରୀ ସତ୍ୟାନନ୍ଦ ସକ୍ଷମ ନ ଥିବା କହିବାରୁ ଜମି ଚିହ୍ନଟ ହୋଇପାରିବ ନାହିଁ ବୋଲି ସୁରେନ୍ଦ୍ର କହିଥିଲେ। ଏ ନେଇ ସତ୍ୟାନନ୍ଦ ବୁଧବାର ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସତ୍ୟାନନ୍ଦଙ୍କୁ କେମିକାଲ ବୋଳା ୬ ହଜାର ଟଙ୍କା ଦିଆଯାଇଥିଲା। ଏହାକୁ ସତ୍ୟାନନ୍ଦ କିଆକଟା ରାଜସ୍ୱ କାର୍ଯ୍ୟାଳୟରେ ଥିବା ସୁରେନ୍ଦ୍ରଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଏସ୍‌ଆଇ ସଞ୍ଜୟ ପଟ୍ଟନାୟକ, ରୁଦ୍ର ନାରାୟଣ ବିଶ୍ୱାଳ, ପ୍ରିୟବ୍ରତ ପ୍ରଧାନ, ଅଖିଳ ସାହୁ, ବିଶରଞ୍ଜନ ବେହେରା ପ୍ରମୁଖ ଚଢ଼ାଉ କରି ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ। ପରେ ରାଜସ୍ୱ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା।

# ବନ୍ଧୁକ ଯୋଗାଣକାରୀଙ୍କ ସମେତ ୪ ଗିରଫ

## ବସ୍‌ଯାତ୍ରୀଙ୍କଠାରୁ ଲୁଟିବାକୁ ଯୋଜନା କରିଥିଲେ

ବ୍ରହ୍ମପୁର, ୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ବନ୍ଧୁକ ଦେଖାଇ ବସଯାତ୍ରୀଙ୍କଠାରୁ ଲୁଟ ଯୋଜନା କରୁଥିବା ୪ ଜଣଙ୍କୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ରାତିରେ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗ୍ରାମର ପ୍ରଶାନ୍ତ ଗଜେନ୍ଦ୍ର ଓରଫ ଟମାଟୋ(୨୬), ଭଗବାନ ବିଷୋୟୀ (୨୮), ରଙ୍କ ଗଜେନ୍ଦ୍ର (୨୮) ଓ ରୋହିଗାଁର କାହ୍ନୁ ଚରଣ ଜେନା। ଅଭିଯୁକ୍ତମାନଙ୍କ ନିକଟରୁ ଏକ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ଗୋଟିଏ ଦାମୀ ବାଇକ୍ ଜବତ ହୋଇଛି। ବନ୍ଧୁକ ପ୍ରଶାନ୍ତ ଯୋଗାଇଥିଲେ ବୋଲି ଅଭିଯୁକ୍ତ ରଙ୍କ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ନୂଆ ବସଷ୍ଟାଣ୍ଡ ନିକଟରେ ଜଗିରହି ରାତି ବସରେ ଫେରୁଥିବା ଯାତ୍ରୀମାନଙ୍କ ନିକଟରୁ ଲୁଟ୍ ପାଇଁ ଯୋଜନା କରୁଥିଲେ ବୋଲି ଜଣାପଡିଛି। ମାମଲା ନଂ. ୯/୨୫ରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ତେବେ ପ୍ରଶାନ୍ତ ବନ୍ଧୁକ ଓ ଗୁଳି କେଉଁଠାରୁ



ଗିରଫ ୪ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଗୁଳି।

ଆଣିଥିଲେ, ତାଙ୍କୁ କିଏ ଦେଇଥିଲେ, ଘଟଣାପଛରେ ଆଉ କିଏ ଅଛନ୍ତି ନା ନାହିଁ ଜାଣିବା ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୁଧବାର ରାତିରେ ପୋଲିସ ନୂଆ ବସଷ୍ଟାଣ୍ଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ପୋଲିସକୁ ଦେଖି ବାଇକ୍ ଛାଡି ଉପରୋକ୍ତ ଯୁବକମାନେ ଲୁଚି ଯାଇଥିଲେ। ପୋଲିସ ଟିମ ତାଙ୍କୁ ଠାବ କରିବା ସହ ୪ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରେ ବନ୍ଧୁକ ଥିବା ଜଣାପଡିଥିଲା। ପରେ ଥାନାକୁ ଆଣି ପଚରାଉଚରା କରିବାରୁ ବନ୍ଧୁକ ସହ ଗୁଳି, ମାଗାଜିନ ଓ ବାଇକ ଜବତ କରିଥିଲା।

# ଏଲ୍‌ଆଇସି ଏଜେଣ୍ଟଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟ୍

ଚାନ୍ଦବାଲି,୮।୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଜଣେ ଏଲ୍‌ଆଇସି ଏଜେଣ୍ଟ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ଘଣ୍ଟେଶ୍ୱରଠାରେ ଥିବା ଏଲ୍‌ଆଇସି ପ୍ରିମିୟମ୍ ପଏଣ୍ଟରୁ ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ ଲକ୍ଷ ଟଙ୍କା ନେଇ ଡିପୋଜିଟ୍ କରିବାକୁ ଚାନ୍ଦବାଲି ଏଲ୍‌ଆଇସି ଅଫିସକୁ ଯାଉଥିଲେ। ତୋଟାପଡ଼ା-ବଇଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ୨ଜଣ ଯୁବକ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କୁ ଗାଡ଼ିରୁ ରାସ୍ତାକଡ଼କୁ ଠେଲିଦେଇ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ନାହିଁ।

## Business

# ୫୫,୭୮୩ କୋଟିର ଶିଳ୍ପ ନିବେଶକୁ ଅନୁମୋଦନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୪୩ତମ ଏଚଏଲସିଏ ବୈଠକ
- ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ୭ ପ୍ରକଳ୍ପ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୩ତମ ହାଇ ଲେଭଲ କ୍ଲିଅରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ୫୫,୭୮୩ କୋଟି ଟଙ୍କା ନିବେଶରେ ୭ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ଦ୍ୱାରା ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରକଳ୍ପଗୁଡ଼ିକ ଷ୍ଟିଲ, ରେୟାର ଅର୍ଥ ଉତ୍ପାଦନ, ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ, ସେମିକଣ୍ଡକ୍ଟର, ଇଣ୍ଡଷ୍ଟ୍ରିଆଲ ଗ୍ୟାସ, ଫେରୋଆଲୟ ଏବଂ ପାୱାର ଓ ନବୀକରଣଯୋଗ୍ୟ ଊର୍ଜା ଆଦି କ୍ଷେତ୍ରକୁ ନେଇ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରେ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଷ୍ଟିଲ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଗ୍ରୁପର କମ୍ପାନୀ ସାଫ୍ରନ ରିସୋର୍ସେସ ପ୍ରାଇଭେଟ ଲିମିଟେଡ ୩୫,୦୦୦ କୋଟି ଟଙ୍କା ନିବେଶ କରି ଢ଼େଙ୍କାନାଳରେ ୬ ଏମଟିପିଏ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ଏକା ପ୍ରାୟ ୮,୦୦୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଷ୍ଟିଲ ଉତ୍ପାଦନ ହବ ଭାବେ ସୁଦୃଢ଼ କରିବ। ଜିନ୍ଦଲ ପଲି ଫିଲ୍ମସ ଲିମିଟେଡ ୧୨,୦୦୦ କୋଟି ଟଙ୍କା ନିବେଶ କରି ଗଞ୍ଜାମରେ ୦.୫ ଏମଟିପିଏ ଟାଇଟାନିୟମ ଡାଇଅକ୍ସାଇଡ ପିଗମେଣ୍ଟ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହା ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ କ୍ଷେତ୍ରରେ ଏକ ନାମୀ କମ୍ପାନୀ ଗଞ୍ଜାମରେ ୧,୬୭୭ କୋଟି ଟଙ୍କା ନିବେଶ କରି ଟାୟାର, କାର୍ବନ ବ୍ଲାକ ଓ ଜିଙ୍କ ଅକ୍ସାଇଡ ଉତ୍ପାଦନ ଇଉନିଟ ସ୍ଥାପନ କରିବେ, ଯାହା ୬୮୫ ନିଯୁକ୍ତି ଦେବ। ହାଇ-ଟେକ ଉତ୍ପାଦନକୁ ବଢ଼ାଇବା ପାଇଁ ସାନକୋଡ ସେମି ପ୍ରାଇଭେଟ ଲିମିଟେଡ ଖୋର୍ଦ୍ଧାରେ ୧,୬୪୯.୯୮ କୋଟି ଟଙ୍କା ନିବେଶ କରି ସେମିକଣ୍ଡକ୍ଟର ଆସେମ୍ବଲି ଓ ଟେଷ୍ଟିଂ (ଓଏସଏଟି) ୟୁନିଟ ସ୍ଥାପନ କରିବେ, ଯାହା ୫୭୦ ନିଯୁକ୍ତି ସୃଷ୍ଟି କରିବ। ଇନୋକ୍ସ ଏୟାର ପ୍ରୋଡକ୍ଟସ ପ୍ରାଇଭେଟ ଲିମିଟେଡ ଢ଼େଙ୍କାନାଳରେ ୧,୩୦୦ କୋଟି ଟଙ୍କା ନିବେଶ କରି ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ, ଯାହା ୧୮୦ ନିଯୁକ୍ତି ଦେବ। ଫେରୋ ଆଲଏଜ୍ କର୍ପୋରେସନ ଲିମିଟେଡ କେନ୍ଦୁଝରରେ ୨,୦୦୦ କୋଟି ଟଙ୍କା ନିବେଶ କରି ଫେରୋ ମାଙ୍ଗାନିଜ, ସିଲିକୋ ମାଙ୍ଗାନିଜ ଓ ମାଙ୍ଗାନିଜ ଓର ବେନିଫିସିଏସନ ସହ ୧୦୦ ଏମଡବ୍ଲ୍ୟୁ କ୍ୟାପଟିଭ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏହା ୭୭୨ ନିଯୁକ୍ତି ସୃଷ୍ଟି କରିବ। ଜିଏମଆର କମଳାଙ୍ଗା ଏନର୍ଜି ଲିମିଟେଡ ଢେଙ୍କାନାଳରେ ୨,୧୩୬.୦୨ କୋଟି ଟଙ୍କା ନିବେଶ କରି ୩୫୦ ଏମଡବ୍ଲ୍ୟୁ ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ୩୦୦ ନିଯୁକ୍ତି ଦେବ। ୪୩ତମ ଏଚଏଲସିଏ ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଶିଳ୍ପ ବିବିଧତା, ଟେକ୍ନୋଲୋଜି-ଚାଳିତ ବିକାଶ ଓ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ଧ୍ୟାନ ଦେଇଛି। ଦ୍ରୁତ ନିଷ୍ପତ୍ତି ଓ ନିବେଶକ-ବାନ୍ଧବ ନୀତି ସହିତ ରାଜ୍ୟ ପାରମ୍ପରିକ ଓ ନୂଆ କ୍ଷେତ୍ରଗୁଡ଼ିକରେ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳୀ ହେବାର ଦିଗରେ ଅଗ୍ରସର ହେଉଛି। ବିକଶିତ ଭାରତ @୨୦୪୭ର ଜାତୀୟ ଦୃଷ୍ଟିକୋଣ ଓ ସମୃଦ୍ଧ ଓଡ଼ିଶା @୨୦୩୬ର ରାଜ୍ୟ ଲକ୍ଷ୍ୟ ରାଜ୍ୟ ଅନ୍ତର୍ଭୁକ୍ତିମୂଳକ, ସ୍ଥାୟୀ ଓ ଉଚ୍ଚ-ପ୍ରଭାବଶାଳୀ ଶିଳ୍ପ ବିକାଶ ଦିଗରେ ଅଗ୍ରସର ହେଉଛି।

# ଆରମ୍ଭ ହେଲା ୪ର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ୪ର୍ଥ ସଂସ୍କରଣ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେସିସିର ସିଏମ୍‌ଡି ତଥା ଏହି ଏକ୍ସପୋର ଆମ୍ବାସାଡାର ସୌମ୍ୟରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ ଏବଂ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ




ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଅନୁଷ୍ଠିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହୋଇଛନ୍ତି। ୧୧ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ପରିଦର୍ଶନ କରିହେବ। ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ, ଚାଇନା ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ଖଣିଜ କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶର ଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ପ୍ରଦର୍ଶନ କରୁଛନ୍ତି। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ ୩୦ ହଜାର ବର୍ଗ ମିଟରରୁ ଅଧିକ ପରିବ୍ୟାପ୍ତ, ଯାହା ଅଗ୍ରଣୀ ଅନ୍ତର୍ଜାତୀୟ ଖଣି ଏକ୍ସପୋର ପରିମାଣ ସହିତ ମେଳ ଖାଉଛି। ପ୍ରାୟ ୨୦ ହଜାର ପରିଦର୍ଶକଙ୍କୁ ଆକର୍ଷିତ କରିବାର ଆଶା କରାଯାଇଛି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢୁଥିବା ଚାହିଦାକୁ ପୂରଣକରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। ୩୦୦ରୁ ଅଧିକ କମ୍ପାନୀଙ୍କ ଅଂଶଗ୍ରହଣ କରିଛନ୍ତି। ପ୍ରମୁଖ ପ୍ରଦର୍ଶକମାନଙ୍କ ମଧ୍ୟରେ ଇକ୍ୱିପେଜ, ଓସେନ କନ୍‌ଭେୟର୍ସ, ସକ୍ଷମ କାଷ୍ଟିଂ, ତ୍ରିଶୂଳ ଟ୍ରେଡ୍, ଟାଟା ହିଟାଚି, ଏମ୍‌ଆର୍ କ୍ରଶର, ଜେସିବି, ପ୍ରୋପେଲ, କେସିସି, ଏଚ୍‌ପି, ବେଦାନ୍ତ, ସାଲେମିମେଶିନ, ଉତ୍କଳ ଆର୍ଗୋ ଇଣ୍ଟରନ୍ୟାଶନାଲ, ଆଇଆର୍‌ଇଏଲ ଏବଂ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

## ଡିସିବି ବ୍ୟାଙ୍କର ପ୍ରୋତ୍ସାହନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଗ୍ରାମୀଣ ମହିଳାଙ୍କୁ ସ୍ୱାଲମ୍ବୀ କରିବାରେ ମହୁଚାଷ ସହାୟକ ହେଉଛି। ଡିସିବି ବ୍ୟାଙ୍କର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) ଉଦ୍ୟମରେ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏବଂ ଗ୍ରାମ-ଉତ୍ଥାନ ସହଯୋଗରେ କଟକ ଜିଲାର ବାଙ୍କୀ, ଆଠଗଡ଼ ଏବଂ ଡମପଡ଼ା ବ୍ଲକ୍‌ରେ ୨୫୦ ଜଣ ଗ୍ରାମୀଣ ମହିଳା ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ମହିଳାମାନେ ପାରମ୍ପରିକ ଜ୍ଞାନକୁ ସଫଳ ମାଇକ୍ରୋ-ଏଣ୍ଟରପ୍ରାଇଜରେ ପରିଣତ କରିଛନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ମୋଟ ୩୪୧ କିଲୋଗ୍ରାମ ମହୁ ସଂଗ୍ରହ କରିପାରିଛନ୍ତି ଯାହାର ମୂଲ୍ୟ ୨.୭୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଡିସିବି ବ୍ୟାଙ୍କର ଅଧିକାରୀମାନେ ଗୁରୁବାର ବାଙ୍କୀ ବ୍ଲକ୍ ପରିଦର୍ଶନ କରି ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଡିସିବି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରବୀଣ କୁଟ୍ଟିଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କୁଟ୍ଟେ ୨୦୧୯ରେ ଏଠାକୁ ଆସିଥିବା କହିଥିଲେ। ସେ କହିଛନ୍ତି, ଆମେ ଲୋକମାନଙ୍କର ବିଶେଷକରି ମହିଳାମାନଙ୍କର ଆୟ ଉନ୍ନତ କରିବାକୁ



ଚାହୁଁଥିଲୁ ଏବଂ ତାହା ବାସ୍ତବରେ ପରିଣତ ରୂପ ନେଇଛି। ଆମେ ଅନୁଭବ କଲୁ ଯେ ଜୀବନଧାରଣ ଉନ୍ନତ କରିବାକୁ ଏକ ଏକୀକୃତ ଏବଂ ସ୍ଥାୟୀ ଆୟର ଉତ୍ସ ରହିବା ଆବଶ୍ୟକ। ଆମେ ଏଠାରେ ମହୁଚାଷ ପ୍ରଚଳନ କରିଥିଲୁ ଯାହା ଏକ ଗେମ ଚେଞ୍ଜର ହୋଇଥିଲା। ଗ୍ରାମବାସୀ କେବଳ ଏଥିରେ ଆଗ୍ରହ ପ୍ରକାଶ କରିନାହାନ୍ତି, ବରଂ ଏହାକୁ ବ୍ୟାପକ ଭାବରେ ବଢ଼ାଇଛନ୍ତି। ଏହା ଆମକୁ ଆହୁରି ବିନିଯୋଗ କରିବାର ସୁଯୋଗ ଦେଉଛି। ଲାଭ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାତ୍ର ଲୋକମାନଙ୍କର ଜୀବନଧାରଣ ମାନ ଉନ୍ନତ କରିବା ହେଉଛି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ବୋଲି କୁଟ୍ଟେ କହିଛନ୍ତି। ଏହି ଉଦ୍ୟମର ଲାଭ ସମ୍ପର୍କରେ ବର୍ଣ୍ଣନା କରି ସେ କହିଛନ୍ତି, ଜୈବ ବିବିଧତା, ପରାଗରେଣୁ ଏବଂ ପରିବେଶ ଅନୁକୂଳ ଅଭ୍ୟାସର ବଢୁଥିବା ସଚେତନତା ସହିତ ଏହି ଉଦ୍ୟମ ସ୍ଥାନୀୟ କୃଷି ଏବଂ ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିଛି। କ୍ଷେତ୍ରଗୁଡ଼ିକ ସ୍ୱାସ୍ଥ୍ୟକର ହୋଇଛି, ଉତ୍ପାଦନ ଉନ୍ନତ ହୋଇଛି ଏବଂ ଅଞ୍ଚଳବାସୀ ଜଳବାୟୁ ଅନିଶ୍ଚିତତାରେ ଅଧିକ ସ୍ଥିର ହୋଇଛନ୍ତି। ଏହି ଉଦ୍ୟମ ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଡିସିବି ବ୍ୟାଙ୍କ ଏବଂ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏକୀକୃତ ଜଳବିଭାଜକ ପରିଚାଳନା ମାଧ୍ୟମରେ ଜୀବନଧାରଣ ଉନ୍ନତି ପ୍ରକଳ୍ପ (ଏଲ୍‌ଆଇଏପି) ମାଧ୍ୟମରେ ଜଳ ସମ୍ପଦ ଏବଂ ମୃତ୍ତିକା ସଂରକ୍ଷଣ ଉନ୍ନତ କରିବାକୁ ଏକ ହସ୍ତକ୍ଷେପ ଆରମ୍ଭ କରିବା ଏହି ଯୋଜନାକୁ ରୂପରେଖ ଦିଆଯାଇଥିଲା। ଏହି ହସ୍ତକ୍ଷେପରେ ୬ଟି ଜଳାଶୟର ପୁନରୁଦ୍ଧାର, ୭ଟି ପୋଖରୀର ସଫେଇ, ଚେଞ୍ଜିଂ ରୁମ ଏବଂ ଏକ ନଳକୂପ ଖନନ ସହ ୩ ହଜାର ଚାରାରୋପଣ କରାଯାଇଛି। ବାଙ୍କୀ ଏବଂ ଆଠଗଡ଼ ବ୍ଲକ୍‌ରେ ନାଗରିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି।

# ଅମିତାଭ ବଚ୍ଚନ କାମ୍ପା ସିଓରର ବ୍ରାଣ୍ଡ୍ ଆମ୍ବାସାଡାର

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏଫ୍‌ଏମ୍‌ସିଜି ଶାଖା, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍) ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ ପାନୀୟ ଜଳ ବ୍ରାଣ୍ଡ 'କାମ୍ପା ସିଓର୍' ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ୨୦୨୨ରେ କାମ୍ପା କୋଲା ଅଧିଗ୍ରହଣ କରିବା ଏବଂ ୨୦୨୩ରେ ଏହାକୁ ଭାରତରେ ପୁନଃ ପ୍ରବର୍ତ୍ତନ କରିବା ପରଠାରୁ ଆର୍‌ସିପିଏଲ୍ ସଫଳତାର ଯାତ୍ରା ଜାରି ରଖିଛି। ଏହାକୁ ଆଜି ଭାରତୀୟ ମୃଦୁପାନୀୟ ଶିଳ୍ପରେ




ଏକ ଶକ୍ତିଶାଳୀ ଖେଳାଳି ଭାବରେ ସ୍ଥାନିତ କରିଛି। କମ୍ପାନୀ କାମ୍ପା ଏନର୍ଜି ଡ୍ରିଙ୍କ୍ସ, ରାସ୍କିକ ପାନୀୟ, ଜୁସ୍ ଏବଂ କାମ୍ପା ସିଓର ପ୍ୟାକେଜଡ୍ ପାନୀୟ ଜଳ ଉପଲବ୍ଧ କରିଛି। ଆର୍‌ସିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ସ୍ୱଚ୍ଛ ଏବଂ ସୁଲଭ ପାନୀୟ ଜଳର ଉପଲବ୍ଧତା ସମସ୍ତଙ୍କର ଅଧିକାର ଏବଂ କ୍ୟାମ୍ପା ସିଓର ସବୁଠାରୁ ସୁଲଭ ମୂଲ୍ୟରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରେ। ଏନେଇ ଅମିତାଭ ବଚ୍ଚନ କହିଛନ୍ତି, ମୁଁ କ୍ୟାମ୍ପା ସିଓର ସହିତ ଯୋଡ଼ିହୋଇ ବହୁତ ଖୁସି। ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ କ୍ୟାମ୍ପା ସିଓରର ପ୍ରୟାସରେ ମୁଁ ପ୍ରଭାବିତ।

# ନିଷ୍ପତ୍ତି ପ୍ରତ୍ୟାହାରକର ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଛାତ୍ର, ଯୁବ ବିଜେଡି

ଭୁବନେଶ୍ୱର, ୮।୧(ସୁଜିତ୍ ମିଶ୍ର)


ପରିବହନ ବିଭାଗ ପକ୍ଷରୁ କରାଯାଉଥିବା ଚାଲାଣକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା।

ରାଜ୍ୟରେ ଯାନବାହନର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ସରକାରଙ୍କ ଅନ୍ଧନୀତି ଯୋଗୁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜ ଶିକାର ହେଉଛନ୍ତି। ଏହିନୀତ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଗୁରୁବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆର୍‌ଟିଓ-୧ ଅଫିସ୍ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା କରିଛି। ରାଜ୍ୟ ସରକାରଙ୍କ ଏହି ବିବାଦୀୟ ନିଷ୍ପତ୍ତିକୁ ବିଶେଷକରି ପଲ୍ୟୁଶନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପେଠ ନ ହେବା ପର୍ଯ୍ୟନ୍ତ ପଲ୍ୟୁଶନ ସାର୍ଟିଫିକେଟ ପ୍ରଦାନ କରାଯିବନାହିଁକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି। ଏହି ଅବସରରେ ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସରକାରଙ୍କ ଏହି ଅନ୍ଧନୀତିର ତୀବ୍ର ସମାଲୋଚନା କରାଯିବା ସହ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଛି। ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କୁ ଧାଡ଼ିରେ ଛିଡ଼ାକରି ହଇରାଣ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲ କରିବା ପାଇଁ ମହିଳାମାନଙ୍କୁ ଧାଡ଼ିରେ ଛିଡ଼ାକଲେ। ଲୋକେ ରାଶନ ସାମଗ୍ରୀ ପାଇବା ପାଇଁ ଲାଇନରେ ଛିଡ଼ା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନଦେବା ପାଇଁ ରାଜରାସ୍ତାରେ ଛିଡ଼ାହେଉଛନ୍ତି। ଏବେ ପଲ୍ୟୁଶନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡ଼ାହେବାକୁ ପଡ଼ୁଛି। ସରକାରଙ୍କ ଟେରୋଲଜୀ ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କହିଛନ୍ତି। ଇପ୍ସିତା କହିଛନ୍ତି, ପ୍ରଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁଶନ ସାର୍ଟିଫିକେଟ ନାମରେ ସରକାର ନୂଆ ଶୋଷଣ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଚଳିତବର୍ଷ ତାଳଚେର ମେଡିକାଲ କଲେଜରେ ସୁପରସ୍ପେଶିଆଲିଟି ସେବା


ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ।

ଅନୁଗୋଳ,୮।୧ (ବିଦ୍ୟାଧର ସାହୁ)

- ପ୍ରାଥମିକ ପର୍ଯ୍ୟାୟରେ ଅନୁଗୋଳରୁ ସ୍ଥାନାନ୍ତର ହେବ କେତୋଟି ବିଭାଗ
- କ୍ରିୟାନ୍ୱୟନ କମିଟିର ଧାରଣା ପରେ ସୂଚନା ଦେଲେ ଅନୁଗୋଳ ଜିଲାପାଳ

ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ କରାଯାଇଥିବା ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତବର୍ଷରୁ ସୁପରସ୍ପେଶିଆଲିଟି ସେବା ରୋଗୀମାନଙ୍କୁ ମିଳିବ। ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୨୫ ସେପ୍ଟେମ୍ବର ୨ରେ ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ତାଳଚେର ମେଡିକାଲ କଲେଜକୁ ବିଧିବଦ୍ଧ ଅନୁମତି ଦିଆଯିବା ପରେ ଏଠାରେ ୧୦୦ ସିଟ୍‌ରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠପଢ଼ା ଚାଲିଛି। ହେଲେ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ପ୍ରାକ୍ଟିକାଲ ଶିକ୍ଷା ଜାରି ରହିଛି। ତାଳଚେରଠାରେ ଏହାର ଏକାଡେମିକ ବ୍ଲକ୍ ରହିଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜର ବିଦ୍ୟାର୍ଥୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିୟମିତ ଭାବେ ପ୍ରାକ୍ଟିକାଲ ଶିକ୍ଷା ପାଇଁ ଆସୁଛନ୍ତି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ହିଁ ସୁପରସ୍ପେଶିଆଲିଟି ସେବାଗୁଡ଼ିକ ଉପଲବ୍ଧ ରହିଛି। ତାଳଚେରସ୍ଥିତ ପୁରୁଣା ନେହେରୁ ଶତାବ୍ଦୀ ହସ୍ପିଟାଲର ନାମ ପରିବର୍ତ୍ତନ କରି ପବିତ୍ର ମୋହନ ମେଡିକାଲ କରାଯାଇଥିବା ବେଳେ ସେଠାରେ ସୁପରସ୍ପେଶିଆଲିଟି ରୋଗୀ ସେବା ଆରମ୍ଭ କରିବାକୁ ତାଳଚେର ପବିତ୍ର ମୋହନ ମେଡିକାଲ କ୍ରିୟାନ୍ୱୟନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଦାବି ନେଇ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ନେହେରୁ ଶତାବ୍ଦୀ ମେଡିକାଲ ବା ବର୍ତ୍ତମାନର ପବିତ୍ର ମୋହନ ମେଡିକାଲର କିଛି ମରାମତି କାର୍ଯ୍ୟ ବାକି ରହିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ପ୍ରାଥମିକ ଭାବେ କିଛି ବିଭାଗକୁ ନେଇ ସେଠାରେ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ଆରମ୍ଭ ହେବ ଏବଂ ପର୍ଯ୍ୟାୟକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲରେ ହିଁ ଚାଲୁ ହେବ ବୋଲି ଜିଲାପାଳ ପ୍ରକ୍ରିୟାରେ ଜଣାଇଛନ୍ତି।

# ଧର୍ମୀୟ ଭାବନାରୁ ଆର୍ଥିକ ଫାଇଦା ଉଠାଇବା ଲକ୍ଷ୍ୟ: ସଞ୍ଜୟ

## ଭକ୍ତ ନିବାସ ପାର୍କିଂ ଫି ୫୦୦ ଟଙ୍କା ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର, ୮।୧ (ସୁଜିତ୍ ମିଶ୍ର)


ସଞ୍ଜୟ କୁମାର ଦାସବର୍ମା

ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ ପାଇଁ ନିଆଯାଉଥିବା ନିଷ୍ପତ୍ତିକୁ ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା ତୀବ୍ର ବିରୋଧ କରିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ପୁରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ନିବାସରେ ପାର୍କିଂ ପାଇଁ ୧୮% ଜିଏସ୍‌ଟି ସହ ୫୦୦ ଟଙ୍କା ଆଦାୟ କରିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମତଃ ଭକ୍ତ ନିବାସଗୁଡ଼ିକରେ ରହିବା ଦର ଅପେକ୍ଷା ମହଙ୍ଗା ହୋଇଛି। କଟା ଦର ତୁଳନାରେ ପାର୍କିଂ ଫି ଆଦାୟ କରିଯିବା ନିଷ୍ପତ୍ତି ହୋଇଛି। ଯେଉଁ ଶ୍ରଦ୍ଧାଳୁମାନେ ଭକ୍ତ ନିବାସରେ ରହିବେ, ସେମାନଙ୍କୁ ନିଜର ୪ ଚକିଆ ଯାନ ପାଇଁ ୨୪ ଘଣ୍ଟାକୁ ୫୦୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏହି ୫୦୦ ଟଙ୍କା ମଧ୍ୟରେ ୧୮% ଜିଏସ୍‌ଟିକୁ ଅନ୍ତର୍ଭୁକ୍ତ କରାଯାଇଛି। ପୁରୀରେ ଥିବା ନୀଳାଚଳ ଭକ୍ତ ନିବାସ, ନୀଳାଦ୍ରି ଭକ୍ତ ନିବାସ ସମେତ ଅନ୍ୟ ସମସ୍ତ ସରକାରୀ ଭକ୍ତ ନିବାସରେ ରହୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଏହି ନିୟମ ପରିସରଭୁକ୍ତ ହେବେ। ଜଗନ୍ନାଥ ଘା'ରେ ବୃନ ସଦୃଶ ଭକ୍ତ ନିବାସ ରହିବା ଦେୟ ମହଙ୍ଗା ପରେ ପୁଣି ପ୍ରଶାସନ ପକ୍ଷରୁ ସେଠାରେ ଗାଡ଼ି ପାର୍କିଂ ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ସିଧାସଳଖ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଧର୍ମୀୟ ଭାବନାରୁ ପ୍ରଶାସନ ଆର୍ଥିକ ଫାଇଦା ନେବାକୁ ଚାହୁଁଛି। ନୂତନ ନିୟମ ଅନୁଯାୟୀ, ଗତ ୭ରୁ ପୁରୀର ସମସ୍ତ ୪ଟି ଭକ୍ତ ନିବାସରେ ପ୍ରଥମ ଥର ପାଇଁ ଅତି ସେମାନଙ୍କୁ ସର୍ବୁଜିଦିଅନ୍ତୁ, ଏପରି ନିଷ୍ପତ୍ତି ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୁରୀ ଆଗମନକୁ ପ୍ରଭାବିତ କରିବ। ଏହା ବହୁ କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି। ତେଣୁ ପ୍ରଶାସନ ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିବାହ ଭୋଜି ଖାଇ ୩୦୦ ଖାଡ଼ାବାନ୍ତିରେ ଆକ୍ରାନ୍ତ


ଡାକ୍ତରୀ ଟିମ୍ ଦ୍ୱାରା ଖାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଛି।

ରାଜନଗର, ୮।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଳାପୁର, ପ୍ରସନ୍ନପୁର, ଖଣ୍ଡାମରା ଗାଁରେ ବିବାହ ଭୋଜି ଖାଇ ୩୦୦ରୁ ଅଧିକ ଲୋକ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘରକୁ ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ରାଜନଗର ବ୍ଲକ ଏଣ୍ଡୁଳାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାହ୍ନାଙ୍କ ବାହାଘର ଭୋଜି ଥିଲା। ଭୋଜିରେ ହଜାର ଲୋକ ଖାଇଥିଲେ। ଏଣ୍ଡୁଳାପୁର ଗାଁର ପ୍ରତ୍ୟେକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଥିସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକେ ମଧ୍ୟ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଲୋକମାନେ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ଗ୍ରାମୀୟ ଔଷଧ ଦୋକାନ ଓ କ୍ଲିନିକ୍‌ରୁ ଔଷଧ ଖାଇଥିଲେ ମଧ୍ୟ ଖାଡ଼ା କମି ନ ଥିଲା। ଗୁରୁବାର ଖାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିଲା। ଏଣ୍ଡୁଳାପୁର ଗାଁରେ ଘରେ ଘରେ ଖାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏଣ୍ଡୁଳାପୁର ଗାଁରେ କେବଳ ୨୦୦ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ପ୍ରସନ୍ନପୁର ଓ ଖଣ୍ଡାମରା ଗାଁରେ ୧୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ୨ଟି ଟିମ୍ ଗାଁରେ ପହଞ୍ଚି ଖାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଘରକୁ ଘର ବୁଲି ରୋଗୀଙ୍କୁ ଦେଖିବା ସହ ଔଷଧ ଦେଉଛନ୍ତି।

# ଗିରଫ ପିଇଓଙ୍କ ଗୋଦାମରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ

ଛେଣାପଦି,୮।୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ବଞ୍ଚୋ ପଞ୍ଚାୟତ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଘରେ ସମେତ ବ୍ୟବସାୟ ପ୍ରତିଷ୍ଠାନ, ଶ୍ୱଶୁର ଘର, ପଞ୍ଚାୟତ ଅଫିସ ଆଦି ୬ଟି ସ୍ଥାନରେ ଡିସେମ୍ବର ୩୦ରେ ଭିଜିଲାନ୍ସ ରେଡ୍ କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଦିନ ବସନ୍ତିଆ ବଜାରସ୍ଥିତ ଗୋଦାମର ଚାବି କାଟି ମିଳି ନ ଥିବାରୁ ଯାଞ୍ଚ ଅଧାରେ ରହିଥିଲା। ପୁନର୍ବାର ଗୁରୁବାର ସକାଳେ ବାଲେଶ୍ୱର ଭିଜିଲାନ୍ସର ଏକ ୧୦ ଜଣିଆ ଟିମ୍ ପହଞ୍ଚି ଗୋଦାମ ଘର ଚାବି ଖୋଲିବା ସହିତ ଯାଞ୍ଚ କରିଛି। ସମ୍ପୃକ୍ତ ପିଇଓଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

# ଦୃଢ଼ ସମ୍ପର୍କକୁ ଗୁରୁତ୍ୱ

## ଆଜି ପ୍ରବାସୀ ଭାରତୀୟ ଦିବସ

ଭାରତ କେବଳ ନିଜର ଭୌଗୋଳିକ ପରିଧି ମଧ୍ୟରେ ସୀମିତ ରହିନାହିଁ। ପୃଥିବୀର ପ୍ରାୟ ଦେଶରେ ମୂଳ ଭାରତୀୟ ଲୋକେ ବସତି ସ୍ଥାପନ କରୁଛନ୍ତି। ଏମାନଙ୍କୁ ପ୍ରବାସୀ ଭାରତୀୟ ଭାବେ ବିବେଚନା କରାଯାଉଛି। ଏହି ପ୍ରବାସୀ ଭାରତୀୟମାନଙ୍କ ଅବଦାନକୁ ଚିହ୍ନିବା ଏବଂ ଭାରତର ସଂଯୋଗୀକରଣକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ଦିବସ ଭାରତ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଭାରତ ଏବଂ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପ୍ରବାସୀ ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ। ଦକ୍ଷିଣ ଆଫ୍ରିକାରେ ୨୧ବର୍ଷ ଅତିବାହିତ କରିବା ପରେ ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ରେ ଭାରତକୁ ଫେରିଥିଲେ। ତେଣୁ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ୨୦୦୩ ଜାନୁଆରୀ ୯ରେ ପ୍ରଥମ କରି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ଏହି ଦିବସ ଭାରତର ବିଶ୍ୱସ୍ତରୀୟ ଛବିକୁ ଆହୁରି ସୁଦୃଢ଼ କରିବା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସୂଚନାଯୋଗ୍ୟ ବୈଦେଶିକ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଦିବସ ୨୦୨୫ରେ ଭୁବନେଶ୍ୱରଠାରେ ପାଳିତ ହୋଇଥିଲା।

# ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର, ୮।୧(ସୁଜିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ଭାରତମଣ୍ଡପମ୍ ଠାରେ ବୁଧବାରଠାରୁ ୨ଦିନ ଧରି ଅନୁଷ୍ଠିତ ପରିବହନ ବିକାଶ ପରିଷଦ (ଟିଡିସି) ବୈଠକରେ ଓଡ଼ିଶା ସରକାର ନିଜର ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ୍ ଗଡକରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଥିଲେ। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଛି। ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର୍ ଏବଂ ସିସିଟିଏନ୍‌ଏସ୍‌ର ତ୍ରିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ମନ୍ତ୍ରଣାଳୟର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି।


ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
**Office of the Jaleswar Municipality, Jaleswar**
Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com
No. 55 Date : 05.01.2026
**Short Tender Call Notice**
No.C-2004 : Sealed Tenders are invited by the Undersigned in percentage rate basis from the eligible Odisha State Govt.Licensed Contractors with Municipality enlisted Contractor in the Jaleswar Municipality for execution of the following works of Jaleswar Municipality in the District of Balasore. The Tender paper will be sold on 07.01.2026 to 16.01.2026 4.00 PM during the office hours (Except Govt. Holidays) on production of valid Licence & payment cost of Tender Paper which is Non-refundable. The Tender papers will be received on till dt 19.01.26 till 02.00 PM by Register / Speed Post /by hand only and the same will be opened on 19.01.2026 at 3.30 PM in presence of the Contractors or their authorized agents. The Tender must be accompanied with Money receipt (Tender Paper cost) EMD,valid GST, PAN, Cont Licence, Affidavit, Contractor information Sheet, Pending work list (if any). The authority reserves the right to reject any or all tenders without assigning any reason thereof. Works list can be seen at Office Notice Board
OIPR- Sd./- Executive Officer Municipality, Jaleswar



**Odisha State Road Transport Corporation**
Paribahan Bhawan, Sachivalaya Marg, Bhubaneswar, Odisha 751009
Email: osrtc@od.gov.in; Phone No.- 0674-2530908
Notice No. 242 Date : 07.01.2026
**EXPRESSION OF INTEREST**
No.CAD-2966 : EOI FOR EMPANELMENT OF INSURANCE ADVISOR FOR ODISHA STATE ROAD TRANSPORT CORPORATION (OSRTC).
Odisha State Road Transport Corporation (OSRTC) invites Proposal from interested agencies for the above-mentioned EoI. Please refer to the EoI document for details.
- The EoI document shall be available from 08/01/2026 onwards in the following web portal: www.osrtc.org and https://tendersodisha.gov.in
- Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above website only.
- Applicants are required to submit a duly filled EoI Proposal as per the prescribed formats online on or before 20/01/2026 till 05:00 PM. The EoI Proposals received shall be opened at 04:00 PM on 21/01/2026.
- In case of any queries/clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reason thereof.
Sd./-General Manager (Operation) Odisha State Road Transport Corporation
OIPR-



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007,
Tel: 2545586/2545852, email- serifedodisha@gmail.com, website- www.serifedodisha.in
**TENDER CALL NOTICE**
BID IDENTIFICATION NO:- VI-13(07)/SERIFED/2025-26/18/ DT-06-01-2026
No.CAD-2963 : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : www.tendersodisha.gov.in. during the period dt. 10.01.2026 to 5.00 PM up to 21.01.2026. Tender shall be received till 5.00 PM on 21.01.2026 & shall be opened at 11.30 AM on 22.01.2026. Any addendum / corrigendum / cancellation of tender can also be seen in the said website.
OIPR- Sd./- Managing Director



**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar-751 012
Ph.: 2394336, E-mail : sihfwodisha@gmail.com
No.89//SIHFW-Estt.Trg.-01/24 (Part) Bhubaneswar Date : 06.01.2026
**TENDER NOTICE**
No.E-663 : Sealed tenders are invited from the interested reputed Registered Travel Agencies/ Tour Operators for providing 1 (one) No. of Swift Dezire Petrol Vehicle (New Version) having registered in his/her name/ Agency name, on monthly hiring basis in conformity to the terms & conditions of the tender for the purpose of official use in the Directorate of SIHFW, Odisha, Nayapalli, Bhubaneswar. The details of term and conditions of tender, general information, quoted price and documents will be made available in the office of the Directorate of SIHFW, Odisha between 11 AM to 5 PM in any working day or can be downloaded from the website of Government of Odisha in Health and Family Welfare Department www.odisha.gov.in/health and this Directorate www.sihfwodisha.nic.in portal.

| | |
|---|---|
| Date of Sale of Tender Paper | 08.01.2026 |
| Last Date Receipt of Tender | 31.01.2026 |
| Date of Opening of Tender | 06.02.2026 |
| Adress for Correspondence | Directorate of SIHFW, Odisha, Nayapalli, Bhubaneswar, Pin-751012 |

The tender will be opened on scheduled date and time in the office chamber of the undersigned in the presence of the authorized representatives of agencies. In the event of the date being declared as holiday for Government of Odisha, the due date of submission of bids & opening of bids will be next working day. Any tender received after the due. date and time will be rejected and returned to the tender unopened. The tender will be received through Registered Post/Couriers Service/ Speed Post only. The Authority reserves the right to reject any or all the tenders without assigning any reason thereof.
Sd./- Director
OIPR- State Institute of Health & Family Welfare, Odisha



ନିଲାମ ଇସ୍ତାହାର MM-479
ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନଟାଧାରରେ କାଜୁ ଜଙ୍ଗଲରୁ କାଜୁବାଦାମ ସଂଗ୍ରହ ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା.୨୮.୦୧.୨୦୨୬ ରିଖ ଦିବା ୧୧ ଘଟିକା ସମୟରେ ବନଖଣ୍ଡ ଅଧିକାରୀ, କୁଣ୍ଡା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ ସହିତ ଅଂଶଗ୍ରହଣ କରିବାକୁ ଅନୁରୋଧ।
୧. ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଟ.୫୦,୦୦୦.୦୦ (ପଚାଶ ହଜାର) E.M.D. Demand Draft in favour of Divisional Forest Officer, Mangrove Forest Division, (Wildlife) Rajnagar ନାମରେ ଦାଖଲ କରିବେ। ଏହି Demand Draft ଟେବଳ Payable at Central Bank of India, ରାଜନଗର ହେବା ଆବଶ୍ୟକ।
୨. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ନିଲାମ ଅର୍ଥ ଧାର୍ଯ୍ୟ କରି ଉକ୍ତ ଦିନ Cheque ମାଧ୍ୟମରେ ସେହିଦିନ ଦାଖଲ କରିବେ, ନଚେତ ନିଲାମ ଡାକି ବାଜ୍ୟ ହୋଇଥିବା E.M.D. ଅର୍ଥ ସରକାରଙ୍କ ତହବିଲକୁ ଜମା କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମକାରୀଙ୍କୁ ଉକ୍ତ ନିଲାମଟିକୁ ଦିଆଯିବ।
୩. ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟମାନଙ୍କର E.M.D. ନିଲାମ ପରେ ଫେରସ୍ତ କରାଯିବ ଏବଂ ସର୍ବୋଚ୍ଚ ଡାକଧାରୀଙ୍କ E.M.D. ନିଲାମ ଅର୍ଥ ସହ ସମନ୍ୱୟ କରାଯିବ।
୪. ବନଖଣ୍ଡ ଅଧିକାରୀ, କୁଣ୍ଡା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ନିଲାମଟିକୁ କୌଣସି କାରଣ ଦର୍ଶାଇ ନ ଥାଇ ବାତିଲ କରିବାର କ୍ଷମତା ରଖନ୍ତି।
ନିଲାମ ହେବାକୁ ଥିବା ଜଙ୍ଗଲର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ସଂଖ୍ୟା | ଲଟ୍ ନମ୍ବର | ସ୍ଥାନର ନାମ | ବନାଞ୍ଚଳ | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ୦୧/୨୦୨୫-୨୬ | ନଟାଧାରରେ କାଜୁ ଜଙ୍ଗଲ | ଗୁପ୍ତ | ତା.୨୮.୦୧.୨୦୨୬ ରିଖ ୧୧ ଘଟିକା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜନଗର |

ସ୍ୱା./-ବନଖଣ୍ଡ ଅଧିକାରୀ
OIPR- କୁଣ୍ଡା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର



**BRAHMAPUR DEVELOPMENT AUTHORITY**
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail:bedaengineers@gmail.com, Phone No.0680-2292797
NATIONAL COMPETITIVE BIDDING THROUGH e-PROCUREMENT
**INVITATION FOR BIDS (IFB)**
No.CAD-2964 No.19/BeDA (Engg.), Dt.06.01.2026

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Shifting of (500+100) KVA S/S at Multi Level car parking near traffic police out post, Old Bus Stand, Brahmapur | EM-BeDA-90/2025-26 | 13.57 | "D" Electrical Contractor | 01 (One) Calendar Month | 07.01.2026 10.00 Hours | 16.01.2026 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |

- All Corrigendum and addenda shall be published in official website only.
- The Bidder shall have to participate in ONLINE bidding only.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt.17.01.2026 at 11 Hours.
OIPR- Sd./- Engineer Member, Brahmapur Development Authority, Brahmapur



**Directorate of Technical Education & Training, Odisha**
At-Killamaidan, PO-Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com
NIT No. DTET/2025-26/259 Date: 07/01/2026
NOTICE INVITING TENDER FOR
Selection of an Agency/Bidder for assessment of Performance of the Govt. ITIs and Govt. Polytechnics/ Engineering Schools candidates under DTE&T, Odisha
No.KK-324 : DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).
The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further information [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.
OIPR- Sd./- DTE&T, Odisha, Cuttack



**GOVERNMENT OF ODISHA**
E-Procurement Notice
**Superintending Engineer, M.I. Division, Angul**
Bid Identification No.11 of 2025-26
E-mail ID- semidivisionangul@gmail.com
No.A-1244 Letter No.3704/ Date: 31.12.2025

| | | |
|---|---|---|
| 1. | Number of Works | 02 (Two) numbers of Civil Work |
| 2. | Approximate estimated cost | From 40.32 Lakh to 42.17 Lakh |
| 3. | Cost of Tender Paper | Rs.6000/- (Non-refundable) |
| 4. | Period of Completion | 04 (Four) Months |
| 5. | Date & Time of availability of bid document in the portal | Dt.08.01.2026 at 10.00 AM to Dt.15.01.2026 upto 5.00 P.M. |
| 6. | Last date/Time for receipt of bid in the portal | Dt.15.01.2026 upto 5.00 P.M. |
| 7. | Date of Opening of bid documents | Dt.16.01.2026 at 10.00 A.M. |
| 8. | Date of Lottery if required | Dt.29.01.2026 At 11.00 A.M. |
| 9. | Name and address of the Office Inviting Bid | Superintending Engineer, Minor Irrigation Division, Angul, At/ Po- Hakimpada, College Square, District: Angul, PIN- 759143, Ph.No.06764-236522, Email ID: semidivisionangul@gmail.com |
| 10. | The bidders have to participate in ONLINE bidding only. Further details can be seen from the e-Procurement Portal | http://tendersorissa.gov.in |

OIPR- Sd./- Superintending Engineer, M.I. Division, Angul



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର No.O-1963
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@gmail.com, Tel No.: 0680-2404287)
No. e-tender // 79 // RWC // BAM // Dated. 06.01.2026
2nd Corrigendum to Bid Identification No. Online Tender/42-2025-26/BPR
1) The partial modification of Road works under MMSY-CUVDA vide above identification has been made as follows.

| | | |
|---|---|---|
| 1 | Date of availability of tender | 02.02.2026 to 16.02.2026 upto 5.30 P.M. instead of 07.01.2026 to 21.01.2026 upto 5.30 P.M. |
| 2 | Last Date & Time of seeking tender clarification | 13.02.2026 at 5.30 P.M. instead of 19.01.2026 at 5.30 P.M. |
| 3 | Date of opening of Technical Bid | 17.02.2026 at 11.00 A.M. instead of 22.01.2026 at 11.00 A.M. |
| 4 | Date of opening of Financial Bid | Will be intimated later on. |

All other contents will remain unchanged.
OIPR- Sd./- Chief Construction Engineer R.W.Circle, Berhampur

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆ ୪-୧ରେ ଆଶେସ ଜିତିଲା

ସିଡ୍‌ନୀ,୮।୧(ଏପି)

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ(ଏସ୍‌ସିଜି)ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଗୁରୁବାର ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ ବ୍ୟବଧାନରେ ଜିତି ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୬୭ ରନ କରିଥିଲା। ୧୮୩ ରନ ପଛରେ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୪୨ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୧୬୦ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ଉଇକେଟରେ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଓପନର ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦୨/୮ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୨ ଉଇକେଟରେ ୪୦ ରନ ଯୋଡ଼ି ପାରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଜେକବ ବେଥେଲ ୧୫୪ ରନ କରି ଆଉଟ୍ ହୋଇଥିବା ବେଳେ ମାଥ୍ୟୁ ପଟ୍ସ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ବ୍ୟୁ ୱେବଷ୍ଟର ୩ ଲେଖାଏଁ ଏବଂ ସ୍କଟ ବୋଲାଣ୍ଡ ୨ ଉଇକେଟ ନେଇଥିଲେ। ୧୬୦ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଟ୍ରାଭିସ ହେଡ୍ (୨୯) ଓ ଜେକ ୱେଥରାଲ୍ଡ(୩୪)ଙ୍କ ଓପନିଂ ଯୋଡ଼ି ୬୨ ରନର ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁଇ ସେଟ୍ ବ୍ୟାଟର କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ମାର୍ନସ ଲାବୁସେନ (୩୭), ଅଧିନାୟକ ଷ୍ଟିଭ ସ୍ମିଥ (୧୨) ଓ ଖ୍ୱାଜା (୬)ଙ୍କ ଉଇକେଟ ହରାଇଥିଲା। କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳୁଥିବା ଖ୍ୱାଜା ବ୍ୟାଟିଂ କରିବାକୁ ଆସିବା ବେଳେ ତାଙ୍କୁ ଫିଲ୍ଡିଂ କରୁଥିବା ଇଂଲଣ୍ଡ ଦଳ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲା। ସେ ଆଉଟ୍ ହେବା ପରେ ଆଣ୍ଠେଇ ଫିଲ୍ଡକୁ କିସ କରି କ୍ରିକେଟକୁ ବିଦାୟ ଜଣାଇଥିଲେ। ଅନ୍ତିମ ଇନିଂସରେ ସେ ୬ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ୧୬ ଓ କାମେରନ ଗ୍ରୀନ ୨୨ ରନ କରି ଦଳକୁ ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ୩ ଓ ୱିଲ ଜ୍ୟାକ୍ସ ଗୋଟିଏ ଉଇକେଟ ହାତେଇଥିଲେ।



ଆଶେସ ଟ୍ରଫି ସହ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୬୭/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୪୨/ଅଲଆଉଟ୍(ଜେକବ ବେଥେଲ-୧୫୪, ମାଥ୍ୟୁ ପଟ୍ସ-୧୮*, ବ୍ୟୁ ୱେବଷ୍ଟର-୩/୬୪, ମିଚେଲ ଷ୍ଟାର୍କ-୩/୭୨)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୧/୫(ମାର୍ନସ ଲାବୁସେନ-୩୭, ଜେକ ୱେଥରାଲ୍ଡ-୩୪, ଜୋଶ ଟଙ୍ଗ-୩/୪୨)।

# ଆନ୍ତଃ ସ୍କୁଲ କ୍ରିକେଟ୍: କ୍ୱାର୍ଟରରେ ସାଇ ଇଣ୍ଟରନ୍ୟାଶନାଲ, ଭେଙ୍କଟେଶ୍ୱର

ଭୁବନେଶ୍ୱର,୮।୧(ଅନାଦି କର)

ଚଳିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୟୁନିଲାଇଟ୍ କପ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସାଇ ଇଣ୍ଟରନ୍ୟାଶନାଲ ଓ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଦିନର ପ୍ରଥମ କ୍ୱାର୍ଟର ଫାଇନାଲରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ୬ ଉଇକେଟରେ ଲୋୟଲା ଓଡ଼ିଶା ସ୍କୁଲକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲୋୟାଲା ସ୍କୁଲ ୧୮.୨ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଥିଲା। ଲୋୟଲା ପାଇଁ ମୋହିତ ମେହେର ୪୦ ରନ କରିଥିବା ବେଳେ ଭେଙ୍କଟେଶ୍ୱର ସ୍କୁଲ ପାଇଁ ଅସିମ ଏ ରାଉତ ୫ ଉଇକେଟ ନେଇଥିଲେ। ଜବାବରେ ଅମ୍ଳାନ ଅଭିଷେକଙ୍କ ୩୧ ଓ ସୁରଜ ଧଳଙ୍କ ୩୯ ରନ ବଳରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୪.୨ ଓଭରରେ ୪ ଉଇକେଟ ହରାଇ ୧୨୧ ରନ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୟୁନିଟ୍-୪ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୯.୫ ଓଭରରେ ୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ୬୮ ରନର ଟାର୍ଗେଟକୁ ସାଇ ଇଣ୍ଟରନ୍ୟାନଶନାଲ ୩.୫ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟାଂଶ ବିଧାର ୩୬ ଓ ରୁଦ୍ର ପି ସ୍ୱାଇଁ ୧୯ ରନ କରିଥିଲେ।



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଡାକାର ରାଲିରୁ ଓହରିଲେ ସଞ୍ଜୀୟ ଟାକ୍‌ଲେ

ନୂଆଦିଲ୍ଲୀ, ୮।୧ (ପି.ଟି.)

ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରତୀୟ ରାଲି ଡ୍ରାଇଭର ସଞ୍ଜୀୟ ଟାକ୍‌ଲେ ସାଉଦି ଆରବରେ ଚାଲିଥିବା ଡାକାର ରାଲିରୁ ପ୍ରାରମ୍ଭରେ ଓହରିଯିବାକୁ ବାଧ ହୋଇଛନ୍ତି। ୫୭ ବର୍ଷୀୟ ଫ୍ରାନ୍ସର ମାକ୍ସିମି ରଉ୍ଙ୍କ ସହ ରେସ୍‌ରେ ଭାଗ ନେଇଥିଲେ, ମାତ୍ର ଇଞ୍ଜିନଜନିତ ବିଫଳତା ପାଇଁ ଷ୍ଟେଜ୍-୩ରେ ପରେ ବାଇଭୋକ୍‌ରେ ପହଞ୍ଚିବା ପରେ ଇଞ୍ଜିନ ସମ୍ବନ୍ଧୀୟ ବିଫଳତା ପାଇଁ ଓହରିଯାଇଥିଲେ। ଜାନୁଆରୀ ୩ରୁ ସାଉଦି ଆରବର ୟାନ୍‌ବୁଠାର ରେସ୍ ଆରମ୍ଭ ହୋଇଛି।

# କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

**କୁଆଲାଲମ୍ପୁର, ୮।୧ (ପି.ଟି.):** ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ ସହ ଜାପାନର ଟୋମୋକା ମିୟାଜାକିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ସଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଦୀର୍ଘଦିନ ଧରି ଆଘାତଜନିତ ସମସ୍ୟାରେ ରହିବା ପରେ ଫେରିଥିବା ପୂର୍ବତନ ବିଶ୍ୱ ଚାମ୍ପିୟନ ମିୟାଜାକିଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିବା ଲାଗି ମାତ୍ର ୩୩ ମିନିଟ ସମୟ ନେଇଥିଲେ। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ବର୍ତ୍ତମାନ ୩ଥର ବିଶ୍ୱ ଚାମ୍ପିୟନ ତଥା ଚାଇନାର ଗାଓ ଫାଙ୍ଗ୍ ଜିଙ୍କୁ ୨୧-୧୧, ୪-୧୧, ୨୧-୧୭ରେ ହରାଇ ଦେଇଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ବ୍ରୋଞ୍ଜ ଜିତିଥିବା ଶୀର୍ଷ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ୧୭ନମ୍ବର ଜୁନେଦ ଆରିଫ ଓ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୮, ୨୧-୧୨ରେ ପରାସ୍ତ କରି ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଭାରତୀୟ ଯୋଡ଼ି ୨୦୨୫ରେ ହଂକଂ ଓପନ ଓ ଚାଇନା ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନଙ୍କ ବିଜୟ ପରାଜୟ ରେକର୍ଡ ୪-୦ରେ ପହଞ୍ଚିଛି।

# ୧୭ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ତୁର୍





ନୂଆଦିଲ୍ଲୀ, ୮।୧ (ପି.ଟି.)

**ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍**

ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଇନାର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଦଳର ନେତୃତ୍ୱ ନେବେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଶଟ୍‌ପୁଟର ତାଜିନ୍ଦରପାଲ୍ ସିଂ ତୁର୍। ଏହି ମହାଦେଶୀୟ ଇଭେଣ୍ଟରେ ଭାଗ ନେବା ଲାଗି ଦଳ ଫେବୃଆରୀ ୩ରେ ଭାରତ ଛାଡ଼ିବ। ତୁର୍‌ଙ୍କ ବ୍ୟତୀତ ଦଳରେ ଉଦୀୟମାନ ଶଟ୍ ପୁଟର ସମନଦୀପ ସିଂଙ୍କୁ ମଧ୍ୟ ସ୍ଥାନ ମିଳିଛି। **ଭାରତୀୟ ଦଳ: ପୁରୁଷ:** ମଣିକାନ୍ତ ହୋବ୍ଲିଧର (୬୦ମିଟର), ତେଜସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ଜେ. ଆଦର୍ଶ ରାମ୍ (ହାଇଜମ୍ପ), ସି.ଭି ଅନୁରାଗ ଓ ଶାହାନାୱାଜ ଖାନ୍ ( ଲଙ୍ଗ ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ଟ୍ରିପଲ ଜମ୍ପ), , ସମରନଦୀପ ସିଂ ଗିଲ୍ , ତାଜିନ୍ଦର ପାଲ୍ ସିଂ ତୁର୍ (ଶଟପୁଟ), ତେଜସ୍ୱିନୀୟ ଶଙ୍କର (ହେପ୍ଟାଥଲନ)। **ମହିଳା:** ନିଥ୍ୟା ଗାନ୍ଧେ, ଅଭିନୟ ରାଜାରଞ୍ଜନ (୬୦ମିଟରେ), ମୌମିତା ମଣ୍ଡଳ ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୬୦ମିଟର ହର୍ଡଲ୍ସ), ପୂଜା (ହାଇଜମ୍ପ), ଆନ୍‌ସି ସୋଜାନ ଏବଂ ମୌମିତା ମଣ୍ଡଳ (ଲଙ୍ଗଜମ୍ପ), ଯୋଗିତା (ଶଟ୍‌ପୁଟ୍) ଓ କେ. ଏ ଅନାମିକା (ପେଣ୍ଟାଥଲନ)।



ରାଞ୍ଚିଠାରେ ଗୁରୁବାର ମହିଳା ହକି ଇଣ୍ଡିଆ ଲିଗ୍‌ର ତୃତୀୟ ସ୍ଥାନ ପାଇଁ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ରାଞ୍ଚି ରୟାଲ୍ସ ୫-୨ ଗୋଲ୍‌ରେ ବିଜୟ ଲାଭ କରିଥିଲା।

# ଯୌନ ନିର୍ଯାତନା ମାମଲାରେ ଶୁଟିଂ କୋଚ୍ ନିଲମ୍ବିତ

**ନୂଆଦିଲ୍ଲୀ,୮।୧(ପି.ଟି.):** ଭାରତୀୟ ଶୁଟିଂ କୋଚ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ଜଣେ ନାବାଳିକା ଶୁଟର ଗୁରୁବାର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଥିଯୋଗୁ ଭରଦ୍ୱାଜଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଫରିଦାବାଦରେ ପୋକ୍‌ସୋ ଆଇନର ଧାରା ୬ ଓ ଭାରତୀୟ ନ୍ୟାୟ ସଂହିତାର ୩୫୧(୨) ଦଫାରେ ମାମଲା ରୁଜୁ କରାଯାଇଛି।

ଏନ୍‌ଆର୍‌ଏଆଇ ପକ୍ଷରୁ ଭରଦ୍ୱାଜଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ନୈତିକତା ଆଧାରରେ ନିଲମ୍ବିତ କରାଯାଇଛି ବୋଲି ଏନ୍‌ଆର୍‌ଏଆଇ ସମ୍ପାଦକ ରାଜିବ ଭାଟିଆ କହିଛନ୍ତି।

ଏଫ୍‌ଆଇଆର୍‌ରେ ପୀଡ଼ିତା ଦର୍ଶାଇଛନ୍ତି, କୋଚ୍ ତାଙ୍କୁ ବିଭିନ୍ନ ଭେନ୍ୟୁକୁ ଟ୍ରେନିଂ ଲାଗି ଡାକନ୍ତି। କିନ୍ତୁ ପ୍ରତ୍ୟେକ ଥର ସେ ଟ୍ରେନିଂ ସାରି ସମାନ ଦିନ ଘରକୁ ଫେରି ଆସେ। କିନ୍ତୁ ଘଟଣା ଦିନ କାର୍ନିଂ ସିଂ ରେଞ୍ଜରୁ ବାହାରିଲା ବେଳେ ଭରଦ୍ୱାଜ ତାଙ୍କୁ ପ୍ରଦର୍ଶନର ବିଶ୍ଳେଷଣ କରିବା ପାଇଁ ରହିବାକୁ କହିଥିଲେ। ଫରିଦାବାଦର ସୁରଜକୁଣ୍ଡ ଅଞ୍ଚଳରେ ଥିବା ଏକ ହୋଟେଲର ଲବିରେ ତାଙ୍କୁ ଭେଟିବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଅଧିକ ବିସ୍ତୃତ ଆଲୋଚନା ପାଇଁ ନିଜ ରୁମ୍‌କୁ ଡାକିଥିଲେ। ରୁମ୍‌ରେ କିଛି ସମୟ ଆଲୋଚନା ପରେ ସେ ମୋତେ ବଳପୂର୍ବକ ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ବିରୋଧ କରିବାରୁ କାହାକୁ ଏ ସମ୍ପର୍କରେ କହିଲେ, ମୋ କ୍ୟାରିୟର ଶେଷ କରିବାକୁ ଧମକ ଦେଇଥିଲେ।


# Classified Everyday 0674-2580101, 9692975378





**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500Sqft. ଫ୍ଲାଟ୍ 6,75,000/ରେ ବିକ୍ରି ହେବ। 9776974912. D-3065

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777





**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

**AFFIDAVIT**

By virtue of an affidavit dtd.- 08.01. 2026 sworn before Executive Magistrate, Bonth, Bhadrak, I, Saroj Kumar Sahoo, S/o.- Surendra Kumar Sahoo, Vill.- Purusandha, P.O.- B T Pur, P.S.- Agarapada, Dist.- Bhadrak, Odisha, PIN- 756115 declare that I have changed my name from Prafulla Sahoo to Saroj Kumar Sahoo. Henceforth, I shall be known as Saroj Kumar Sahoo for all purposes. D-3061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary, Jharsuguda, Dtd.- 28.12.25, I, Purnima Bhoi, W/o.- Abhin Bhoi, R/o.- Remja, Power House Pada, P.O./ P.S.- Brajrajnagar, Dist.- Jharsuguda (Odisha), PIN- 768216 declare that I have changed my name from Phenda Bhoi to Purnima Bhoi. Henceforth, I shall be known as Purnima Bhoi for all purposes.
Purnima Bhoi. D-3062

By virtue of affidavit No. 20 sworn before the Executive Magistrate, Nabarangpur, Dtd.- 05.01.2026, I, Madanabati Chandal, D/o.- Braja Chandal, Vill.- Mundaguda, P.O.- Bhatigaon, Via- Mirganiguda, Dist.- Nabarangpur, Odisha, PIN- 764058 declare that I have changed my name from "Madana Chandal" to "Madanabati Chandal". Henceforth, I shall be known as "Madanabati Chandal" for all purposes. D-3064

**LEGAL NOTICE**

**BEFORE THE HON'BLE JUDGE, FAMILY COURT, BHUBANESWAR.**
**C.P. No.- 867/ 2023**

**Amber Alam ...........Petitioner**
**-Vrs.-**
**Aisurya Sanghamitra Das ...........Respondent**

**NOTICE UNDER ORDER- 5 RULE- 20 OF C.P.C.**

**To**
**Aisurya Sanghamitra Das, aged about 41 years, W/o. Amber Alam, D/o. Sunuil Kumar Das, resident of At/ P.O.- Chakada, Via- Derabis, P.O. & P.S.- Kendrapara. At present residing at Qrs. No.- E/201, Block No.- 34, P.O/P.S.- Nayapalli, Bhubaneswar, Dist.- Khurda.**

**Whereas the above named Petitioner has preferred the proceeding for Divorce U/s. 27(1) (d) of the Special Marriage Act, 1954 against you and despite issuance of summons through the Court and by Regd. Post, you are keeping yourself out of the way to avoid service of summons.**

**You are hereby directed to appear before this Court in person or through a pleader duly instructed to answer the claim on 12.02.26 at 10.30 A.M.**

**Take notice that in default of your appearance the proceeding will be heard and determined in your absence.**

**Given under my hand and the seal of the Court this 16th day of December, 2025.**

**Sd./- Judge, Family Court Bhubaneswar** D-3066

# ନମ୍ବର ୱାନ୍-ଟୁ ଲଢ଼େଇ



ନିର୍ମଳ କୁମାର ମିଶ୍ର

**ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ଏକଦିବସୀୟ ଓ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ଭଦୋଦରାରେ ପ୍ରଥମ ଦିନିକିଆରୁ ଏହି ସିରିଜ ଆରମ୍ଭ ହେବ। ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଏବେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ଦୁଇ ଦଳ ସମକକ୍ଷ ହୋଇଥିବାରୁ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବ...**

ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଗସ୍ତରେ ଆସୁଛି ନ୍ୟୁଜିଲାଣ୍ଡ ଦଳ। ଏହି ସିରିଜରେ ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏକଦିବସୀୟ ସିରିଜରୁ ଅଭିଯାନ ଆରମ୍ଭ ହେବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନମ୍ବର 'ୱାନ' ଓ 'ଟୁ' ଦଳ ମଧ୍ୟରେ ମୁକାବିଲା ହେବ। ପ୍ରଦର୍ଶନ ଦୃଷ୍ଟିରୁ ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗରେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ୨୦୨୬ର ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରୁ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ। ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତୀୟ ଦଳ ଓ ଖେଳାଳିମାନେ ଜବରଦସ୍ତ ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଭାରତ ମାଟିରେ ନ୍ୟୁଜିଲାଣ୍ଡ ଦଳ କେବେ ହେଲେ ଏକଦିବସୀୟ ସିରିଜ ଜିତି ନାହିଁ। ଗତ ବର୍ଷ ଟେଷ୍ଟ ସିରିଜରେ ଭାରତକୁ ହ୍ୱାଇଟ ୱାଶ କରିବା ପରେ ନ୍ୟୁଜିଲାଣ୍ଡ ଦଳର ମନୋବଳ ଦୃଢ଼ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ଦଳ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜ ଓ ବିଶ୍ୱକପକୁ ଆଖି ଆଗରେ ରଖି ଦଳରେ କିଛି ପରିବର୍ତ୍ତନ କରାଯାଇଛି। ଆଗକୁ ଟି୨୦ ବିଶ୍ୱକପ ଏବଂ ଆଇପିଏଲ୍‌ର ୧୯ଶ ସଂସ୍କରଣ ଆସୁଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଖେଳାଳିଙ୍କ ଆହତ ସମସ୍ୟା ଉପରେ ବିସିସିଆଇ ଏବଂ ଚୟନ କମିଟି ବିଶେଷ ଧ୍ୟାନ ଦେବ।

ଟି୨୦ ବିଶ୍ୱକପକୁ ଏକ ମାସରୁ କମ୍ ସମୟ ଥିବା ବେଳେ ଏହି ଗସ୍ତ ଉଭୟ ବ୍ଲାକ୍‌କ୍ୟାପ ଏବଂ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହ୍ୱାଇଟ ବଲ ଫର୍ମାଟ୍‌ରେ ଦକ୍ଷିଣ ଆଫ୍ରିକାକୁ ଉଭୟ ଏକଦିବସୀୟ ଏବଂ ଟି୨୦ ଫର୍ମାଟ୍‌ରେ ଭାରତ ପରାସ୍ତ କରିଛି। ପ୍ରାୟ ଏକ ମାସର ବିଶ୍ରାମ ପରେ ନୂଆ ବର୍ଷ ୨୦୨୬ରେ ଏହି ପ୍ରଥମ ସିରିଜ ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଉଭୟ ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତ ଘରୋଇ ଏବଂ ବିଦେଶ ମାଟିରେ ଦବ୍‌ଦବା ଅବ୍ୟାହତ ରଖିଛି। ଟି୨୦ ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତ ତା'ର ଶକ୍ତିଶାଳୀ ଦଳ ଘୋଷଣା କରିସାରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଗତ ଟି୨୦ ବିଶ୍ୱ ଚାମ୍ପିୟନ ହୋଇଥିଲା। ୨୦୨୪ରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୦ମ ସଂସ୍କରଣର ଆୟୋଜକ ରହିଛି ଭାରତ ଓ ଶ୍ରୀଲଙ୍କା। ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ବାଂଲାଦେଶ ସହ ଭାରତର ରାଜନୈତିକ ସମ୍ପର୍କରେ ତିକ୍ତତା ଯୋଗୁ ଏହାର ପ୍ରଭାବ କ୍ରିକେଟ ଉପରେ ପଡ଼ିଛି। ପାକିସ୍ତାନ ତା'ର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବାକୁ ଥିବା ବେଳେ ଏବେ ବାଂଲାଦେଶ ମଧ୍ୟ ଖେଳିବାକୁ ଥିବା ସମସ୍ତ ମ୍ୟାଚ ନିରପେକ୍ଷ ଭେନ୍ୟୁ ଶ୍ରୀଲଙ୍କାରେ ଖେଳିବା ପାଇଁ ଆଇସିସିକୁ ଅନୁରୋଧ କରିଛି।

ଭାରତର ୪ ବ୍ୟାଟର୍ସ ବିଶ୍ୱର ପ୍ରଥମ ୧୦ଜଣ ଶ୍ରେଷ୍ଠ ବ୍ୟାଟର୍ସଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୧, ବିରାଟ କୋହଲି ୨, ଅଧିନାୟକ ଶୁଭମନ ଗିଲ ୫ ଏବଂ ଶ୍ରେୟସ ଆୟର ୧୦ ନମ୍ବର ସ୍ଥାନରେ ଅଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ବ୍ୟାଟର ଡାରେଲ ମିଚେଲ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏକଦିବସୀୟ ବୋଲିଂ ର୍‍ୟାକିଙ୍ଗରେ କୁଲଦୀପ ଯାଦବ ୩ନଂ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ୭ ଏବଂ ମ୍ୟାଟ ହେନେରୀ ୧୦ନଂ ସ୍ଥାନରେ ଅଛନ୍ତି। ସେ ଦୃଷ୍ଟି କୋଣରୁ ସିରିଜ ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। ଭାରତର ଦୁଇ ଭେଟରାନ ଷ୍ଟାର ବ୍ୟାଟର୍ସ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଚମତ୍କାର ଫର୍ମରେ ଅଛନ୍ତି ଏହି ଦୁଇ ତାରକା। ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଏକଦିବସୀୟ ସିରିଜ ପାଇଁ ମନୋନୀତ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଲୋକେଶ ରାହୁଲଙ୍କୁ ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇଛି। ଟି୨୦ ସିରିଜ ଓ ବିଶ୍ୱକପର ଗୁରୁତ୍ୱ ଦୃଷ୍ଟିରୁ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚୟନକର୍ତ୍ତା ବିଶ୍ରାମ ଦେଇଛନ୍ତି। ଅନ୍ୟପକ୍ଷରେ ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଟି୨୦ ବିଶ୍ୱକପରୁ ବାଦ ଦିଆଯାଇଛି। ଏକଦିବସୀୟ ସିରିଜରୁ ଏମାନଙ୍କ ଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

ଅନ୍ୟପକ୍ଷରେ ଦୀର୍ଘ ଦିନ ହେବ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ମହମ୍ମଦ ଶାମିଙ୍କୁ ଉପେକ୍ଷା କରାଯାଇଛି। ଏକଦିବସୀୟ ଫର୍ମାଟରେ ଜଣେ ସଫଳ ବୋଲରଙ୍କ ପାଇଁ ଏହି ଫର୍ମାଟ୍ ବନ୍ଦ ହୋଇଯାଇଛି କହିଲେ ଠିକ୍ ରହିବ। ଘରୋଇ ଫର୍ମାଟ୍‌ରେ ମୋଟ ୧୬ଟି ମ୍ୟାଚରୁ ଏପର୍ଯ୍ୟନ୍ତ ସେ ୪୭ଟି ଉଇକେଟ ନେଇଛନ୍ତି। ରଣଜୀ ଟ୍ରଫିରେ ୨୦, ବିଜୟ ହଜାରେ ଟ୍ରଫିରେ ୧୧ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୧୬ଟି ଉଇକେଟ ନେଇଥିବାରୁ ସେ ଚୟନ ଆଶା ରଖିଥିଲେ। ମାତ୍ର ତାହା ହୋଇନାହିଁ। ଦିନିକିଆରେ ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ପେସ୍ ଭାର ସମ୍ଭାଳିବେ। ଖରାପ ପ୍ରଦର୍ଶନ ସତ୍ତ୍ୱେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପୁନର୍ବାର ସୁଯୋଗ ମିଳିଛି। ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ପିନ ଆକ୍ରମଣର ସାମନା କରିବ କିୱି ଦଳ।

୩ଟି ଏକଦିବସୀୟ ମ୍ୟାଚ ଜାନୁଆରୀ ୧୧, ୧୪ ଓ ୧୮ ତାରିଖରେ ଭଦୋଦରା, ରାଜକୋଟ ଏବଂ ଇନ୍ଦୋରରେ ଖେଳାଯିବ। ୨୦୨୫ରେ ଭାରତ ଖେଳିଥିବା ମୋଟ ୧୪ଟି ଏକଦିବସୀୟ ମ୍ୟାଚରୁ ୧୧ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ୩ଟି ମ୍ୟାଚରେ ପରାଜିତ ହୋଇଛି। ଘରୋଇ ଏକଦିବସୀୟ ସିରିଜରେ ଭାରତ ୨୦୦୯ଠାରୁ ତା'ର ଦବ୍‌ଦବା ଅବ୍ୟାହତ ରଖିଛି। ୨୪ଟି ସିରିଜରେ ବିଜୟୀ ହୋଇଛି। ୨୦୧୯ରେ ଏକ ରୋମାଞ୍ଚକ ସିରିଜରେ ୨–୩ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତ ୧୧ଟି ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଖେଳି ୧୧ଟିରେ ବିଜୟୀ ହୋଇଛି। ଅଭିଜ୍ଞ କେନ ୱିଲିୟମସନ୍ ନ୍ୟୁଜିଲାଣ୍ଡ ଦଳରେ ନାହାନ୍ତି। ମାଇକେଲ ବ୍ରାସ୍‌ୱେଲ ଦଳର ଅଧିନାୟକ ହୋଇଥିବା ବେଳେ ଡାରେଲ ମିଚେଲ, ହେନେରୀ ନିକୋଲାସ, ଡେଭନ କନୱେ, ଗ୍ଲେନ ଫିଲପ୍ସ, ମ୍ୟାଟ ହେନେରୀ, କାଇଲ ଜେମିସନ, ଇଶ୍ ସୋଧିଙ୍କ ପରି ଦକ୍ଷ ଖେଳାଳ ରହିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ବିରାଟ କୋହଲି ୩୩ଟି ମ୍ୟାଚ ଖେଳି ୧୬୫୭ ରନ୍ ସଂଗ୍ରହ କରିଥିବା ବେଳେ ଏଥି ମଧ୍ୟରେ ୬ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ରହିଛି। ସେହିପରି ରୋହିତ ଶର୍ମା ଅନ୍ୟତମ ସଫଳ ବ୍ୟାଟର ଭାବେ ୩୧ଟି ମ୍ୟାଚ ଖେଳି ୧୦୭୩ ରନ୍ ସଂଗ୍ରହ କରିଥିବା ବେଳେ ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧ ଶତକ ରହିଛି। ଅନ୍ୟ ସଫଳ ବ୍ୟାଟର୍ସ ରୂପେ ଶୁବମନ ଗିଲ, କେ.ଏଲ ରାହୁଲ ଏବଂ ଶ୍ରେୟସ ଆୟାର ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ୧୩ ମ୍ୟାଚରୁ ୨୪ଟି ଉଇକେଟ ନେଇ ଆଗରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୩୯୭ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ରହିଥିବା ବେଳେ ୧୩ଥର ୩ଶହରୁ ଅଧିକ ରନ ଦଳଗତ ଭାବେ ସଂଗ୍ରହ କରିଛି। ଭାରତର ସର୍ବନିମ୍ନ ସ୍କୋର ୮୮ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ବିଶାଖାପାଟଣାରେ ୭୯ ରହିଛି। ସେହିପରି ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୩୪୯ ରନ୍ ରହିଛି। ନ୍ୟୁଜିଲାଣ୍ଡକୁ ଭାରତର ସ୍ପିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଆପଣେଇବା ଆଶାରେ ଥିବା ନ୍ୟୁଜିଲାଣ୍ଡ ଭାରତକୁ ଏହାର ଘରୋଇ ପରିବେଶରେ ହରାଇବାକୁ ହେଲେ କିଛି ଚମତ୍କାରିତା ଦେଖାଇବାକୁ ହେବ। ଉଭୟ ଦେଶ ମଧ୍ୟରେ ୧୨୦ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୬୨ ଓ ନ୍ୟୁଜିଲାଣ୍ଡ ୫୦ଟିରେ ବିଜୟୀ ହୋଇଛି। ୭ ମ୍ୟାଚର ଫଳାଫଳ ମିଳି ନ ଥିବା ବେଳେ ଗୋଟିଏ ମ୍ୟାଚ ଟାଇ ରହିଛି।

ଅନ୍ୟ ପକ୍ଷରେ ଟି୨୦ରେ ନ୍ୟୁଜିଲାଣ୍ଡ ଦଳ ବେଶ୍ ଶକ୍ତିଶାଳୀ। ବିଶ୍ୱକପ ପୂର୍ବରୁ ଏହି ସିରିଜରେ ଶେଷ ୫ଟି ଟି୨୦ ମ୍ୟାଚ ଖେଳିବ ଭାରତ। ନ୍ୟୁଜିଲାଣ୍ଡ ମଧ୍ୟ ଟି୨୦ରେ ବିଶ୍ୱକପ ଜିତିବା ପାଇଁ ଦୃଢ଼ ଦାବିଦାର ରହିଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ପକ୍ଷରୁ ଅଧିକ ସଫଳତା ପାଇଥିବା ଖେଳାଳି ହୋଇଥିବା ବେଳେ ଯଶପ୍ରୀତ ବୁମରା ୧୦ଟି ଟି୨୦ ମ୍ୟାଚରୁ ୧୨ଟି ଏବଂ ଅର୍ଶଦୀପ ସିଂ ୫ଟି ମ୍ୟାଚରୁ ୯ଟି ଉଇକେଟ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସଫଳ ବୋଲର ରୂପେ ଇଶ୍ ସୋଧି ୨୦ଟି ମ୍ୟାଚରୁ ୨୫ ଉଇକେଟ ଏବଂ ବ୍ୟାଟିଂରେ ଡାରେଲ ମିଚେଲ, ଡେଭନ କନୱେ, ଗ୍ଲେନ ଫିଲିପସ ସଫଳ ବ୍ୟାଟର୍ସ ରହିଛନ୍ତି। ମିଚେଲ ସାଣ୍ଟନର ବ୍ଲାକ୍‌କ୍ୟାପ ଦଳର ନେତୃତ୍ୱ ନେବେ। ଟି୨୦ରେ ଉଭୟ ଦେଶ ମଧ୍ୟରେ ୨୫ଟି ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୧୪ଟି ଏବଂ ନ୍ୟୁଜିଲାଣ୍ଡ ୧୦ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଛି। ରେକର୍ଡ ଦୃଷ୍ଟିରୁ ଉଭୟ ଏକଦିବସୀୟ ଓ ଟି୨୦ରେ ଭାରତ ପଲା ଭାରି ରହିଛି। ବିଶ୍ୱକପ୍ ପୂର୍ବରୁ ଦୁଇ ଶକ୍ତିଶାଳୀ ଟିମ୍ ମଧ୍ୟରେ ଲଢ଼େଇ ବେଶ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ଭାରତ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଏବେ ନମ୍ବର ୱାନ ଥିବାବେଳେ ବ୍ୟାଟର ଅଭିଷେକ ଶର୍ମା ଏବଂ ବୋଲର ବରୁଣ ଚକ୍ରବର୍ତ୍ତୀ ନଂ୧ ସ୍ଥାନରେ ରହିଛନ୍ତି।



ମାଇକେଲ ବ୍ରାସ୍‌ୱେଲ



ମିଚେଲ ସାଣ୍ଟନର



ଶୁବମନ ଗିଲ



ସୂର୍ଯ୍ୟକୁମାର ଯାଦବ

# ସାମାଜିକ ବାଧାକୁ ସଫଳ ଗୋଲକିପର

## ପ୍ରଭିନ କୁମାରୀଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା

**ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଅଭିଯାନର ପ୍ରମୁଖ ଚେହେରା...**



ପ୍ରଭିନ କୁମାରୀ

ଡିଉର ଘୋଘଲା ବିଚ୍‌ରେ ଚାଲିଛି ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ। ନୀଳ ସମୁଦ୍ର ତଟଦେଶର ବାଲି ଶଯ୍ୟା ଉପରେ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଦଳର ପ୍ରମୁଖ ଚେହେରା। ଲଢୁଆ ମନୋବୃତ୍ତିଲାଗି ବେଶ୍ ଜଣାଶୁଣା ପ୍ରଭିନ୍ ସାମାଜିକ ପ୍ରତିରୋଧ, ସ୍ୱଳ୍ପ ସମ୍ବଳ, ବ୍ୟକ୍ତିଗତ ସଂଘର୍ଷ ଭଳି ଅନେକ ବାଧାକୁ ପଛରେ ପକାଇ ହିମାଚଳ ପ୍ରଦେଶକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ଯଦିଓ ସେମିଫାଇନାଲରେ ଓଡ଼ିଶା ନିକଟରୁ ହାରି ଯାଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚର୍ଚ୍ଚାରେ ରହିଛି।

୨୬ ବର୍ଷୀୟା ପ୍ରଭିନଙ୍କର ଛୋଟ ବେଳରୁ କଦାପି ହାର ନ ମାନିବା ମନୋଭାବ ନଜରକୁ ଆସିଥିଲା। ଆଗକୁ ବଢ଼ିବା ସହ ସେ କ୍ରମେ ସଫଳତା ପାଇ ଜାତୀୟ ଦଳର ସଦସ୍ୟା ହେଲେ। ବିଚ୍‌ର ବାଲି ଉପରେ ଗୋଲକିପିଂ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ ପ୍ରଭିନ ଦକ୍ଷତା ବଳରେ ହିମାଚଳ ପ୍ରଦେଶକୁ ଏକ ଐତିହାସିକ ବିଜୟରୁ ଅଭିଯାନ କରିବାକୁ ସୁଯୋଗ ଦେଇଥିଲେ। ଗୋଡ଼ରେ ଆଘାତ ଲାଗିବା ସତ୍ତ୍ୱେ ସେ ନିଜର ପଦାର୍ପଣ ବିଚ୍ ଫୁଟବଲ ମ୍ୟାଚ୍‌ରେ ପଛୁଆ ଥିବା ହିମାଚଳ ପ୍ରଦେଶ ମହିଳା ଦଳକୁ ଦାଦ୍ରା ଓ ନଗର ହାଭେଳି ଏବଂ ଡାମନ ଓ ଡିଉ (ଡିଏନ୍‌ଏଚ୍ ଓ ଡିଡି) ବିପକ୍ଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚଖାଇଥିଲେ। ମ୍ୟାଚ୍‌ରେ ପ୍ରଭିନ ଅନେକ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ଯାହାଫଳରେ ହିମାଚଳ ପ୍ରଦେଶ ୭–୫ ଗୋଲରେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା।

ହିମାଚଳ ପ୍ରଦେଶର ଉନା ଜିଲାର ଖାଟଗାଁଓ ଗ୍ରାମରେ ଦିନମଜୁରିଆ ପରିବାରରେ ପ୍ରଭିନଙ୍କ ଜନ୍ମ। ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ପ୍ରଭିନ ଏବେ ଘରର ଦାୟିତ୍ୱ ନେବା ସହ ପରିବାର ଚଳାଇବାରେ ସହଯୋଗ କରୁଛନ୍ତି। ନିଜ ଅଭିଳାଷକୁ ପୂରା କରିବା ସହ ପାରିବାରିକ ଦାୟିତ୍ୱ ତୁଲାଇବା ପାଇଁ ସେ ଏବେ ଉନାରେ ଏକ ବେସରକାରୀ ସ୍କୁଲରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କ୍ରୀଡ଼ାରେ ତାଙ୍କ ଏଣ୍ଟ୍ରି ଖୁବ୍ ବିବାଦୀୟ ରହିଥିଲା। ଯେଉଁ ସମୟରେ ତାଙ୍କ ଗାଁରେ କ୍ରୀଡ଼ା କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ନାପସନ୍ଦ କରାଯାଉଥିଲା ସେତେବେଳେ ସେ ପୁରୁଷ ଖେଳାଳିଙ୍କ ସହ ଅଭ୍ୟାସ ଆରମ୍ଭ କରିଥିଲେ। ସାମାଜିକ ପ୍ରତିରୋଧ ଓ ସମ୍ବଳର ଅଭାବ ତାଙ୍କୁ ନିଜ ସ୍ୱପ୍ନ ପୂରା କରିବାରେ ରୋକିପାରି ନ ଥିଲା। ବ୍ୟକ୍ତିଗତ ନିର୍ଣ୍ଣୟ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଧୀରେ ଧୀରେ ସାମୂହିକ ବିଶ୍ୱାସରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ତାଙ୍କ ଆଖପାଖର କିଛି ମହିଳାଙ୍କୁ ଏକଜୁଟ କରିଥିଲେ। ବିନା ସମ୍ବଳ, ମାର୍ଗଦର୍ଶନ ଓ ଅନିୟମିତତାରେ ଆରମ୍ଭ ହୋଇଥିବା ଅଭିଯାନରେ ବିଶ୍ୱାସ ଭରପୂର ରହିଥିଲା। 'ଜୀବନ ସହଜ ନୁହେଁ। ମୁଖ୍ୟତଃ କ୍ରୀଡ଼ାକ୍ଷେତ୍ରରେ କ୍ୟାରିୟରର କରିବାକୁ ଚାହୁଁଥିବା ମହିଳାଙ୍କ ଲାଗି। ୧୦ ବର୍ଷ ତଳେ ମୁଁ ଯେତେବେଳେ ଟ୍ରେନିଂ ଆରମ୍ଭ କରୁଥିଲି, ଆମ ଗାଁରେ କେବଳ ପୁରୁଷ ଖେଳାଳିଙ୍କୁ ଉତ୍ସାହିତ କରାଯାଉଥିଲା। ସେତେବେଳେ ମହିଳାଙ୍କ ଲାଗି କୌଣସି ସ୍ଥାନ ନ ଥିଲା। ମୁଁ ପୁରୁଷ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିଥିଲି। କିନ୍ତୁ ପରେ ଖେଳିବା ପାଇଁ ମୋତେ କିଛି ଝିଅ ମିଳିଥିଲେ। ବିନା କୌଣସି ସମ୍ବଳ ଓ ଅନିୟମିତତା ମଧ୍ୟରେ ଆମେ ଟ୍ରେନିଂ ଆରମ୍ଭ କରିଥିଲୁ। କିନ୍ତୁ ଆମେ ପରବର୍ତ୍ତୀ ପିଢ଼ିର ମହିଳାଙ୍କ ଲାଗି ଉଦାହରଣ ସୃଷ୍ଟି କରିବାକୁ ଚାହୁଁଥିଲୁ। ଧୀରେ ଧୀରେ ସବୁକିଛି ଠିକ୍ ହୋଇଥିଲା। ବର୍ତ୍ତମାନ ଆମ ପାଖରେ ଏକ ସମ୍ପୂର୍ଣ୍ଣ ଦଳ ରହିଛି ଏବଂ ଆମେ ନିୟମିତ ଭାବେ ସ୍ଥାନୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ' ବୋଲି ପ୍ରଭିନ ପ୍ରକାଶ କରିଥିଲେ।

ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବା ପାଇଁ ଦଳକୁ ୧୦ ଦିନ ଧରି ସ୍ୱତନ୍ତ୍ର ଭାବେ ବାଲିରେ ପ୍ରସ୍ତୁତ ପଡ଼ିଆରେ ଖେଳିବାକୁ ପଡ଼ିଥିଲା। କିନ୍ତୁ ସମୁଦ୍ର କୂଳରେ ଖେଳିବା ଖେଳାଳିଙ୍କ ଲାଗି ଏକ ଚ୍ୟାଲେଞ୍ଜ। କାରଣ ଏହି ଖେଳ ଫିଲ୍ଡରେ ଖେଳାଯାଉଥିବା ଫୁଟ୍‌ବଲଠାରୁ ଅଧିକ ଦ୍ରୁତ ଏବଂ ଖେଳାଳିମାନେ ଶୀଘ୍ର କ୍ଲାନ୍ତ ହୋଇପଡ଼ନ୍ତି। ତେବେ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭଲ ପାଉଥିବା ପ୍ରଭିନ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟି ଯାଇଛନ୍ତି।

## ସାକ୍ଷୀ

ସ୍ପୋର୍ଟ ଜର୍ନାଲିଷ୍ଟ
ଆସୋସିଏଶନ୍‌ର
(ଓସ୍‌ଜା) ପ୍ରାଇଜ ପାଇଁ
ମନୋନୀତ ଯୁବ ଭାର ଉତ୍ତୋଳିକା
ରାଜ୍ୟ ପ୍ରୀତିସ୍ମିତା ଭୋଇ
ନିଷ୍ଠା ଓ ସାଧନା ନେଇ
ଜାତୀୟ ଓ ଅନ୍ତର୍ଜାତୀୟରେ ବେଷ୍ଟ
ନିରନ୍ତର ପଦକ ପାଇ।

ଓପନର ସ୍ମୃତି, ଶେଫାଳୀ ବର୍ମାଙ୍କ
ଓପନିଂ ଭାଗୀଦାରି
ରେଣୁକା ସିଂଙ୍କ କମାଲ ବୋଲିଂ
ଦୀପ୍ତି ବ୍ୟାଟିଂ ଯାଦୁକରି
ଲଙ୍କାନ ପାରିଲା ଧରି
ହରମନ ପ୍ରୀତ୍ କୌର ଟିମ୍ ବେଷ୍ଟ
ଟି୨୦ ସିରିଜ୍ ଧରି।

ଉତ୍ତରାଖଣ୍ଡର ରୁଦ୍ରପୁରଠାରେ
ଟ୍ରାକ ସାଇକ୍ଲିଂ ଶେଷ
ପାଞ୍ଚ ଇଭେଣ୍ଟରେ ପାଞ୍ଚ ପଦକ
ସାଇକ୍ଲିଷ୍ଟ ସ୍ୱସ୍ତି ଯଶ
ଗୁଡବାଏ ପୁରୁଣା ବର୍ଷ
ସାକ୍ଷୀ ଦି' ହଜାର ପଚିଶ ମସିହା
ସ୍ୱାଗତମ୍ ନୂଆବର୍ଷ।

–ସୁବାସ ଚନ୍ଦ୍ର ପ୍ରଧାନ




# ୩ୟ ଟାଇଟଲ ଲକ୍ଷ୍ୟରେ ମୁମ୍ବାଇ

**ନଭି ମୁମ୍ବାଇ,୮।୧(ପି.ଟି.)**

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ୨୦୨୪ ସଂସ୍କରଣର ଚାମ୍ପିୟନ ସ୍ମୃତି

## ଆଜିଠୁ ଡବ୍ଲ୍ୟୁପିଏଲ୍

ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ପରସ୍ପରକୁ ଭେଟିବେ। ଡବ୍ଲ୍ୟୁପିଏଲ୍‌ର ଏହି ସଂସ୍କରଣ ଦୁଇ ପର୍ଯ୍ୟାୟରେ ଯଥାକ୍ରମେ ନଭି ମୁମ୍ବାଇ ଓ ଭଦୋଦରାରେ ହେବ। ଏହି ଲିଗ୍ ଜରିଆରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିମାନେ ଆସନ୍ତା ଜୁନ ଓ ଜୁଲାଇରେ ଇଂଲଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବେ।

ମୁମ୍ବାଇ ଦଳରେ ହରମନଙ୍କ ସହ ଇଂଲଣ୍ଡର ଅଧିନାୟିକା ନାଟ ସ୍କିଭର-ବ୍ରୁଣ୍ଟ, ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ, ନ୍ୟୁଜିଲାଣ୍ଡର ଆମେଲିଆ



ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଖବରଦାତା ସମ୍ମିଳନୀରେ ସ୍ମୃତି ମନ୍ଧାନା ଓ ହରମନପ୍ରୀତ୍ କୌର।

କେର, ଅଷ୍ଟ୍ରେଲିଆର ମିଲି ଇଲିଂୱର୍ଥ ଓ ଭାରତର ଅମନଜୋତ କୌରଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ଜି କମଳିନୀଙ୍କ ଉପସ୍ଥିତି ଯୋଗୁ ପ୍ଲେଇଂ ଇଲେଭେନ ଚୟନ କରିବା ମୁମ୍ବାଇ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇପାରେ। ଶବନିମ ଇସମାଇଲ ଓ ସାଇକା ଇଶାକଙ୍କ ଭଳି ଖେଳାଳି ବୋଲିଂ ବିଭାଗ ସମ୍ଭାଳିବେ।

ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗ୍ସ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମଙ୍ଗ ସମ୍ଭାଳିଛନ୍ତି। ଏହି ଦଳ ଗତ ୩ ସିଜନର ଫାଇନାଲରେ ପରାସ୍ତ ହୋଇଛି। ଏଥର ଦଳ ପାଖରେ ଶେଫାଳି ବର୍ମା, ସ୍ନେହ ରାଣା, ଶ୍ରୀ ଚରନୀ, ଲୌରା ୱଲଭାର୍ଡଟ, ମାରିଜନେ କାପ, ଆଲାନା କିଙ୍ଗଙ୍କ ଭଳି ଖୁବ ବିପଦଜନକ ଖେଳାଳି ରହିଛନ୍ତି, ଯେଉଁମାନେ ଦଳକୁ ପ୍ରଥମ ଟ୍ରଫି ଜିତାଇପାରନ୍ତି।

ଆରସିବି ଦଳର ପ୍ରଦର୍ଶନ ଚଳିତ ସଂସ୍କରଣରେ କେଉଁ ଭଳି ରହିବ, ତାହା ମୁଖ୍ୟତଃ ଅଧିନାୟିକା ମନ୍ଧାନାଙ୍କ ଉପରେ ନିର୍ଭର କରେ। ଏଥର ଦଳ ପାଖରେ କିମ୍ବଦନ୍ତୀ ଏଲିସି ପେରୀ ନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ଜର୍ଜିଆ ଭଲ, ଅଲରାଉଣ୍ଡର ଗ୍ରେସ ହାରିସ ଓ ଦକ୍ଷିଣ ଆଫ୍ରିକାର ନାଦିନ ଡି କ୍ଲର୍କ, ରିଚା ଘୋଷ ଦଳର ବ୍ୟାଟିଂ ବିଭାଗ ସମ୍ଭାଳିବେ। ବୋଲିଂ ବିଭାଗରେ ଅରୁନ୍ଧତି ରେଡ୍ଡୀ, ପୂଜା ଭସ୍ତ୍ରକାର, ଲୌରେନ ବେଲ, ଲିନସି ସ୍ମିଥ, ରାଧା ଯାଦବ ଓ ଶ୍ରେୟଙ୍କା ପାଟିଲଙ୍କ ଭଳି ବିକଳ୍ପ ରହିଛନ୍ତି।

ପ୍ରଥମ ଦୁଇ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଗୁଜରାଟ ଜାଏଣ୍ଟ୍ସ ଗତ ବର୍ଷ ପ୍ଲେଅଫ୍ ଖେଳିଥିଲା। ଏଥର ଆଶଲେ ଗାର୍ଡନରଙ୍କ ନେତୃତ୍ୱାଧୀନ ଦଳରେ ରେଣୁକା ସିଂ ଠାକୁର, ରାଜେଶ୍ୱରୀ ଗାଏକ୍ୱାଡ, ଯଶତିକା ଭାଟିଆ, ବେଥ ମୁନି, ସୋଫି ଡିଭାଇନ, କିମ ଗାର୍ଥ, ଜର୍ଜିଆ ୱାରହାମଙ୍କ ଉପସ୍ଥିତି ଦଳର ଶକ୍ତି ବୃଦ୍ଧି କରିଛି।

ଏପର୍ଯ୍ୟନ୍ତ ଡବ୍ଲୁବିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବା ୟୁପି ୱାରିଅର୍ସ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏଥର ଦଳର ନେତୃତ୍ୱ ଭାର ମେଗ ଲାନିଂଙ୍କୁ ଦିଆଯାଇଥିବା ବେଳେ ଦଳରେ ପ୍ରତିକା ରାୱଲ, ଫୋଏବେ ଲିଚ୍‌ଫିଲ୍ଡ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, କ୍ଲୋ ଟ୍ରିଅନ, ଡିଆଣ୍ଡ୍ରା ଡଟିନ, ଶିଖା ପାଣ୍ଡେ, କ୍ରାନ୍ତି ଗୌଡ଼, ସୋଫି ଏକଲେଷ୍ଟୋନଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ତେବେ ଶିପ୍ରା ଗିରିଙ୍କ ଛଡ଼ା ଦଳରେ ଅନ୍ୟ କୌଣସି ଉଇକେଟକିପରଙ୍କ ଅଭାବ ଓ ଆହତ ସମସ୍ୟା ଦେଇ ଗତି କରୁଥିବା ପ୍ରତିକାଙ୍କୁ ଫିଟ୍‌ନେସ କ୍ଲିଅରାନ୍ସ ନ ମିଳିବା ଦଳର ସମସ୍ୟା ବଢ଼ାଇପାରେ।

**ସମୟଃ ସନ୍ଧ୍ୟା ୭:୩୦**
**ପ୍ରସାରଣଃ ଜିଓ ହଟଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ୧୬ରୁ




ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି କର୍ମକର୍ତ୍ତାଗଣ।

**ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଇ-ସ୍ପୋର୍ଟସ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ଏବଂ ସୋଆ ବିଶ୍ୱବିଦ୍ୟାଳୟର ସହଯୋଗରେ ୧୬ତମ ଓଡ଼ିଶା ଓପନ ଆନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଚଳିତ ମାସ ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁଥିବା ଏହି ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ୨୦ ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଅତିକମ୍‌ରେ ୧୫ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟର ଏଥିରେ ଭାଗନେବେ। ୪ ବର୍ଗରେ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏଥର ଏହି ପ୍ରତିଯୋଗିତା ସହ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ସହବନ୍ଧିତ ହୋଇଛି। କାଟେଗୋରି 'ଏ'ରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ, 'ବି'ରେ ୧୯୦୦ରୁ କମ୍, 'ସି'ରେ ୧୭୦୦ରୁ କମ୍ ରେଟିଂପ୍ରାପ୍ତ ଖେଳାଳି ଭାଗନେବେ। ଓପନ ବ୍ଲିଜ୍‌ରେ 'ଡି' ବର୍ଗ ପ୍ରତିଯୋଗିତା ହେବ। 'ଏ' ବର୍ଗଲାଗି ୨୫ ଲକ୍ଷ, 'ବି' ବର୍ଗରେ ୯, 'ସି' ବର୍ଗରେ ୯ ଏବଂ 'ଡି' ବର୍ଗଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରିର ସଭାପତି ରୋଟାରିଆନ ସୁଜିତ କୁମାର ରାଉତ, ଅଭ୍ୟର୍ଥନା କମିଟିର ଅଧକ୍ଷ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସମ୍ପାଦକ ତଥା ଟୁର୍ନାମେଣ୍ଟ କମିଟିର ସଦସ୍ୟ ଅଭିଷେକ ମିତ୍ର, ଟୁର୍ନାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଠୋର ଶ୍ରୀଲଙ୍କା ବ୍ୟାଟିଂ କୋଚ୍

**କଲମ୍ବୋ, ୮।୧ (ପି.ଟି.)**

ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଗୁରୁବାର ଭାରତର ପୂର୍ବତନ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କୁ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ଦେଇଛି ଶ୍ରୀଲଙ୍କା। ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରୁଛନ୍ତି। ରାଠୋର ଜାନୁଆରୀ ୧୮ରେ ଦାୟିତ୍ୱ ଗ୍ରହଣ କରିବେ। ସେ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।



ବିକ୍ରମ ରାଠୋର

ରାଠୋର ହେଉଛନ୍ତି ଭାରତର ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି। ଦେଶ ତରଫରୁ ସେ ୬ଟି ଟେଷ୍ଟ ମ୍ୟାଚ ଓ ୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୫୬ ବର୍ଷୀୟ ରାଠୋର ହେଉଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଲେଭଲ-୩ କୋଚ୍। ସେ ୨୦୧୯ ସେପ୍ଟେମ୍ବରରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଭାରତ ବ୍ୟାଟିଂ କୋଚ୍ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ରାଜସ୍ଥାନ ରୟାଲ୍ସର ଜଣେ ସପୋର୍ଟ ଷ୍ଟାଫ୍।

# ପରାଜୟରୁ ଓଡ଼ିଶାର ଅଭିଯାନ ଶେଷ

**ଅଲୁର,୮।୧**

## ବିଜୟ ହଜାରେ ଟ୍ରଫି

ଚଳିତ ବିଜୟ ହଜାରେ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ରେଲୱେଠାରୁ ପରାସ୍ତ ହୋଇଛି। ଏହି ପରାଜୟ ଯୋଗୁ ଗ୍ରୁପ-ଡି'ରେ ଓଡ଼ିଶା ୭ ମ୍ୟାଚ୍‌ରେ ୩ ବିଜୟ ଓ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ଏକଦା ୭୨ ରନ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ସମ୍ବିତ ଏସ୍ ବରାଳ (୫୦ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୪୩ ରନ, ୨ ଚୌକା ଓ ୧ ଛକା) ପଞ୍ଚମ ଉଇକେଟରେ ୮୦ ରନ ଯୋଡ଼ିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ସୌମ୍ୟ ରଞ୍ଜନ ଲେଙ୍କା (୫୬ ରନ୍, ୫ ଚୌକା ଓ ୪ ଛକା) ଏକାକୀ ଦଳୀୟ ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ଓଡ଼ିଶା ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ରେଲୱେ ପକ୍ଷରୁ ବରୁନ ଓ ରାଜ ଚୌଧାରୀ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାହାବ ଯୁବରାଜଙ୍କ ଅପରାଜିତ ୧୧୮ (୧୧ ଚୌକା ଓ ୨ ଛକା) ରନର ପାଳି ବଳରେ ରେଲୱେ ୪୫.୨ ଓଭରରେ ୫ ଉଇକେଟ ହରାଇ ୨୫୪ ରନ କରି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁବେର ଅଲୀ ଖାନ ଅପରାଜିତ ୬୫ (୩ ଚୌକା ଓ ୫ ଛକା) ରନ କରିଥିଲେ। ଓଡ଼ିଶାର ବୋଲରଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ସୌମ୍ୟ ରଞ୍ଜନ ଲେଙ୍କା-୫୬, ସମ୍ବିତ ଏସ୍ ବରାଳ-୫୦, ବିପ୍ଳବ ସାମନ୍ତରାୟ-୪୩, ରାଜ ଚୌଧାରୀ-୩/୩୨, ବରୁନ-୩/୫୩)। ରେଲୱେ: ୪୫.୨ ଓଭରରେ ୨୫୪/୫ (ସାହାବ ଯୁବରାଜ-୧୧୮*, ଜୁବେର ଅଲୀ ଖାନ-୬୫*, ଗୋବିନ୍ଦ ପୋଦ୍ଦାର-୨/୪୬)।

# ତିଳକ ବର୍ମାଙ୍କ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ, ୮।୧ (ପି.ଟି.)**

ଭାରତୀୟ ବ୍ୟାଟର ତିଳକ ବର୍ମାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କର ଗ୍ରୋଇନ୍ ସମସ୍ୟା



ରହିଥିଲା। ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର କେତୋଟି ମ୍ୟାଚରେ ମଧ୍ୟ ସେ ଖେଳି ନ ପାରନ୍ତି। ରାଜକୋଟଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ ଚାମ୍ପିୟନଶିପ୍‌ରେ ସେ ହାଇଦ୍ରାବାଦ ତରଫରୁ ଖେଳୁଥିବା ବେଳେ ଟେଷ୍ଟିକୁଲାର ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଗୋକୁଳ ହସ୍ପିଟାଲରେ ଭର୍ତ୍ତି କରାଯାଇ ତାଙ୍କର ସ୍କାନ୍ କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାର ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ତିଳକଙ୍କ ଅସ୍ତ୍ରେପଚାର ସଫଳ ହୋଇଛି। ତାଙ୍କର ଉନ୍ନତି ଘଟୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନାଗପୁରରେ ଜାନୁଆରୀ ୨୧ରୁ ଆରମ୍ଭ ହେବ।


# ଇଷ୍ଟକୋଷ୍ଟ ଖୋର୍ଦ୍ଧା, କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭଦ୍ରକ,୮।୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେ ଯାଜପୁର ଇଲେଭେନ୍ ଷ୍ଟାରକୁ ୬ ଉଇକେଟ୍‌ରେ ହରାଇଥିବା

## ମହାବୀର କପ୍

ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କଟକ ଜୁଭେନାଇଲ ଦଳକୁ ୩ ଉଇକେଟ୍‌ରେ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ ଟିମ୍ ବିଜୟୀ ହୋଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ଟସ୍ ଜିତି ଫିଲ୍ଡିଂ କରିଥିଲା। ଯାଜପୁର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୧ ରନ୍ କରିଥିଲା। ଦଳ ପକ୍ଷରୁ ଆତିଫ୍ ଗୁଲ୍‌ଜାର ୩୨ ରନ୍ କରିଥିବା




ଅଭିଷେକ କୁମାର ଯାଦବ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଳେ ସରତାଜ୍ ୨୮ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ମଳୟ କୁମାର ଜେନା ଓ ଜୟନ୍ତ କୁମାର ବେହେରା ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେ ୧୩.୪ ଓଭରରେ ୪ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୪୨ ରନ୍ ହାସଲ କରିଥିଲା। ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୪୪ ଓ ଗିରିଜା ରାଉତ ୩୮ ରନ୍ କରିଥିଲେ। ଅଭିଷେକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କଟକ ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୨୮ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୨୮ ରନ୍ ଓ ବାଦଲ କୁମାର ମଲ୍ଲିକ ୨୫ ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରଜ୍ୱଳ ଲାହା ଓ ବିଶ୍ୱଜିତ୍ ମହାପାତ୍ର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୮.୩ ଓଭରରେ ବିଶ୍ୱଜିତ୍ ମୁଖାର୍ଜୀଙ୍କ ୫୨ରନ୍ ସହାୟତାରେ ୭ ଉଇକେଟ୍ ହରାଇ ୧୩୦ ରନ୍ କରି ବିଜୟୀ ହୋଇଥିଲା। ବିଶ୍ୱଜିତ୍ ମୁଖାର୍ଜୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅତିଥି ଭାବେ ଭଦ୍ରକ ଜିଆର୍‌ପି ଇନ୍ସପେକ୍ଟର ପପୁ ନାୟକ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଦେବବ୍ରତ ଦାଶ ଓ ସତ୍ୟବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ରେଫରି ଓ କରନ ଖାନ୍ ସ୍କୋରର ଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ